# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 21 | ଭାଗ ୩୪ | ସଂଖ୍ୟା ୨୧ | Bhubaneswar | Sunday 13 April 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୧୩ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ଅଶ୍ୱିନୀଙ୍କ ବିରୋଧରେ ଗୁରୁତର ଅଭିଯୋଗ

ପୃଷ୍ଠା ୬

ତିନି ଭାରତୀୟ ବୈଜ୍ଞାନିକଙ୍କ ଗବେଷଣାରୁ ଚାଞ୍ଚଲ୍ୟକର ତଥ୍ୟ

# କୋଭିଡ୍ ପାଇଁ ବଢୁଛି ହୃଦ୍‌ଘାତ

**ଟେକ୍ସାସ୍,୧୨।୪:** ଗତ ୨୦୨୦ରେ ଭାରତ ସମେତ ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ କୋଭିଡ୍ ସଂକ୍ରମଣଜନିତ ବିପର୍ଯ୍ୟୟରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲେ। ଅବଶ୍ୟ ଇତିମଧ୍ୟରେ ଏହି ଭୟାବହ ଭୂତାଣୁ ଓ ଏହାର ପ୍ରଭାବ ଯଥେଷ୍ଟ ପଛରେ ପଡ଼ିଯାଇଛି। କିନ୍ତୁ ନିକଟରେ ତିନି ଭାରତୀୟ ବୈଜ୍ଞାନିକଙ୍କ ମିଳିତ ଗବେଷଣାରୁ ଯାହା ତଥ୍ୟ ଆସିଛି, ତାହା କୌଣସି ସଂକ୍ରମିତଙ୍କୁ ଭୟର ବାତାବରଣ ଭିତରକୁ ଠେଲିଦେବା ନିଶ୍ଚିତ। କାରଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ସୁସ୍ଥତା ଲାଭ କରିଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଗ ନେଇ ଯଥେଷ୍ଟ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ଉକ୍ତ ଗବେଷଣା ତଥ୍ୟରୁ ସ୍ପଷ୍ଟ ହୋଇଛି। ଅର୍ଥାତ୍ ଯଦି କୌଣସି ବ୍ୟକ୍ତିବିଶେଷ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି, ତା'ହେଲେ ତାଙ୍କୁ ଏବେ ହୃଦ୍‌ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। କୋଭିଡ୍ ଓ ହୃଦରୋଗ ସମ୍ପର୍କରେ ଥିବା ଏହି ଲିଙ୍କକୁ ସାମ୍ନାକୁ ଆଣିଥିବା ତିନି ଗବେଷକଙ୍କ ମଧ୍ୟରେ ଅଛନ୍ତି ଆମେରିକାର ୟୁନିଭର୍ସିଟି ଅଫ୍ ଟେକ୍ସାସରେ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡକ୍ଟର ସରୋଜ କୁମାର ପଣ୍ଡା ମଧ୍ୟ ଅଛନ୍ତି।

କୋଭିଡ୍ ସଂକ୍ରମଣ ପରଠାରୁ ବିଶ୍ୱବ୍ୟାପୀ ଏନେଇ ଅନେକ ଗବେଷଣା ଜାରି ରହିଥିବା ବେଳେ ଦୁଇ ଅନ୍ୟ ଭାରତୀୟଙ୍କ ସହ କାର୍ଯ୍ୟରତ ଓଡ଼ିଆ ବୈଜ୍ଞାନିକ ଡକ୍ଟର ପଣ୍ଡାଙ୍କ ଏ ସମ୍ପର୍କିତ ମିଳିତ ଗବେଷଣାରୁ ମିଳିଛି ତଥ୍ୟ ଅନୁସାରେ, କୋଭିଡ୍ ପାଇଁ ବଢୁଛି ହୃଦରୋଗ ଓ ହୃଦଘାତ। କୋଭିଡ୍ ସଂକ୍ରମଣରୁ ସୁସ୍ଥ ହୋଇଥିବା ବ୍ୟକ୍ତିମାନେ



ଅଧିକ ପରିମାଣରେ ହୃଦରୋଗର ଶିକାର ହେଉଛନ୍ତି। ଏନେଇ ଗବେଷକ ଡକ୍ଟର ପଣ୍ଡାଙ୍କ କହିବା କଥା ଯେ କୋଭିଡ୍ ଭାଇରସର ସ୍ପାଇକ୍ ପ୍ରୋଟିନ୍ ହୃତପିଣ୍ଡରେ ଥିବା ଏସିଇ-୨ ପ୍ରୋଟିନ୍ ସହ ସଂଯୁକ୍ତ ହୋଇ ହୃଦୟ ଓ ରକ୍ତନଳୀର ସ୍ନାୟୁକୁ ଦୁର୍ବଳ କରିଦିଏ। କୋଭିଡ୍ ଭାଇରସ୍ ଶରୀରରେ ପ୍ରବେଶ ପରେ ରକ୍ତକଣିକାରେ ଥିବା ଫେବ୍ରିନୋଜେନ୍ ନାମକ ପ୍ରୋଟିନ୍ (ସାଧାରଣତଃ ରକ୍ତକୁ ଜମାଟ ବାନ୍ଧିବାରେ ସହାୟକ ହୋଇଥାଏ) କୋଭିଡ୍ ଭାଇରସର ସ୍ପାଇକ୍ ପ୍ରୋଟିନ୍ ସହ ମିଶି ରକ୍ତ ପ୍ରବାହରେ ବାଧା ସୃଷ୍ଟି କରେ। ଫଳରେ କୋଭିଡରୁ ସୁସ୍ଥ ହୋଇଥିଲେ ବି ଏହି କାରଣରୁ ପରେ ବ୍ଲକେଜ୍ ବଢ଼ି ହୃଦଘାତ ଭଳି ସମସ୍ୟା ହୋଇଥାଏ।

ଏହାଛଡ଼ା ଫିବ୍ରିନୋଜେନ୍ ପ୍ରୋଟିନ କୋଭିଡ୍ ଭାଇରସର ସ୍ପାଇକ୍ ପ୍ରୋଟିନ ସହ ମିଶିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବି କ୍ରମଶଃ ହ୍ରାସ ପାଉଛି। ଯାହାଦ୍ୱାରା କୋଭିଡ୍ ଆକ୍ରାନ୍ତ ରୋଗୀ ଅନ୍ୟାନ୍ୟ ରୋଗର ମଧ୍ୟ ଶିକାର ହେଉଛନ୍ତି। ଗବେଷଣାଲବ୍ଧ ଏହି ତଥ୍ୟ ଅନ୍ତର୍ଜାତୀୟ ସାଇନ୍ସ ଜର୍ଣ୍ଣାଲ୍ 'ଏସିଏସ୍ ଫାର୍ମାକଲୋଜି ଆଣ୍ଡ୍ ଟ୍ରାନ୍ସଲେସନାଲ ସାଇନ୍ସ'ରେ ପ୍ରକାଶ ପାଇବା ପରେ ବିଶ୍ୱର ବହୁ ଗବେଷକ ଏଥିରେ ଏକମତ ଥିବା ଡକ୍ଟର ପଣ୍ଡା କହିଛନ୍ତି। ଏବେ ଏହା ଉପରେ ଔଷଧ ବିକାଶ ପାଇଁ ଗବେଷଣା ଚାଲିଥିଲା ବେଳେ ଡାକ୍ତରମାନେ ଆଣ୍ଟି କୋଗୁଲାଣ୍ଟ ଥେରାପି ବ୍ୟବହାର କରି ଏହି ସମ୍ଭାବନାକୁ ହ୍ରାସ କରିପାରିବେ ବୋଲି ସେ କହିଛନ୍ତି।

ନେତାଙ୍କୁ ନଡ୍ଡାଙ୍କ ଟିପ୍ସ

# ଅହଂକାର ଛାଡ଼




**ପୁରୀ,୧୨।୪(ସଂଚାର ବ୍ୟୁରୋ):** ସଂଗଠନକୁ ଆହୁରି ମଜବୁତ କରିବା ସହ ଦଳ ମଧ୍ୟରେ ରହିଥିବା ଅସନ୍ତୋଷକୁ ପ୍ରଶମିତ କରିବା ଏବଂ ସରକାର ଓ ଦଳ ସମାନ୍ତରାଳ ଭାବେ ଚାଲିବା ନେଇ ବିଧାୟକ, ସାଂସଦ, ମନ୍ତ୍ରୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା। ପୁରୀରେ ଆଜିଠାରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ବ୍ୟକ୍ତିତ୍ୱରେ ସୁଧାର ଆଣି ତୃଣମୂଳ ସ୍ତରରେ ଲୋକଙ୍କ ସହ ରହିବାକୁ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି ନଡ୍ଡା। ଏଥିପାଇଁ ସେ ଦଳର ନେତା, ବିଧାୟକ ଓ ସାଂସଦଙ୍କୁ ୧୪ସୂତ୍ରୀ ମନ୍ତ୍ର ଦେଇଛନ୍ତି।

- ଗ୍ରୁପିଜିମ୍ କି ଚାପଲୁସି ନ କରିବାକୁ ତାଗିଦ
- ଦଳିତ ପରିବାରକୁ ଯୋଜନାର ଲାଭ ପହଞ୍ଚାଅ
- ଅଫିସରଙ୍କ ସହ ସମ୍ପର୍କ ରଖି କାମ ଆଦାୟର କଳା ଶିଖ
- ସରକାର ସହ ସଂଗଠନକୁ ନେଇକି ଚାଲ
- ଗ୍ରାଉଣ୍ଡରେ ଲୋକଙ୍କ ସହ ସୁସମ୍ପର୍କ ରଖ
- ଅଙ୍ଗନବାଡି ଓ ମେଡିକାଲରେ ସମୟ ବିତାଅ

ଗ୍ରୁପଜିମ୍ କି ଚାପୁଲିସି ନକରି ଏକ ହୋଇ ରହିବାକୁ ପଢ଼ାଇଲେ ପାଠ। କହିଲେ କ୍ୟାମେରା ଲେନ୍ସ ପାଖକୁ ଯାଅନି, ଏମିତି କାମ କର ଯେମିତି ତୁମ ପାଖକୁ ଲେନ୍ସ ଆସିବ। ବିଧାୟକ, ସାଂସଦ କି ମନ୍ତ୍ରୀ ବୋଲି ଗର୍ବ-ଅହଂକାର ଛାଡ଼। ପ୍ରଥମେ ନିଜର ବ୍ୟକ୍ତିତ୍ୱ ବନାଅ, ଅଙ୍ଗନବାଡି କେନ୍ଦ୍ର ଓ ମେଡିକାଲକୁ ଯାଇ ଅଧ ଘଣ୍ଟା ଲେଖାଏଁ ବସ। ନିଜ ଅଞ୍ଚଳର ଦଳିତ ପରିବାର ସହ ସମ୍ପର୍କରେ ରୁହ। ଅଫିସରଙ୍କ ସହ ଭଲ ସମ୍ପର୍କ ରଖି କାମ ଆଦାୟ କରିବା ଶିଖ। ସରକାର ସହ ସଂଗଠନକୁ ନେଇକି ଚାଲ। ପ୍ରଶିକ୍ଷଣ ବର୍ଗରେ ବିଧାୟକ ଏବଂ ସାଂସଦମାନଙ୍କୁ କିଛି ଏମିତି ଟାସ୍କ ଦେଇଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ।

ପ୍ରଶିକ୍ଷଣ ଶିବିରରେ ଘଣ୍ଟାଏରୁ ଅଧିକ ସମୟ ଧରି ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀମାନଙ୍କ କ୍ଲାସ ନେଇଥିଲେ ନଡ୍ଡା। ସରକାର, ସଂଗଠନ ଏବଂ ସୁସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ। କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଭଲ ଭାବେ ବୁଝି ଲୋକଙ୍କୁ ବୁଝାଅ। ତାହା କେତେଦୂର କାର୍ଯ୍ୟକାରୀ ହେଉଛି, ଗ୍ରାଉଣ୍ଡକୁ ଯାଇ ଦେଖ। ଏମିତିକି ଅଙ୍ଗନବାଡି ଓ ମେଡିକାଲରେ ଯାଇ ସମୟ ବିତାଅ। ନିଜ ନିଜ ଅଞ୍ଚଳର ଦଳିତ ପରିବାର ସହ ସମ୍ପର୍କ ରଖି ସେମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କର।

ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ➪ପୃଷ୍ଠା-୬

ନ୍ୟାସନାଲ ହେରାଲ୍ଡ ମାମଲା: କଂଗ୍ରେସକୁ ଇଡି ଝଟ୍‌କା

# ୭୦୦ କୋଟିର ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ



**ନୂଆଦିଲ୍ଲୀ,୧୨।୪:** ବହୁଚର୍ଚ୍ଚିତ ନ୍ୟାସନାଲ୍ ହେରାଲ୍ଡ ମାମଲାରେ ଆଜି କଂଗ୍ରେସକୁ ଜବରଦସ୍ତ ଝଟ୍‌କା ଲାଗିଛି। କାରଣ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଆଜି କଂଗ୍ରେସ ନିୟନ୍ତ୍ରିତ ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍ (ଏଜେଏଲ୍) ବିରୋଧରେ ଅର୍ଥ ହେରଫେର ତଦନ୍ତରେ ଆଟାଚ୍ କରିଥିବା ପାଖାପାଖି ୬୬୧ କୋଟି ଟଙ୍କାର ସ୍ଥାବର ସମ୍ପତ୍ତିକୁ ଦଖଲ କରିବା ସକାଶେ ନୋଟିସ୍ ହୋଇଛି। ଇଡି ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଗତକାଲି ସ୍ଥାନୀୟ ଆଇଟିଓସ୍ଥିତ ହେରାଲ୍ଡ ହାଉସ୍, ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଏହାର ପରିସର ଓ ଲକ୍ଷ୍ନୌର ବିଶେଶ୍ୱର ନାଥ ରୋଡ୍‌ସ୍ଥିତ ଏଜେଏଲ୍ ଭବନରେ ନୋଟିସ ଲଗାଯାଇଛି। ଉକ୍ତ ନୋଟିସରେ ପରିସରକୁ ତୁରନ୍ତ ଖାଲି କରିବା କିମ୍ବା ମୁମ୍ବାଇ ସମ୍ପତ୍ତି ମାମଲାରେ ଭଡ଼ାକୁ ଇଡିକୁ ହସ୍ତାନ୍ତର କରିବାକୁ କୁହାଯାଇଛି। ଅର୍ଥ ହେରଫେର ନିବାରଣ ଆଇନ (ପିଏମ୍‌ଏଲ୍‌ଏ)ର ଧାରା-୮ ଏବଂ ନିୟମ-୫(କ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ ଇଡି ଜବତ କରିଥିବା ଓ ବିଚାରକ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ସମ୍ପତ୍ତିର ଦଖଲ ନେବାର ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଇଡି ଗତ ୨୦୨୩ ନଭେମ୍ବରରେ ଆଟାଚ୍ କରିଥିଲା। ଏହି ଅର୍ଥ ହେରଫେର ମାମଲା ଏଜେଏଲ୍ ଏବଂ ୟଙ୍ଗ ➪ପୃଷ୍ଠା-୬

# ଲାଗୁହେଲା ହେଲା ବିଶ୍ୱବିଦ୍ୟାଳୟ ଆଇନ

## ଉଚ୍ଚଶିକ୍ଷାରେ ନୂତନ ସୂର୍ଯ୍ୟୋଦୟ: ସୂର୍ଯ୍ୟବଂଶୀ

**ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଲାଗୁହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪। ଆଜି ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଧେୟକ,୨୦୨୪କୁ ସ୍ୱୀକୃତି ପ୍ରଦାନ କରିବା ପରେ ଏହି ଆଇନ ଓଡ଼ିଶାରେ ଲାଗୁ କରାଯାଇଛି। ଗତ ଏପ୍ରିଲ ୨ ତାରିଖରେ ବିଧାନସଭାରେ ରାତି ତମାମ ଆଲୋଚନା ହେବା ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ), ବିଧେୟକକୁ ବିଧାନସଭାରେ ପାରିତ କରାଯାଇଥିଲା। ଆଜି ଏହି ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ ଆଜିଠାରୁ ସାରା ରାଜ୍ୟରେ ଲାଗୁହୋଇଛି। ଆଜି ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ରାଜ୍ୟରେ ଶିକ୍ଷା ➪ପୃଷ୍ଠା-୬

ରାଜ୍ୟବ୍ୟାପୀ ଅଭାବନୀୟ ସ୍ଥିତି

# କଥା କଥାକେ ବୁଲୁଛି ଖଣ୍ଡା, ଫୁଟୁଛି ବନ୍ଧୁକ

**ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ):** ରାଜ୍ୟବ୍ୟାପୀ ଆଇନଶୃଙ୍ଖଳାକୁ ନେଇ ସୃଷ୍ଟି ହୋଇଛି ଏକ ଅଭାବନୀୟ ସ୍ଥିତି। କେଉଁଠି ନାବାଳକ ପୁଅ ବାପାକୁ ହାଣୁଛି ତ କେଉଁଠି ଭାଇ ଭାଇକୁ ମାରୁଛି। କେନ୍ଦୁଝର, ଖଲ୍ଲିକୋଟ, ବଲାଙ୍ଗୀର, ବାଲେଶ୍ୱର, ବାଙ୍କି ସବୁଠୁ ସୃଷ୍ଟି ହୋଇଛି ଅଶାନ୍ତ ପରିବେଶ। କଥା କଥାକେ ଖଣ୍ଡା କାତି ସାଙ୍ଗକୁ ବନ୍ଧୁକ ଗର୍ଜୁଛି। ଆଜି ଏକ ଅଶୁଭ ଶନିବାରରେ ରାଜ୍ୟରେ ଏମିତି ଏକାଧିକ ଘଟିଥିବା ବେଳେ ୩ଟି ସ୍ଥାନରେ ବୀଭତ୍ସ ହତ୍ୟା ସବୁଠୁ ଅଧିକ ଚାଞ୍ଚଲ୍ୟ ସୃଷ୍ଟି କରିଛି।




ଭାଇକୁ ମାରୁଛି ଭାଇ, ବାପାକୁ ହାଣୁଛି ପୁଅ

ସବୁଠାରୁ ହୃଦୟ ବିଦାରକ ହତ୍ୟାକାଣ୍ଡର ଖବର ଆସିଛି କେନ୍ଦୁଝର ଜିଲ୍ଲାରୁ। ଟାଙ୍ଗିଆରେ କକାର ମୁଣ୍ଡକାଟି ବ୍ୟାଗରେ ପୂରାଇ ଶୁଆକାଟି ଫାଣ୍ଡିରେ ପୁତୁରାର ଆତ୍ମସମର୍ପଣ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ, ବାଂଶପାଳ ବ୍ଲକ ସଦର ଥାନା ତଳକଇଁସାରୀ ଗାଁର ହରି ଦେହୁରୀ। କିଛିଦିନ ଧରି ଉଭୟ ହରି ଦେହୁରୀ ଓ କବି ଦେହୁରୀଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଗତକାଲି ରାତିରେ ଦଣ୍ଡନାଚ ଦେଖିବାକୁ ଉଭୟ ହରି ଦେହୁରୀ ଓ କବି ଦେହୁରୀ ଯାଇଥିଲେ। ସେଠାରୁ ଫେରିବା ବାଟରେ ରାତିରେ ହରି ଦେହୁରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା କବି ଦେହୁରୀ।

ସେହିଭଳି ବଲାଙ୍ଗିରରେ ସୁଧ କାରବାରରୁ ହତ୍ୟା ହୋଇଛି। ବଲାଙ୍ଗୀର ସରଗାଡ଼ ଗାଁରେ ଜଣକୁ ପିଟି ପିଟି ହତ୍ୟା ଘଟଣାର ୨୪ ଘଣ୍ଟା ନପୂରୁଣୁ ସହରରେ ଆଉ ଏକ ହତ୍ୟାକାଣ୍ଡ ଘଟିଛି। ଟିମିନିଭାଟି ପଡାଠାରେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ ପଡାବାସୀ। ମୃତକ ଟିମିନିଭାଟି ଅଞ୍ଚଳର ରାମ ଦାସକୁ ବିଚ ରାସ୍ତାରେ ବାଇକରେ ବାନ୍ଧି ➪ପୃଷ୍ଠା-୬

# ପାଣ୍ଡିଆନଙ୍କ କଥାରେ ମିଛ କହୁଛନ୍ତି ନବୀନ

ରାଗ ଶୁଝାଉଛନ୍ତି ପୂର୍ବତନ ସାଂସଦ ପାଟ୍ଟଶାଣୀ

**ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):** ବିଜେଡି ବିବାଦରେ ଦଳୀୟ ନେତା ଯେତିକି ଚିନ୍ତିତ ନୁହଁନ୍ତି, ବିଜେଡିରୁ ଏକଦା ବିତାଡିତ ହୋଇଥିବା ଏବଂ ଦଳରେ ପ୍ରତ୍ୟାଖ୍ୟାତ ନେତାମାନେ ଅଧିକ ଉତ୍ସାହିତ। ଯେଉଁଥିପାଇଁ ଦଳରେ ନଥାଇ ବି ବହୁ ନେତା ବିଜେଡି ସମ୍ପର୍କରେ ମତ ମନ୍ତବ୍ୟ ଦେବା ଆରମ୍ଭ କଲେଣି। ଆଜି ଏମିତି ଏକ କ୍ରମରେ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କ ଉପରେ ବର୍ଷିଛନ୍ତି ପୂର୍ବତନ ବିଜେଡି ସାଂସଦ ତଥା ବର୍ତ୍ତମାନର ବିଜେପି ନେତା ପ୍ରସନ୍ନ ପାଟ୍ଟଶାଣୀ।





ପାଣ୍ଡିଆନଙ୍କ କଥାରେ ନବୀନ ପଟ୍ଟନାୟକ ଭୀଷଣ ମିଛ କହୁଛନ୍ତି। ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେବା କହିବା ସବୁଠୁ ବଡ଼ ମିଛ। ପାଣ୍ଡିଆନଙ୍କ ଯୋଗୁଁ ବିଜେଡି ନିର୍ବାଚନ ହାରିଛି। ବିଜେଡିରେ ନେତାମାନେ ଅଣନିଃଶ୍ୱାସୀ ହୋଇଗଲେଣି। ପର ବୁଦ୍ଧିରେ ବାଟ ଚାଲିଲେ ଘର ଭାଙ୍ଗିବ। ପାଣ୍ଡିଆନ ପାଇଁ ବିଜେଡି ଦଳର ଏପରି ବିପର୍ଯ୍ୟୟ। ତଥାପି ନବୀନ କାହିଁକି ପାଣ୍ଡିଆନଙ୍କୁ ଛାଡ଼ିପାରୁନାହାନ୍ତି ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ପ୍ରସନ୍ନ ପାଟ୍ଟଶାଣୀ ଆକ୍ଷେପ କରି କହିଛନ୍ତି।

ୱାକଫ୍ ବିଲ୍‌କୁ ନେଇ ବିଜେଡିରେ ଚାଲିଥିବା ବିଦ୍ରୋହ ମଧ୍ୟରେ ଆଜି ପାଟ୍ଟଶାଣୀଙ୍କ ଏଭଳି ବିସ୍ଫୋରକ ବୟାନ ରାଜନୀତିକୁ ଆହୁରି ସରଗରମ୍ କରିଛି। ବିଜେଡି ➪ପୃଷ୍ଠା-୬

## ଗୋଟିଏ ହୁଇସିଲରେ ଭାଙ୍ଗିଯିବ ବିଜେଡି

ରାଜ୍ୟରେ ୱାକଫ୍ (ସଂଶୋଧନ) ବିଲ୍ ପ୍ରସଙ୍ଗରେ ବିଜେଡିରେ ଜାରି ରହିଥିବା ଝଡ଼ ଥମିବାର ନାଁ ଧରୁନଥିବା ବେଳେ ଏବେ ଏଥିରେ ଏଣ୍ଟ୍ରି ମାରିଛନ୍ତି ବିଜେପି ବିଧାୟକ ଜୟନାରାୟଣ ମିଶ୍ର।



ଗୋଟିଏ ପଟେ ବିଜେଡି ମୁଖ୍ୟଙ୍କୁ ଦଳର ଏକାଧିକ ନେତା ପ୍ରଶ୍ନ ପଚାରିବା ଆରମ୍ଭ କରିଥିବା ବେଳେ ଏହା ପଛରେ ତାଙ୍କର ଭୂମିକା ଥିବା ଦାବି କରିଛନ୍ତି ବିଧାୟକ ଶ୍ରୀ ମିଶ୍ର। ସେ କହିଛନ୍ତି ଯେ ଏବେ ବିଜେଡିର ଯେଉଁସବୁ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ କିଛି କହିବାର ସାହସ କୁଳାଇଛନ୍ତି, ସେମାନଙ୍କୁ ସେ (ଜୟନାରାୟଣ) ହିଁ ସାହସ ଦେଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ବିଜେଡି ନେତାଙ୍କ ଅସଲ ମୁଖା ଖୋଲିବ। ଯେଉଁମାନେ ବି ରାଜ୍ୟର ଖଣି ଓ ପାଣି ଲୁଟିଛନ୍ତି, ସେମାନଙ୍କୁ ଆଦୌ କ୍ଷମା ଦିଆଯିବ ନାହିଁ ବୋଲି ➪ପୃଷ୍ଠା-୬

# ଇଭିଏମ୍ ସମ୍ପୂର୍ଣ୍ଣ ସୁରକ୍ଷିତ, ହେରଫେର ଅସମ୍ଭବ: ସିଇସି



**ନୂଆଦିଲ୍ଲୀ,୧୨।୪ (ସଂଚାର ବ୍ୟୁରୋ):** ଭାରତରେ ବ୍ୟବହୃତ ହୋଇଆସୁଥିବା ଇଭିଏମ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଏଥିରେ କୌଣସି ପ୍ରକାର ହେରଫେର ଅସମ୍ଭବ ବୋଲି ମତ ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନ୍ (ସିଇସି) ଜ୍ଞାନେଶ କୁମାର। ଆମେରିକାର ନ୍ୟାସନାଲ୍ ଇଣ୍ଟେଲିଜେନ୍ସର ଡାଇରେକ୍ଟର ତୁଲସୀ ଗାବାର୍ଡ ନିକଟରେ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିବା ବେଳେ ଏନେଇ ପ୍ରତିକ୍ରିୟା ଦେଇ ଶ୍ରୀ କୁମାର ଉପରୋକ୍ତ ମତ ଦେଇଛନ୍ତି। ସେ କହିଛନ୍ତି ଯେ ସାର୍ବଜନୀନ କ୍ଷେତ୍ରର କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ଇଭିଏମ୍ ଭାରତରେ ବ୍ୟବହାର କରାଯାଇଛିଓ ଏହି ମେସିନଗୁଡ଼ିକର ଆଇନଗତ ପରୀକ୍ଷଣ କରାଯାଇଛି। ତା'ଛଡ଼ା ➪ପୃଷ୍ଠା-୬

# ଆତ୍ମଗର୍ବୀଙ୍କୁ ଶ୍ରୀମୟୀଙ୍କ ଟେର୍ଚ୍ଛା ବାଣ

**ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):** ବିଜେଡିରେ ଏବେ ପ୍ରତିଷ୍ଠାତା ସଦସ୍ୟ ଓ ବୋଲକରା ସଦସ୍ୟଙ୍କ ମଧ୍ୟରେ ଶୀତଳଯୁଦ୍ଧ ଚାଲିଥିବା ବେଳେ ଏହା ଭିତରକୁ କୁଦିଛନ୍ତି ଦଳର ମହିଳା ନେତ୍ରୀ ଶ୍ରୀମୟୀ ମିଶ୍ର। ଶ୍ରୀମତୀ ମିଶ୍ର ସୋସିଆଲ ମିଡିଆରେ ମାରିଥିବା ଟେର୍ଚ୍ଛା ବାଣରେ କାହାକୁ ଘାଇଲା କରାଯାଇଛି, ତାହାକୁ ନେଇ ଏବେ ଚର୍ଚ୍ଚା।

ବିଜେଡିରେ ଚାଲିଥିବା ଘମାସାନରୁ ନାରୀନେତ୍ରୀମାନେ ଦୂରେଇ ରହିଥିବା ବେଳେ ବରିଷ୍ଠ ନେତ୍ରୀ ଶ୍ରୀମୟୀ କିନ୍ତୁ ଆଜି ସୋସିଆଲ ମିଡିଆରେ ଏମିତି କିଛି ଇଙ୍ଗୀତ କରିଛନ୍ତି, ଯାହା ବହୁ ଲୋକଙ୍କ କଳାକର୍ମ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଶ୍ରୀମୟୀ ଜଗନ୍ନାଥଙ୍କୁ ସାକ୍ଷୀ ରଖି ଲେଖିଛନ୍ତି, କରି କରାଉ ଥାଉ ତୁହି, ତୋ ବିନୁ ଅନ୍ୟ ଗତି ନାହିଁ, ହେ ଜଗନ୍ନାଥ, ଆତ୍ମଗର୍ବୀ ମଣିଷ ବେଳେବେଳେ ଭାବିଦିଏ, କରି କରାଉ ଥାଏ ମୁହିଁ... ହେଲେ ମହାପ୍ରଭୁ ଠିକଣା ସମୟରେ ଠିକଣା ଜବାବ ଦେଇଥାନ୍ତି। ଏଥି ସହିତ ଆଉ କିଛି କଥା ବି ସମାନ ଭାବନାରେ ଲେଖିଛନ୍ତି ଶ୍ରୀମୟୀ।

ତେବେ ଶ୍ରୀମୟୀଙ୍କ ବାଣ କାହା ଉପରକୁ, ତାହାକୁ ବିଜେଡିରେ ଅନେକ ବୁଝୁଥିଲେ ବି ମୁହଁ ଖୋଲୁନାହାନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନ ସମୟରେ ଶ୍ରୀମୟୀ ଭୁବନେଶ୍ୱର

କାହାକୁ ଇଙ୍ଗୀତ କଲେ ବିଜେଡି ନେତ୍ରୀ

ଦଳରେ ଜୋର ଧରିଲା ଚର୍ଚ୍ଚା

ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ପାଇଁ ସ୍ଥିର ହେବା ପରେ ଦଳ ବଳ ସହ ମଇଦାନକୁ ଓହ୍ଲାଇଥିଲେ। ଚାରିଆଡେ ତାଙ୍କର ପୋଷ୍ଟର ଓ ହୋର୍ଡିଂ ଲାଗିଥିଲା। ହେଲେ ହଠାତ୍ ପାଇଲଟ ଚାକିରି ଛାଡି ଆସିଥିବା ସୁର ତନୟ ମନ୍ମଥ ରାଉତରାୟ ବିଜେଡିରେ ଯୋଗ ଦେବାର




କେଇ ମିନିଟ୍ ମଧ୍ୟରେ ଶ୍ରୀମୟୀଙ୍କ ଟିକଟ ଛଡାଇ ନେଇଥିଲେ। ଏହା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲେ ବି ଦଳର ଶୃଙ୍ଖଳିତ ସଦସ୍ୟା ଭାବେ ଶ୍ରୀମୟୀ ମୁହଁ ଖୋଲିନଥିଲେ।

ମନ୍ମଥ ନିର୍ବାଚନରେ ଶୋଚନୀୟ ଭାବେ ହାରିଥିଲେ। ହେଲେ ଯେତେବେଳେ ଶଙ୍ଖ ଭବନରେ ଖୋରଧା ଜିଲ୍ଲାର ନିର୍ବାଚନୀ ସମୀକ୍ଷା ହେଲା ସେତେବେଳେ ସମସ୍ତଙ୍କ ସାମ୍ନାରେ ଶ୍ରୀମୟୀଙ୍କୁ ଅପମାନିତ କରିବାକୁ ମନ୍ମଥ ପଛାଇନଥିଲେ। ସେତେବେଳେ ବିଜେଡିର ଅନ୍ୟ କେହି ଶ୍ରୀମୟୀଙ୍କୁ ଯେଭଳି ସୁରକ୍ଷା ଦେବା କଥା ତାହା ଦେଇନଥିଲେ। ଏହା ପରଠାରୁ ଶ୍ରୀମୟୀ ନିରବତା ଅବଲମ୍ବନ ସହିତ ଦଳୀୟ କାର୍ଯ୍ୟକ୍ରମରୁ ଏକପ୍ରକାର ଦୂରେଇ ରହୁଥିଲେ।

ଏବେ ୱାକଫ୍ ବିଲ୍‌କୁ ନେଇ ବିଜେଡିରେ ଚାଲିଥିବା ଲଢେଇ ସମୟରେ ଶ୍ରୀମୟୀ ଆଗକୁ ଆସିଛନ୍ତି। ମଉକା ଦେଖି ପାହାର ଦେଇଛନ୍ତି ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି। ଦୀର୍ଘଦିନରୁ ଦଳର ଶୃଙ୍ଖଳିତ ନେତ୍ରୀ ଥିବା ଶ୍ରୀମୟୀଙ୍କୁ ଯେଭଳି ବାରମ୍ବାର ➪ପୃଷ୍ଠା-୬

# ଦିନକରେ ୨ଟନ୍ ଗଞ୍ଜେଇ ଜବତ

**କୋରାପୁଟ,୧୨।୪(ସଂଚାର ବ୍ୟୁରୋ):** ଫେଲ୍ ମାରିଲା ଗଞ୍ଜେଇ ମାଫିଆଙ୍କ ଚାଲାଣର ଭିନ୍ନ ତରିକା। ଚାରା ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ କରୁଥିଲେ ହେଁ ପୁଲିସ୍ ନଜରରୁ ବର୍ତ୍ତିପାରିନାହାନ୍ତି। କୋରାପୁଟ ଜିଲ୍ଲା ବୁଡିଙ୍ଗ ଜଙ୍ଗଲରୁ ସୁଦୂର ରାଜସ୍ଥାନକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏହାକୁ ପାଡୁଆ ପୁଲିସ୍ ଜବତ କରିଛି। ଏଥିସହ ଏହି ଘଟଣାରେ ଡ୍ରାଇଭର୍‌କୁ ଗିରଫ କରିଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ ଅଖିଳେଶ୍ୱର ସିଂ ଯୋଗଦେବା ପରେ ଗଞ୍ଜେଇ ମାଫିଆଙ୍କ ଉପରେ ଜୋରଦାର ଚଢ଼ଉ ଆରମ୍ଭ ହୋଇଛି। ଯାହାର ଫଳସ୍ୱରୂପ ପାଖାପାଖି ୨ ଟନ୍ ଗଞ୍ଜେଇ ଜବତ ହୋଇଛି।





ରାଜସ୍ଥାନକୁ ଚାଲାଣ ହେଉଥିଲା

ଚାରା ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର୍ ଗିରଫ

ବୁଡିଙ୍ଗ ଜଙ୍ଗଲରୁ ରାଜସ୍ଥାନକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପାଡୁଆ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ ପାଡୁଆ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ହିମାଂଶୁ ବେନିଆ ଓ ଦୀପକ ବାରିକଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ ପାଡୁଆ ରାସ୍ ଛକ ନିକଟରେ ନାକାବନ୍ଦୀ କରି ଗାଡିମଟର ଯାଞ୍ଚ ଆରମ୍ଭ କରିଦେଇଥିଲେ। ସେହି ସମୟରେ ବୁଡିଙ୍ଗ ଜଙ୍ଗଲ ଅଞ୍ଚଳରୁ ଏକ ନିମଚାରା ବୋଝେଇ ଆଇଚର ଟ୍ରକ ଦ୍ରୁତ ଗତିରେ ଆସୁଥିବା ଦେଖି ପୁଲିସ ତାକୁ ଅଟକାଇଥିଲା।

ତେବେ ପୁଲିସ୍‌କୁ ଦେଖିବା ମାତ୍ରେ ଟ୍ରକରେ ଥିବା ଜଣେ ଗଞ୍ଜେଇ ➪ପୃଷ୍ଠା-୬

# ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୧୨।୪ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୭ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଲା ନିକଟରେ ପ୍ରଭାତୀ-୩ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩ କୁଇଣ୍ଟାଲ ମାଛ, ୧ଟି ଜି ପି ଏସ, ୧ଟି ଭିଏଚଏଫ, ୧ଟି ଫିସଫାଇଣ୍ଡର, ୭ଟି ଜାଲ ଓ ୧ଟି ମୋବାଇଲ ଜବତ କରାଯାଇଛି। ଟ୍ରଲର ଥିବା ମତ୍ସ୍ୟଜୀବୀମାନେ ହେଲେ ବାସୁଦେବ ଗିରି, ସୂର୍ଯ୍ୟକାନ୍ତ ଗିରି, ବିଶ୍ୱରଞ୍ଜନ ମଲ୍ଲିକ, ବାସୁଦେବ ବେରା, ମାଧବ ପଣ୍ଡା, ସୁଦର୍ଶନ ପ୍ରଧାନ, ମହେନ୍ଦ୍ର ଭୁୟାଁ ପ୍ରମୁଖ ୭ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ରେ ମୋକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡା ଜିଲ୍ଲାର ବୋଲି ଜଣାପଡିଛି।

# ବିଳମ୍ବିତ ରାତିରେ ଅଟୋରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ



**ପଟ୍ଟାମୁଣ୍ଡାଇ,୧୨।୪ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମଣ୍ଡପତା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ଅଟୋରେ କିଛି ଅଜଣା ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଯାହାଫଳରେ ଅଟୋଟି ପୋଡି ପାଉଁଶ ହୋଇଯାଇଛି। ଏହି ଅଟୋ ନିକଟରେ ଥିବା ଦୁଇଟି ମୋଟର ସାଇକେଲ ମଧ୍ୟ ପୋଡି କ୍ଷତିଗ୍ରସ୍ତ ହୋଇଛି। ସମ୍ପୃକ୍ତ ମଣ୍ଡପତା ଗାଁରେ ରାମଚରିତ ମାନସ ପାରାୟଣ ଚାଲିଥିବାବେଳେ ଏହି ଅଘଟଣ ଘଟିଛି। ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପତା ସାହୁ ସାହିର ସନ୍ତୋଷ ସାହୁ ୩ମାସ ତଳେ ଏକ ନୂଆ ଅଟୋ କିଣିଥିଲେ। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏହି ଅଟୋରେ ନିଆଁ ଲଗାଇ ଦେଇଥିଲେ ବୋଲି ଅଟୋ ମାଲିକ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅଟୋ ନିକଟରେ ଥିବା ଦୁଇଟି ମୋଟରସାଇକେଲ ମଧ୍ୟ ନିଆଁରେ ପୋଡି କ୍ଷତିଗ୍ରସ୍ତ ହୋଇଛି। ଗତକାଲି ରାତିରେ ମଣ୍ଡପତା ସାହୁସାହିରେ ଶ୍ରୀରାମ ଚରିତ ମାନସ ପାରାୟଣ ଚାଲିଥିବା ବେଳେ ହଠାତ ଏକ ଅଟୋ ଜଳୁ ଥିବା ଗାଁ ଲୋକମାନେ ଦେଖିବାକୁ ପାଇଥିଲେ। ତେବେ ଗାଁ ଲୋକମାନେ ତୁରନ୍ତ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଅଟୋଟି ସଂପୂର୍ଣ୍ଣ ଜଳି ଯିବା ସହିତ ନିକଟରେ ଥିବା ଦୁଇଟି ମୋଟର ସାଇକେଲ ମଧ ଜଳି ଯାଇ ଥିଲା। ଶେଷରେ ଗାଁ ଲୋକମାନେ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ତେବେ ପଟ୍ଟାମୁଣ୍ଡାଇରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କଲା ବେଳକୁ ଅଟୋ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

# ତହସିଲ ଷ୍ଟାମ୍ପ ଭେଣ୍ଡରଙ୍କ ସନ୍ଦେହଜନକ ମୃତ୍ୟୁ, ୨ ଗିରଫ

**ଗରଦପୁର,୧୨।୪ (ସଂଚାର ବ୍ୟୁରୋ):** ପାଟକୁରା ଥାନା ଗରଦପୁର ତହସିଲ ଷ୍ଟାମ୍ପ ଭେଣ୍ଡରଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ଆହୁରି ସନ୍ଦେହ ଘେରକୁ ଯାଉଛି। ଗତ ୧୦ ତାରିଖ ଭେଣ୍ଡର ବଂଶୀଧରଙ୍କ ଝୁଲନ୍ତା ମୃତ ଶରୀର ମିଳିବା ପରେ ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ଅଣାୟତ ପରିସ୍ଥିତିକୁ ପୁଲିସ ରୋକ ଲଗାଇବା ସହ ୨ ଦିନ ମଧରେ ଘଟଣାରେ ସାମିଲ ଥିବା ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। ଏସ୍ପିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଛି। ମୃତ ବଂଶୀଧର ପତ୍ନୀ ଗାୟତ୍ରୀ ମିଶ୍ରଙ୍କ ଅଭିଯୋଗ କ୍ରମେ ଜଣେ ୱେବ ସାମ୍ବାଦିକ ବାବୁଲି ମଲ୍ଲିକ ଏବଂ ଏକ ଘରୋଇ ବୈଦ୍ୟୁତିକ ଗଣମାଧମର ସାମ୍ବାଦିକ ପ୍ରତୀକ ମିଶ୍ରଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି। ଘଟଣାରେ ସାମିଲ ଥିବା ଅନ୍ୟ ଦୁଇଜଣ ଦମୟନ୍ତୀ ପାଣି, ଉମାକାନ୍ତ ପାଣି ଫେରାର ଥିବା ବେଳେ ଶୀଘ୍ର ଗିରଫ କରାଯିବାକୁ ପୁଲିସ ପ୍ରତିଶୃତି ଦେଇଛି।

## ମେଡିକାଲ କଲେଜ ଦାବି ନେଇ ଆନ୍ଦୋଳନ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

# ଦେଖିବାକୁ ମିଳିଲେନି ପୁରୁଣା କର୍ମୀ



**କେନ୍ଦ୍ରାପଡ଼ା,୧୨।୪ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ତରଫରୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ଦୋଳନ ଏପ୍ରିଲ ୧୬ ତାରିଖରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ହେବ। କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ, ତଥା ପୌରାଂଚଳର ବିଜେଡିର ନେତାମାନେ ଏହି ବୈଠକରେ ଯୋଗଦେଇ ମେଡିକାଲ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ଅବିଚାରର ଦୃଢ଼ ଜବାବ ଦେବାକୁ ଘୋଷଣ କରାଯାଇଛି। କିନ୍ତୁ ଏହି ବୈଠକରେ ଦଳର ପୁରୁଣା କର୍ମୀ ମାନଙ୍କୁ ଦେଖିବାକୁ ମିଳିନଥିଲା। ଯାହା ଫଳରେ ଦଳରେ କନ୍ଦଳ ସୃଷ୍ଟି ହୋଇଥିବା ସ୍ପଷ୍ଟ ଭାବରେ ଜଣାପଡିଥିଲା।

ବିଧାୟକ ଗଣେଶ୍ୱର ବେହେରା କଂଗ୍ରେସ ପ୍ରୀତିରେ ରହି ସେମାନଙ୍କୁ ଗୁରୁତ୍ୱ ଦେଉଥିବାରୁ ଦଳ ପାଇଁ ଦୀର୍ଘ ବର୍ଷ କାର୍ଯ୍ୟ କରିଆସିଥିବା କର୍ମୀ ଏବେ ଅଣଦେଖା ଭଳି ରହିଛନ୍ତି। ଯାହା ଫଳରେ ଏହି ବୈଠକରେ ପୁରୁଣା କର୍ମୀ ନିଜକୁ ଦୂରେଇ ରଖିଥିବା ଆଲୋଚନା ଜୋର୍ ଧରିଛି। ଅନ୍ୟପଟେ ରାଜ୍ୟ ସରକାର ଜଗତସିଂହପୁର, ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ କରିବା ପାଇଁ ସରକାର ନିଷ୍ପତି ଘୋଷଣା କରିଥିବା ବେଳେ କେନ୍ଦ୍ରାପଡାକୁ ଅଣଦେଖା କରିଛନ୍ତି। ଜିଲ୍ଲାର ସ୍ୱାର୍ଥପାଇଁ ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରିବାର ସଂକଳ୍ପ ନେଇଛି। ସେହିଦିନ ଗରାପୁର ବିଜେଡି କାର୍ଯ୍ୟାଳୟ ଠାରୁ ଏକ ବିରାଟ ବାଇକ ଶୋଭାଯାତ୍ରା ତିନିମୁହାଣୀ, ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ଦେଇ ଜିଲ୍ଲା କାର୍ଯ୍ୟାଳୟ ନିକଟରେ ପହଁଚି ସେଠାରେ ପ୍ରତିବାଦ ସଭା କରାଯାଇ ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲ୍ଲପାଳଙ୍କୁ ପ୍ରଦାନ କରାଯିବ। ଏହି ବିକ୍ଷୋଭରେ ଜିଲ୍ଲାର ୪ ବିଜେଡି ବିଧାୟକ ସାମିଲ ହେବେ ବୋଲି ସୂଚନା ମିଳିଛି।

ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସଭାପତି ଧିରେନ ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ପୌର ଅଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ରୋସନା ସାହୁ, ରାଜେଶ ଦାସ, ରଂଜିତ ସାହୁ, ରଶ୍ମି ରଂଜନ ରାଉତ, ଆଲୋକ ସାହୁ, ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ ଜେନା, ସ୍ୱୟଂପ୍ରଭା କର, ଯଜାତି କେଶରୀ ମହାନ୍ତି, ପ୍ରଦ୍ୟୁମ୍ନ ଜେନାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ତେବେ ପୁରୁଖା ବିଜେଡିର ବହୁ ନେତାଙ୍କୁ ବୈଠକରେ ଦେଖିବାକୁ ମିଳିନଥିଲା।



# ଚୈତ୍ର ପୂର୍ଣ୍ଣିମାରେ ରଘୁନାଥ ଜୀଉ ବେଶରେ ପ୍ରଭୁ ବଳଦେବଜୀଉ

**କେନ୍ଦ୍ରାପଡ଼ା,୧୨।୪ (ସଂଚାର ବ୍ୟୁରୋ):** ଶନିବାର ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ପ୍ରଭୁ ବଳଦେବଜୀଉ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ବେଶ ପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ହୋଇଥିଲା। ପ୍ରଥମେ ସୂତା ମଉଳି ଦିଆଯାଇ ମଣ୍ଡଳ ପିନ୍ଧା ଯାଇଥିଲା। ପରେ ଶ୍ରିଭୂଜ, ଶ୍ରୀ ପୟର, ପାଟ କୋଦଣ୍ଡସର, ଅଷ୍ଟମଲରେ ସଜ୍ଜିତ ବେଶରେ ଆଳତି କରାଯାଇଥିଲା। ପୂର୍ଣ୍ଣିମା ଥିବାରୁ ଭକ୍ତଙ୍କ ଭିଡ଼ ଜମିବା ସହିତ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଭକ୍ତ। ରାତ୍ରଧୂପ ସମ୍ପନ୍ନ ପରେ ଛତ୍ରକାଟ ନୀତି ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଅଙ୍ଗରୁ ଆଜ୍ଞାମାଳ ପରିବେଷଣକାରୀଙ୍କୁ ଦିଆଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାସହ ରାମାୟଣର କିଛି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରତ୍ନସିଂହାସନରେ ଭିବିଷଣ ଲାଗି କରାଯାଇ ମହାସ୍ନାନ ହୋଇଥିଲା। ଚଳନ୍ତି ପ୍ରତିମା ରାମ ଟୁଙ୍ଗିକୁ ଯାତ୍ରା କରିଥିଲେ ମଧ ରାତ୍ରରେ ବଡ଼ସିଂହାର ପୁଷ୍ପାଞ୍ଜଳି ହୋଇ ପହୁଡ଼ ପଡ଼ିଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇଦେଲା କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ



**ମହାକାଳପଡ଼ା,୧୨।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ ବ୍ଲକ ରାଜଗଡ଼ ପଂଚାୟତ ମାଣିତିରି ଗ୍ରାମରେ ଗତ ଦୁଇଦିନ ତଳେ ବିଳମ୍ବିତ ରାତିରେ ନିରଞ୍ଜନ ରାଉତଙ୍କ ଘରେ ନିଆଁ ଲାଗି ସମସ୍ତ ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ଏବେ ବେସାହାରା ଅବସ୍ଥାରେ ପଡ଼ିଛନ୍ତି। ଏହି ଗରିବ ପରିବାରକୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ତରଫରୁ ରିଲିଫ୍ ସାମଗ୍ରୀ ସହାୟତା ସ୍ୱରୂପ ପ୍ରଦାନ କରାଯାଇଛି। ମାର୍ଶାଘାଇ ଶାଖା ତରଫରୁ ଆଜି ପୂର୍ବାହ୍ନରେ ସଭାପତି ପ୍ରମୋଦ କୁମାର ସାହୁ,ମାର୍ଶାଘାଇ ଶାଖାର ପରିଚାଳକ ରଞ୍ଜନ ସାହୁ, କର୍ମଚାରୀ ମୋହନ ସେନାପତି, ଦୈନିକ ସଂଗ୍ରହକାରୀ (ଏଜେଟ) ସର୍ବଶ୍ରୀ ଅନନ୍ତ ଦାସ, ଧନେଶ୍ୱର ସାହୁ, ବିଶ୍ୱରଞ୍ଜନ ମନ୍ତ୍ରୀ ପ୍ରମୁଖ ମାଣତିରି ଗ୍ରାମରେ ପହଂଚି ଏହି ଅଗ୍ନିବିପନ୍ନ ପରିବାରକୁ ରାଶନ ସାମଗ୍ରୀ ପାଇଁ ୫୦୦୦ ଟଙ୍କା, ବାସନ ସେଟ୍, ପରିବାରର ସଦସ୍ୟଙ୍କ ପାଇଁ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଗ୍ରାମର ଲୋକମାନେ ମଧ ପ୍ରଶଂସା କରିଥିଲେ। ଏଠାରେ ସୂଚନା ଯୋଗ୍ୟଯେ, କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋପରେଟିଭ୍ ସୋସାଇଟି ତରଫରୁ ରୋଗୀ ଚିକିତ୍ସା ପାଇଁ ସହାୟତା, ବାତ୍ୟା, ବନ୍ୟାରେ ପ୍ରଭାବିତ ଓ ଅଗ୍ନିବିପନ୍ନ ପରିବାରକୁ ସହାୟତା,କୃତି କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ,ଗରିବ ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଆସୁଛି।

# ଚତୁର୍ଥ ବାର୍ଷିକ ସଚ୍ଚିଦାନନ୍ଦ ଯୁବକ ସଂଘ ମହୋତ୍ସବ ଉଦ୍‌ଯାପିତ



**ମାର୍ଶାଘାଇ,୧୨।୪ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ସ୍ୱେଚ୍ଛାସେବୀ ଯୁବକ ସଂଘ ଆନୁକୂଲ୍ୟରେ ଚତୁର୍ଥତମ ସଚ୍ଚିଦାନନ୍ଦ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏବଂ ସଂମ୍ମାନିତ ଅତିଥିଭାବେ ବିଜେପି ଯୁବ ନେତା ମିହିର ସାମଲ, ତାଳସଙ୍ଗା ସମିତି ସଭ୍ୟ ଅଭିଷେକ ବେହେରା, ସମାଜସେବୀ ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବର ଗାରିମା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଚ୍ଚିଦାନନ୍ଦ ଯୁବକ ସଂଘ ବିଭିନ୍ନ ସମୟରେ ଲୋକ ସେବାରେ ନିଜକୁ ନିୟଜିତ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମହାତକୁ ନେଇଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ମଧ ବାର୍ଷିକ ଉତ୍ସବ ରେ ବିଭିନ୍ନ ସାମାଜିକ ସଙ୍ଗଠନ, ସାମାଜିକ କର୍ମୀ, ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାହିଁ ନାହିଁରେ ଚାଲିଛି ନରେନ୍ଦ୍ରପୁର ବିଟ୍ ହାଉସ୍




**ନିଶ୍ଚିନ୍ତକୋଇଲି,୧୨।୪ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନସ୍ଥ ନରେନ୍ଦ୍ରପୁର ପୁଲିସ୍ ବିଟ୍ ହାଉସ୍ ଦୀର୍ଘ ଦିନ ହେବ ଅବହେଳିତ ଅବସ୍ଥାରେ ରହିଅଛି। ଉକ୍ତ ବିଟ୍ ହାଉସ୍ ଅଧିନରେ

- ନା ଅଛି ଗାଡି ନା ଅଛନ୍ତି କର୍ମଚାରୀ
- ୭ ପଞ୍ଚାୟତବାସୀଙ୍କ ପାଇଁ ମାତ୍ର ଜଣେ ଏଏସ୍‌ଆଇଙ୍କ ସହ ଦୁଇ କନେଷ୍ଟବଳ

୭ଗୋଟି ଗ୍ରାମପଞ୍ଚାୟତ ଥିବା ବେଳେ ଜଣେ ମାତ୍ର ଏ.ଏସ୍.ଆଇ ଦୁଇଜଣ କନେଷ୍ଟବଳଙ୍କ ଦ୍ୱାରା ଚାଲିଛି। ଉକ୍ତ ବିଟ୍ ହାଉସ୍ ଅଧିନରେ ଥିବା ଅଞ୍ଚଳରେ ଅପରାଧିମାନେ ପ୍ରତିଦିନ ଚୋରୀ ରାହାଜାନୀ କରୁଥିବା ଭଳି ଘଟଣା ସାଙ୍ଗକୁ ଚୋରା ମଦ ଗଞ୍ଜେଇ ବ୍ୟବସାୟୀ ମାନେ ନିର୍ଭୟରେ ନିଶା ଦ୍ରବ୍ୟ କାରବାର କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଉକ୍ତ ବିଟ୍ ହାଉସ୍‌ରେ ଏକ ଭଙ୍ଗା ଦଦରା ଗାଡି ରହିଥିବା ବେଳେ ଆବଶ୍ୟକ କର୍ମଚାରୀ ରହିଥିଲେ। କିନ୍ତୁ ଦୀର୍ଘବର୍ଷ ହେବ ସେସବୁ ସୁବିଧା ସୁଯୋଗ ଏବେ ସାତ ସପନ। ଗାଡି ଓ ଆବଶ୍ୟକ କର୍ମଚାରି ଅଭାବରୁ ଏବେ ଅଞ୍ଚଳରେ ଅପରାଧ ବଢ଼ିବାରେ ଲାଗିଛି।

ଏହି ବିଟ୍ ହାଉସ୍ ଦେଇ ଦୌନଦିନ ଜଗତସିଂପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଜନସାଧାରଣ ଜାତାୟତ କରୁଥିବା ବେଳେ ନିଜକୁ ଆସୁରକ୍ଷୀତ ମଣୁଛନ୍ତି। ତେବେ ଏହି ବିଟ୍ ହାଉସ୍ ଏବେ ଏକ ପ୍ରକାରର ନାହିଁ ନାହିଁରେ ଚାଲିଥିବା କଥା ସାଧାରଣରେ ଚର୍ଚ୍ଚା ହେଉଛି।

ଏହି ବିଟ୍ ହାଉସ୍ ଉପରେ ରାଜ୍ୟ ପୁଲିସ୍ ବିଭାଗର ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିବା ସହ ଯଥାଶୀଘ୍ର ଆବଶ୍ୟକ ପୁଲିସ୍ କର୍ମଚାରୀ ଓ ଏକ ପୁଲିସ ଭ୍ୟାନ ଯୋଗାଇ ଦେବାକୁ ଦାଉଦପୁର ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି।

# ଚାନ୍ଦୋଳରେ ଆୟୁଷ୍ମାନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ



**ଡେରାବିଶ,୧୨।୪ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଦ୍ୱାରା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକ କାର୍ଡ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବିଧାୟକଙ୍କ ପ୍ରତିନିଧି ସୁକାନ୍ତ ଦ୍ୱିବେଦୀଙ୍କ ସହିତ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ, ସମିତି ସଭ୍ୟା ମଞ୍ଜୁଲତା ମିଶ୍ର,ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସିଆପି,ଏସବିକେ,ମିଶିନ ଶକ୍ତି ମହିଳାମାନେ,ଜନ ପ୍ରତିନିଧି, ବିଡିଓଙ୍କ ସହ ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




**କେନ୍ଦ୍ରାପଡ଼ା,୧୨।୪ (ସଂଚାର ବ୍ୟୁରୋ):** ସମାଜସେବା କ୍ଷେତ୍ରରେ କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ସ୍ଥାନୀୟ ଗରାପୁରସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭିନ୍ନ ଏକ ବିଶ୍ୱକର୍ମା କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଏସ.ସି.ଇ.ଆଇ.ଟି. ଆସିଷ୍ଟାଣ୍ଟ୍ ଡାଇରେକ୍ଟର ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ହରିହର କ୍ଷେତ୍ର ମାହାଳର ଦେବଦାସୀ ମୋହିନୀ ମା', ଉତ୍ତର ପ୍ରଦେଶର ହରିଦ୍ୱାର ସ୍ମୃତିପୁର ଆଶ୍ରମର ମହନ୍ତ ସନ୍ତୋଷ ଚୈତନ୍ୟ, 'ହିମ୍ମତ୍'ର ସମ୍ପାଦକ କମଳାକାନ୍ତ ଦାସ, ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମର ମହନ୍ତ ଚେତନାନନ୍ଦ ଦାସ ମହାରାଜ, ବ୍ରହ୍ମଚାରୀସ୍ୱରୂପ ଚୈତନ୍ୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ ମଞ୍ଚ ପରିଚାଳନା କରିଥିଲେ। "ଭିନ୍ନ ଏକ ବିଶ୍ୱକର୍ମା"ରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, ତୁଳସୀ ମହିଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧାପିକା ଶାନ୍ତି ମା', ଶାବର ଶ୍ରୀକ୍ଷେତ୍ର କୋରାପୁଟ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ନାୟକ, ବଳଦେବଜୀଉଙ୍କ ଆଦ୍ୟସେବକ ମାଧବ ଚନ୍ଦ୍ର ପତି, ବଳଦେବ ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ନରହରି ଦାସ, ଶିକ୍ଷକଙ୍କର ଶିକ୍ଷକ ବର୍ଷୀୟାନ ବନବିହାରୀ ଦାସ, ଜଗନ୍ନାଥଙ୍କ ସେବକ ନନ୍ଦକିଶୋର ମିଶ୍ର, ସମାଜସେବୀ କେଶବ ଚନ୍ଦ୍ର ସୂତାରଙ୍କୁ ଟ୍ରଷ୍ଟ ପକ୍ଷରୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପୂର୍ଣ୍ଣା ସାମଲ ସ୍ୱାଗତ ନୃତ୍ୟାଞ୍ଜଳୀ ପରିବେଷଣ ଓ ଶ୍ରୀକାନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଘରୋଇ ନର୍ସିଂହୋମ୍‌ରେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



**ସାଲେପୁର,୧୨।୪ (ସଂଚାର ବ୍ୟୁରୋ):** ଏକ ଘରୋଇ ନର୍ସିଂହୋମ୍‌ରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଚିକିତ୍ସାରେ ଅବହେଳା ଯୋଗୁଁ ମହିଳାଙ୍କର ମୃତ୍ୟୁ ଘଟିଛି ବୋଲି ତାଙ୍କର ସ୍ୱାମୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ନର୍ସିଂହୋମ୍‌ରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ପଞ୍ଚାୟତର ରାମକୃଷ୍ଣପୁର ଗ୍ରାମର ପତିତପାବନ ନାୟକ ପତ୍ନୀ ନନ୍ଦିନୀ ସ୍ୱାଇଁଙ୍କ ଗତକାଲି ଗର୍ଭଜନିତ ଯନ୍ତ୍ରଣା ହେବାରୁ ସ୍ୱାମୀ ପତିତପାବନ ତାଙ୍କ ପତ୍ନୀକୁ ସାଲେପୁରର ସପନପୁର ଠାରେ ଥିବା ଶ୍ରୀରାମନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ନନ୍ଦିନୀର ଅସ୍ତ୍ରୋପଚାର କରି ଏକ ପୁତ୍ର ସନ୍ତାନକୁ ଜନ୍ମ କରାଇଥିଲେ। ଜନ୍ମର କିଛି ଘଣ୍ଟା ପରେ ହଠାତ୍ ନନ୍ଦିନୀ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏ ସମ୍ପର୍କରେ ନନ୍ଦିନୀ ନିଜ ସ୍ୱାମୀଙ୍କୁ କହିବାପରେ ସ୍ୱାମୀ ପତିତପାବନ କ୍ଲିନିଂର କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ଡାକ୍ତର ନଥିବାରୁ ନନ୍ଦିନୀର ଚିକିତ୍ସା ହୋଇପାରିନଥିଲା। ଫଳରେ ରାତିତମାମ ନନ୍ଦିନୀ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଆଜି ସକାଳୁ ଡାକ୍ତର ଆସି ନନ୍ଦିନୀଙ୍କୁ ଇଂଜେକସନ ଓ ସାଲାଇନ୍ ଲଗାଇବାର କିଛି ସମୟ ପରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା। ନନ୍ଦିନୀଙ୍କ ମୃତ୍ୟୁକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା।

ଚିକିତ୍ସା ଅଭାବରୁ ନନ୍ଦିନୀର ମୃତ୍ୟୁ ଘଟିଥିବା ସ୍ୱାମୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘରୋଇ ନର୍ସିଂହୋମ୍‌ରେ ପହଞ୍ଚି ଶବ ଜବତ କରି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅପର ପକ୍ଷରେ ନର୍ସିଂହୋମ୍ ମାଲିକ ବସନ୍ତ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ରୋଗୀର ଉପଯୁକ୍ତ ଚିକିତ୍ସା କରାଯାଇଥିଲେ ମଧ କ'ଣ ପାଇଁ ମୃତ୍ୟୁ ଘଟିଲା, ସେ ମଧ ଆଚମ୍ବିତ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି।

# ପୁରାତନ ଛାତ୍ର ସନ୍ଦୀପଙ୍କ ବିୟୋଗରେ ସ୍ମୃତି ସଭା




**ରାଜନଗର,୧୨।୪ (ସଂଚାର ବ୍ୟୁରୋ):** ରାଜନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ମେଧାବୀ ଛାତ୍ର ସନ୍ଦୀପ ଲେଙ୍କାଙ୍କ ଆକସ୍ମିକ ବିୟୋଗରେ ଆଜି ବିଦ୍ୟାଳୟ ପରିସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜ୍ଞାନ ରଂଜନ ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ସହକାରୀ ଶିକ୍ଷକ ଅମୂଲ୍ୟ କୁମାର ଦାସ, ଭ୍ରମରବର ଦାସ, ପ୍ରକାଶ ସେଠି, ସରସ୍ୱତୀ ମୈତ୍ରୀ, ଗୁରୁପ୍ରସାଦ ସାହୁ, ସୂର୍ଜ୍ୟ କାର୍ଜି, ଦାଧିବାବନ ପଣ୍ଡା, ଚନ୍ଦନ କୁମାର ପାତ୍ର, ପ୍ରତାପ କୁମାର ପାଲ, ସରୋଜ କୁମାର ରାଉତ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀମାନେ ଯୋଗ ଦେଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥଲେ।

ସେହିପରି ମୃତ ଛାତ୍ର ରାଜନଗର ଗ୍ରାମର ଉଦୟମାନ ଯୁବକ ସନ୍ଦୀପ ଲେଙ୍କାଙ୍କ ଅକାଳ ବିୟୋଗ ଖବର ପାଇ ଆଜି ପୂର୍ବାହ୍ନରେ ରାଜନଗର ବିଧାୟକ ଧ୍ରୁବ ସାହୁ ସନ୍ଦୀପଙ୍କ ଗଲିଦାଣ୍ଡ ଘରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ବିଧାୟକ ଶ୍ରୀ ସାହୁଙ୍କ ସହିତ ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ବାଇଧର ସେଠୀ, ବିଚିତ୍ର ମଳିକ, ଅନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ସଙ୍ଗୀତ ନୃତ୍ୟ ଏକାଡେମୀର ବାର୍ଷିକ ଉତ୍ସବ

**ସାଲେପୁର,୧୨।୪ (ସଂଚାର ବ୍ୟୁରୋ):** ସାଲେପୁରର ସଙ୍ଗୀତ ନୃତ୍ୟ ଏକାଡେମୀର ବାର୍ଷିକ ଉତ୍ସବ ସାଲେପୁର ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଗୀତା ଦାସ ଯୋଗଦେଇ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନୃତ୍ୟ ଓ ସଙ୍ଗୀତ ଉଚ୍ଚକୋଟୀର ବୋଲି ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀମାନେ ଶିକ୍ଷା ସହ ନୃତ୍ୟଗୀତ ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ଡଃ ପ୍ରସନ୍ନ ମହାପାତ୍ର, ତବଲା ବାଦକ ଗୋପିନାଥ ବେହେରା, ହୁରେନ୍ଦ୍ର ପରିଡ଼ା, ସମ୍ପାଦକ ଅଜୟ କୁମାର ନାୟକ, ଅଧକ୍ଷା ପ୍ରୀତିଲତା ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଦିଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ପମ୍ପ ଡ୍ରାଇଭରଙ୍କ ବିକ୍ଷୋଭ

**ରାଜକନିକା,୧୨।୪ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ଧରି ଗ୍ରାମପଞ୍ଚାୟତ ମାନଙ୍କରେ ସମସ୍ତ ପାନୀୟ ଜଳ ଉତ୍ସର ରକ୍ଷଣବେକ୍ଷଣ, ମରାମତି ଏବଂ ପମ୍ପ ଚଳାଇ ଆସୁଥିବା ଏସଇଏମ (ସେଲ୍ଫ ଏମ୍ପ୍ଲୟଡ଼ ମେକାନିକ)ମାନଙ୍କର ନିୟମିତ ଦରମା ମିଳୁ ନଥିବା ଅଭିଯୋଗ କରି ଶୁକ୍ରବାର ଦିନ ବ୍ଲକ ଅଫିସରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମତଃ ସେମାନଙ୍କୁ ନିୟମିତ ଦରମା ନ ମିଳିବା ଦ୍ୱାରା ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ ବଞ୍ଚୁଥିବା ଏହି ବର୍ଗର ମେକାନିକ ମାନେ ହଇରାଣ ହେଉଛନ୍ତି। ଯଦି ସେମାନଙ୍କୁ ବକେୟା ଥିବା ଦରମା ଦିଆନଯାଏ ତେବେ ସେମାନେ ଆସନ୍ତା ୧୭ ତାରିଖ ଠାରୁ ଆଉ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଆଜି ଲିଖିତ ଚେତାବନୀ ଦେଇଛନ୍ତି। ଏହି ସଙ୍ଘର ଦାବୀ ମୁତାବକ ପଧାନପଡା, ଚରପଡା, ସିହୋପଡା ଏବଂ ନହୁଣୀ ଗ୍ରାମ ପଞ୍ଚାୟତର ନିଯୁକ୍ତ ପମ୍ପ ଡ୍ରାଇଭର ମାନଙ୍କୁ ବର୍ଷ ବର୍ଷ ଧରି ଦରମା ମିଳୁ ନଥିବା ସହ ଆହୁରି ଅନେକ ପଞ୍ଚାୟତର ଡ୍ରାଇଭର ଏଭଳି ସମସ୍ୟାରେ ଥିବାରୁ ତୁରନ୍ତ ଏହାର ସମାଧାନ ହେବା ଜରୁରୀ। ତେବେ ଦାବିପତ୍ର ଦେବାକୁ ଆସିଥିବା ଏହି ବର୍ଗର ମେକାନିକ ମାନେ ବିଡ଼ିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଦାବିପତ୍ର ଦେଇଛନ୍ତି।



# ଅନ୍ଧାରରେ ପଦ୍ମଶ୍ରୀ କମଳାଙ୍କ ଗାଁ



ବିଲ୍ ଦେଇନଥିବାରୁ ୩ ଗାଁରେ ନାହିଁ ବିଦ୍ୟୁତ୍ ସଂଯୋଗ

**କୋରାପୁଟ,୧୨।୪(ସଂଚାର ବ୍ୟୁରୋ):** କିଟକିଟି ଅନ୍ଧାର ରାତି। ରାସ୍ତାଠୁ ଆରମ୍ଭ କରି ପୂରା ଗାଁ ଘନ ଅନ୍ଧାରରେ ରହିଥିବା ବେଳେ ଗାଁଲୋକେ ଦହଗଞ୍ଜ ହେଉଛନ୍ତି। ତାହା ବି ଦିନେ କି ଦୁଇ ଦିନ ନୁହେଁ, ବରଂ ପାଖାପାଖି ସପ୍ତାହେ ଧରି ଘନ ଅନ୍ଧାରରେ ୫୦ରୁ ଉର୍ଦ୍ଧ୍ୱ ପରିବାର। ଏପରିକି ସ୍ୱର୍ଗତଃ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଘର ସହ ତାଙ୍କ ଗାଁ ଅନ୍ଧାରରେ ଶଢୁଛି। କମଳାଙ୍କ ସାନ ପୁଅ କହିଛନ୍ତି ଯେ ତାଙ୍କ ଘର ସହ ଅନେକଙ୍କ ଘରୁ ବିଜୁଳି ସଂଯୋଗ ବିଛିନ୍ନ ହୋଇଛି। କାରଣ ବକେୟା ବିଲ ପଇଠ ହୋଇନଥିବାରୁ ବିଭାଗୀୟ କର୍ମଚାରୀମାନେ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେଇଛନ୍ତି। ଗୋଟିଏ ପଟେ ଭୀଷଣ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିରେ ବିଦ୍ୟୁତ୍ କାଟ ହେବ ହେବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। କିନ୍ତୁ ଏଠାରେ ଏପରି ଘୋଷଣାର କୌଣସି ମାନେ ନଥିବା ପରି ମନେ ହେଉଛି। କାରଣ ଡହ ଡହ ଖରାରେ ଲୋକେ ସନ୍ତୁଳି ହେଉଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀ କର୍ମଚାରୀମାନେ ଆଗପଛ ବିଚାରି ନ କରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଦ୍ମଶ୍ରୀ ଉପାଧି ପାଇଥିବା ଜଣେ ମହିଳାଙ୍କ ଗାଁ ପ୍ରତି ସ୍ଥାନୀୟ ପ୍ରଶାସନର ଏପରି ଆଚରଣରେ ସ୍ଥାନୀୟ ଲୋକେ ମର୍ମାହତ ହୋଇଛନ୍ତି।

ଜୟପୁର ବ୍ଲକ୍ ପାତ୍ରପୁଟ ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି ଯେ ମାଗଣା ବିଦ୍ୟୁତ୍ ଯୋଗାଇଦେବାକୁ କହି ବିଭାଗ ପକ୍ଷରୁ ମିଟର ବସାଗଲା। କିନ୍ତୁ ବିଦ୍ୟୁତ୍ ବ୍ୟବହାର କରିବାର କେଇ ମାସ ପରେ ବେଶ୍ ମୋଟା ଅଙ୍କର ବିଲ୍ ଆସିଲା। କାହାର ୨୪ ହଜାର ତ ଆଉ କାହାର ୧୨ ହଜାର। ଆଉ କାହା ନାଁରେ ଆସିଥିବା ବିଲ୍‌ରେ ୧୪ ହଜାର ଟଙ୍କା ରହିଥିଲା। ଏତେ ମୋଟା ଅଙ୍କର ଅର୍ଥ ପଇଠ କରିବା ଏଠାକାର ଗ୍ରାମବାସୀଙ୍କ କ୍ଷମତାରେ ବାହାରେ ଥିବାରୁ ଏବେ ପୂରା ଗାଁରେ ଅନ୍ଧାରର ରାଜୁତି ଚାଲିଛି। ଗ୍ରାମବାସୀ ଅତି କମ୍ ମାତ୍ରାରେ ବିଜୁଳି ଖର୍ଚ୍ଚ କରୁଥିଲେ ମଧ୍ୟ ଏତେ ଅଧିକ ବିଲ୍ କିପରି ଆସୁଛି ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି ଯେ ଗ୍ରାମର ଅଧିକାଂଶ ଲୋକ ବିଦ୍ୟୁତ ବିଲ ଦେଇନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପାତ୍ରପୁଟରେ ଏବେ ୧୭୦ଟି ପରିବାର ବସବାସ କରୁଥିବା ବେଳେ କଞ୍ଜେଇମାଲିଗୁଡାରେ ୫୭ଟି ପରିବାର ବସବାସ କରନ୍ତି। ଉଭୟ ଗାଁ ସହ ପଦ୍ମଶ୍ରୀଙ୍କ ଘର ମଧ୍ୟ ଅନ୍ଧାରରେ ରହିଥିବା ଏ ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଆଜିଠୁ ସର୍ବୋଦୟ ସଂକଳ୍ପ ଶିବିର

**ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):** କଂଗ୍ରେସର ଛାମୁଆ ସଂଗଠନ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପୂର୍ବ ନିଷ୍ପତ୍ତି ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ସର୍ବୋଦୟ ସଂକଳ୍ପ ଶିବିର ଆଜିଠାରୁ ଭବାନୀପାଟଣାସ୍ଥିତ ଅଗ୍ରସେନୀ ଭବନରେ ଅନୁଷ୍ଠିତ ହେବ। ଏହି ଶିବିରକୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଉଦଘାଟନ କରିବେ। ଦେଶରେ ସମ୍ପ୍ରତି ଚାଲିଥିବା ବିଦ୍ୱେଷ ଓ ବିଭେଦ ରାଜନୀତିର ମୁକାବିଲା ପାଇଁ ଯେଉଁ ଆଦର୍ଶଗତ ଲଢେଇର ଆବଶ୍ୟକତା ରହିଛି, ତାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜିତ ହେଉଛି । ରାଜ୍ୟର ସମସ୍ତ ଜିଲ୍ଲା ଓ ପରେ ସବୁ ବ୍ଲକ୍‌ରେ ଏହିଭଳି ଶିବିର ଆୟୋଜିତ ହେବ। ଏଥିସହ ଆଗାମୀ ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ରଣକୌଶଳ ମଧ୍ୟ ଏହି ଶିବିରମାନଙ୍କରେ ପ୍ରସ୍ତୁତ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଶିବିରରେ ସଂଗଠନର ସର୍ବଭାରତୀୟ ଉପଦେଷ୍ଟା ସଚିନ ନାୟକ, ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସଙ୍କ ସମେତ ଅନେକ ରାଜ୍ୟ ନେତୃତ୍ୱ ଯୋଗ ଦେବେ। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗଙ୍କ ନେତୃତ୍ୱ ରେ ଏହି ଶିବିର ଆୟୋଜିତ ହେବ।



## ବିଶ୍ୱ ହିନ୍ଦୁ ପରିଷଦର ହନୁମାନ ଜୟନ୍ତୀ ଶୋଭାଯାତ୍ରା

**ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ବିଶ୍ୱହିନ୍ଦୁ ପରିଷଦର ଯୁବ ବାହିନୀ ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପରିଷଦ ଆଜି ପୂର୍ବାହ୍ନରେ ତାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧରି ବିଭିନ୍ନ ମଠ ମନ୍ଦିରରେ ହନୁମାନ ଚାଳିଶା ଓ ସୁନ୍ଦର କାଣ୍ଡ ପାଠ କରିବା ସହ ଅପରାହ୍ନରେ ବଜରଙ୍ଗ ଦଳର ଭୁବନେଶ୍ୱର ମହାନଗରରେ ଥିବା ବିଭିନ୍ନ ମିଳନ କେନ୍ଦ୍ର ମାନଙ୍କ ମଧ୍ୟରେ ଆୟୋଜିତ କବାଡି ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲା। ଏଥି ସହିତ ସଂଧ୍ୟା ୫ଟା ସମୟରେ ଶ୍ରୀ ହନୁମାନଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସହ ହଜାର ହଜାର ବଜରଙ୍ଗି କର୍ମୀମାନେ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ରାମ ମନ୍ଦିରରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍ ଛକ ହୋଇ ରାଜମହଲ ଠାରେ ଶୋଭାଯାତ୍ରାଟିକୁ ସମାପ୍ତ କରିଥିଲେ ।

## ଯୁବ କଂଗ୍ରେସ ପକ୍ଷରୁ ନୂଆ ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

### ସ୍ୱେଚ୍ଛାଚାର ବିରୁଦ୍ଧରେ ଆନ୍ଦୋଳନ ଜାରି ରହିବ



**ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ତଥା ଭାରତୀୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ମହେଶ ଦେଶମୁଖଙ୍କୁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଓ ରାଜ୍ୟ କର୍ମକର୍ତ୍ତାଙ୍କ ଏକ ବୈଠକରେ ଯୋଗଦେଇ ଶ୍ରୀ ଦେଶମୁଖ କହିଛନ୍ତି ଯେ ଓଡ଼ିଶାରେ ସ୍ୱେଚ୍ଛାଚାରୀ ବିଜେପି ସରକାର ବିରୋଧରେ ଯୁବ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ଦୀର୍ଘ ୯ ମାସ ପରେ ବି ବିଜେପି ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପ୍ରତିଶ୍ରୁତି ଦେଇଥିବା ସରକାର ଅମଳରେ ନିର୍ଯାତନା ଓ ଦୁଷ୍କର୍ମ ଲଗାମହୀନ ଭାବେ ବଢ଼ିଚାଲିଛି। ସେହିପରି ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି ଫମ୍ପା ସାବ୍ୟସ୍ତ ହୋଇଛି। ସ୍ମାର୍ଟମିଟର ଗାଁରେ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି। ସେହିପରି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜରେ ୫୦ ପ୍ରତିଶତ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଶିକ୍ଷକ ମରୁଡ଼ି ପଡ଼ିଛି। ଏହାର ଫାଇଦା ଘରୋଇ ଶିକ୍ଷାନୁଷ୍ଠାନମାନେ ଉଠାଉଛନ୍ତି। ମୋହନ ସରକାର ଚାଷୀ ଓ ଚାଷ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଆସୁଛି। ବିନା କଟନୀ ଛଟନୀରେ ଧାନ କିଣିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ସତ୍ତ୍ୱେ କଟନୀ ଛଟନୀ ମାଧ୍ୟମରେ ଚାଷୀ ଶୋଷଣ ଚାଲିଛି। ସୁତରାଂ ପ୍ରଦେଶ ଯୁବ କଂଗ୍ରେସ ଜନବିରୋଧୀ ବିଜେପି ସରକାର ବିରୋଧରେ ରାଜ୍ୟବ୍ୟାପି ବ୍ୟାପକ ଆନ୍ଦୋଳନ କରିବ ବୋଲି ଶ୍ରୀ ଦେଶମୁଖ କହିଛନ୍ତି। ସେହିପରି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ବିଜେପି ସରକାର ଓଡ଼ିଶାର ବେକାର ଯୁବକଯୁବତୀଙ୍କୁ ପ୍ରତାରିତ କରିଛି। ନିଯୁକ୍ତି ନ ଥିବାରୁ ରାଜ୍ୟ ବାହାରକୁ ଯୁବକମାନେ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ଏନେଇ ବେକାର ଯୁବକଯୁବତୀମାନଙ୍କୁ କଂଗ୍ରେସ ସଚେତନ କରିବା ସକାଶେ ଯୁବ କଂଗ୍ରେସ ପକ୍ଷରୁ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ଆନ୍ଦୋଳନ ହେବ।

## ଛୁଆ ପାଖେ ପାଖେ ଜଗି ରହୁଥିଲା ମା' ହାତୀ, କିନ୍ତୁ ଚାଲିଗଲା ଛୁଆର ଜୀବନ



**କେନ୍ଦୁଝର,୧୨।୪ (ସଂଚାର ବ୍ୟୁରୋ):** ବହୁ କଷ୍ଟ ଯନ୍ତ୍ରଣାରେ ଛଟପଟ ହେଉଥିଲା ହାତୀ ଛୁଆ । ନୀରିହ ହାତୀ ଛୁଆଟିର ଗୋଡ଼ ଏତେ ଫୁଲି ଯାଇଥିଲା ଯେ ଖାଲି ମା' ପଛେ ପଛେ ବୁଲୁଥିଲା । ମା' ବି ଛୁଆର କଷ୍ଟକୁ ବୁଝୁଥିଲା ସତ । କିନ୍ତୁ କଣ ବା କରି ପାରିବ । ଛୁଆ ପାଖେ ପାଖେ ଜଗି ରହୁଥିଲା । କାଳେ ଜଙ୍ଗଲି ଜନ୍ତୁ ଛୁଆ ହାତୀକୁ ଟାଣିନେବେ । କିନ୍ତୁ ଜଙ୍ଗଲୀ ଜନ୍ତୁଙ୍କ କବଳରୁ ନିଜଛୁଆକୁ ବଞ୍ଚାଇଥିଲେ ବି ଠିକ୍ ସମୟରେ ଛୁଆ ହାତୀର ଚିକିତ୍ସା ହୋଇପାରିଲାନି । ଆଉ ଏବେ ସବୁ ଦିନ ପାଇଁ ଆଖି ବୁଜି ଦେଇଛି କୁନି ହାତୀ ଛୁଆ। ଡିଏଫଓଙ୍କ ସୂଚନା ଅନୁସାର କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜର ଚମକପୁର ନିକଟସ୍ଥ ଜଙ୍ଗଲରେ ଚଳିତ ମାସ ୭ ତାରିଖରେ ଏକ ଛୁଆ ହାତୀ ଜଙ୍ଗଲରେ ଛୋଟେଇ ଛୋଟେଇ ଚାଲୁଥିଲା। ବନବିଭାଗର ସ୍କ୍ୱାର୍ଡ ପିଲା ଏସବୁ ନଜର ଦେବା ପରେ ଡ୍ରୋନ କ୍ୟାମେରାରେ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏହା ପରେ ଓୟୁଏଟି ଓ ଡବ୍ଲୁଟିଆଇ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ୧୦ ତାରିଖରୁ ହାତୀ ଛୁଆଟିର ଚିକିତ୍ସା ଚାଲିଥିଲା ଓ ହାତୀ ଛୁଆଟି ସୁସ୍ଥ ହୋଇ ଆସୁଥିଲା। ହେଲେ ଗତ ଗୁରୁବାର ରାତି ପ୍ରାୟ ୩.୩୦ ମିନିଟ ସମୟରେ ହାତୀ ଛୁଆର ମୃତ୍ୟୁ ହୋଇଯାଇଛି। କ୍ରୋନିକ ଇନଫେକସନ କିମ୍ବା ଦନ୍ତାହାତୀର ରାଗ ଯୋଗୁଁ ହାତୀ ଛୁଆର ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରୁଛି ବନ ବିଭାଗ । ବନବିଭାଗ ଠିକ୍ ସମୟରେ ଛୁଆହାତୀର ଚିକିତ୍ସା କରାଇ ପାରିନଥିଲା।

## ଭାରତ ବିକାଶ ପରିଷଦ ବାଣୀବିହାର ଶାଖାର ୯ମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର, ୧୨।୪ (ସଂଚାର ବ୍ୟୁରୋ):** ଭାରତ ବିକାଶ ପରିଷଦ ବାଣୀବିହାର ଶାଖାର ନବମ ପ୍ରତିଷ୍ଠା ଦିବସ ଶନିବାର ରେଡ଼କ୍ରସ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଦୁର୍ଗାଶଙ୍କର ପଟ୍ଟନାୟକ ମୁଖ୍ୟ ଅତିଥି, ଶ୍ରୀ ସତ୍ୟବାଦୀ ଦାଶ ସମ୍ମାନିତ ଅତିଥି ଏବଂ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସେବା ଏବଂ ସମର୍ପଣ ସମ୍ପର୍କରେ ସେମାନଙ୍କର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ତିନିଜଣ ବିଶିଷ୍ଟ ସମାଜସେବୀ ଡ. ସୁଭଦ୍ରା ଦେବୀ, ଶ୍ରୀ କ୍ଷୀରୋଦ ଜେନା ଏବଂ ଶ୍ରୀ ଉମାକାନ୍ତ ପଟ୍ଟନାୟକଙ୍କୁ ସମାଜସେବୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ସେହିପରି ଭୁବନେଶ୍ୱରସ୍ଥିତ ଅନ୍ଧ-ମୂକ-ବଧିର ବିଦ୍ୟାଳୟର ୫ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ "ଆଇ-ପଡ୍" ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ବିକାଶ ବାଣୀ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶ୍ରୀ ଗୌରାଙ୍ଗ ଚରଣ ନାୟକ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦିକା ଶ୍ରୀମତୀ ବନ୍ଦନା ମହାନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ପଛରେ ପରିଷଦର ବରିଷ୍ଠ କର୍ମକର୍ତ୍ତାବୃନ୍ଦ ଶ୍ରୀ ମୃତ୍ୟୁଞ୍ଜୟ ମହାନ୍ତି, ଶ୍ରୀ ଭୁବନାନନ୍ଦ ତ୍ରିପାଠୀ, ଶ୍ରୀ ସୌରେନ୍ଦ୍ର କୁମାର ମହାନ୍ତି, ଶ୍ରୀ ଗିରିଶ ଚନ୍ଦ୍ର ଦାସ, ଶ୍ରୀ ରାଜେନ୍ଦ୍ର କୁମାର ଦାସ, ଶ୍ରୀ ପ୍ରମଥେଶ ମହାନ୍ତି ଏବଂ ଅନ୍ୟ ସଭ୍ୟସଭ୍ୟମାନଙ୍କ ଅକ୍ଲାନ୍ତ ପରିଶ୍ରମ ରହିଥିଲା। ଏହି ଅବସରରେ ପରିଷଦର ୭ଜଣ ମହିଳା ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା ଏବଂ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ସମ୍ପାଦିକା ଶ୍ରୀମତୀ ପ୍ରତିଭା ଭୋଳ। ପରିଶେଷରେ ଉପସଭାପତି ଶ୍ରୀ ନିର୍ମଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିହ୍ନଟ ହେବେ ବିଦ୍ୟାଳୟ ଆସୁନଥିବା ପିଲା

**ଭୁବନେଶ୍ୱର, ୧୨।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ହଜାର ହଜାର ପିଲା ଡ୍ରପ ଆଉଟ୍ ହୋଇ ରହିଛନ୍ତି, ଯେଉଁମାନଙ୍କର କୌଣସି ଖୋଜ ଖବର ନାହିଁ। ତେଣୁ ସହି ସମସ୍ତ ପିଲାଙ୍କୁ ଖୋଜି ଆଣି ସେମାନଙ୍କ ବୟସ ଓ ଯୋଗ୍ୟତା ଅନୁଯାୟୀ ନାମଲେଖାଇବା ପାଇଁ ଓସେପା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ ଡ୍ରପ ଆଉଟ ହାର କମାଇବା ପାଇଁ ରାଜ୍ୟ ସରକାର ଗତବର୍ଷ ଠାରୁ "ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା" ଆରମ୍ଭ କରିଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷ ଏପ୍ରିଲ ୧ ରୁ ଆରମ୍ଭ ହୋଇଛି । ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଏପ୍ରିଲ ୨ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ମଧ୍ୟ ହୋଇଛି। ୫-୬ ବର୍ଷର ପିଲା ଶିଶୁ ବାଟିକାରେ ଏବଂ ୬ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି। ତେବେ ପ୍ରତିବର୍ଷ ବହୁସଂଖ୍ୟକ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି। ସେମାନେ ଆଦୌ ଶିକ୍ଷାନୁଷ୍ଠାନ ମାଟି ମାଡୁନାହାନ୍ତି। ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଆଣିବା ପାଇଁ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରାଯିବ। ସଚେତନତା ଜରିଆରେ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଲେଖାଯିବ ।

## ୩୦ ଓଏଏସଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ୩୦ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ(ଏଏଜି)ଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରୁ ୨୮ ଜଣ ଅଧିକାରୀଙ୍କୁ ନିଜ ସ୍ଥାନରେ ପୁନଃ ଅବସ୍ଥାପିତ କରାଯାଇଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସନ୍ତୋଷ କୁମାର ନାୟକଙ୍କୁ ପଦୋନ୍ନତି ପରେ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ପଦୋନ୍ନତି ପରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଏହାବ୍ୟତୀତ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ଜ୍ୟୋତିର୍ମୟୀ ପ୍ରଧାନ, ମଧୁସ୍ମିତା ନାୟକ, କାହ୍ନୁଚରଣ ଧୀର, ହରିଶ ଚନ୍ଦ୍ର ନାୟକ, ଅମୃତ କୁମାର କର, ବବିତା ମହାନ୍ତି, ପ୍ରଶାନ୍ତ କିଶୋର ମହାପାତ୍ର, ଶିବୋ ନାରାୟଣ ସାହୁ, ଅନୁଜ କୁମାର ଦାସ ପଟ୍ଟନାୟକ,ଏସ୍ କେ. ଜମିରୁଦ୍ଦିନ, ସୁରେନ୍ଦ୍ର କୁମାର ପଣ୍ଡା, ରାଜଶ୍ରୀ ସିଂହ, ଶୁଭ୍ରା ମହାନ୍ତି, ମନୋଜ କୁମାର ପାଢ଼ୀ, ସଂଘମିତ୍ରା ଶତପଥୀ, ବଳରାମ ମଲ୍ଲିକ, ହିମାଂଶୁ ଶେଖର ବେହେରା, ଲକ୍ଷ୍ମୀକାନ୍ତ ସେଠୀ, ଅକ୍ଷୟ କୁମାର ମଲ୍ଲିକ, ଦେବଦତ୍ତ ସୁରଞ୍ଜିତା ଜେନା, ଉଷାରାଣୀ ଦାସ, ଅଗସ୍ତୀ ପ୍ରଧାନ, ବୀରସେନ ପ୍ରଧାନ, ମିର୍ଦ୍ଧା ଟପୋ, ଘାସିରାମ ମୁର୍ମୁ, ସୁଧାକର ଶବରୋ, ଅସିତ କୁମାର ପଣ୍ଡା ଓ ସୁକାନ୍ତ କୁମାର ବେହେରାଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ୨୯ ଜଣ ଯୁଗ୍ମସଚିବ ପାହ୍ୟାର ଓଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେଥିମଧ୍ୟରେ ପର୍ଯ୍ୟଟନ ବିଭାଗ ଯୁଗ୍ମସଚିବ ରୁଦ୍ରନାରାୟଣ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦିଲ୍ଲୀପ କୁମାର ମହାପାତ୍ର ଏବଂ ସିଡ଼ିଏ ସଚିବ ଡ. ଶ୍ୱେତ କୁମାର ଦାଶ ପ୍ରମୁଖ ଅଛନ୍ତି।

## ଆଜିଠୁ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବ

**ଭବାନୀପାଟଣା,୧୨।୪ (ସଂଚାର ବ୍ୟୁରୋ) :**କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନର କନ୍‌ଫରେନ୍ସ ହଲରେ ଆସନ୍ତାକାଲିଠାରୁ ଏକାଦଶ ଅନ୍ତର୍ଜାତୀୟ ଶିଶୁ/ଯୁବ ଚଳଚ୍ଚିତ୍ର ମହୋତ୍ସବ (ସିଏଫସି) ଅନୁଷ୍ଠିତ ହେବ। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସୂଚନାନୁସାରେ, ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ମହୋତ୍ସବ ଚାଲିବ। ଏହି ଅନ୍ତର୍ଜାତୀୟ ଶିଶୁ/ଯୁବ ଚଳଚ୍ଚିତ୍ର ମହୋତ୍ସବର ୩ ଦିନିଆ କାର୍ଯ୍ୟକ୍ରମ ଉପରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ଏହି ସୂଚନାନୁସାରେ, ମହୋତ୍ସବରେ ୧୫ଟି ଦେଶର ପିଲାଙ୍କ ନିର୍ମିତ ୩୦ରୁ ଉର୍ଦ୍ଧ୍ୱ ଫିଚର୍ ଫିଲ୍ମ, କ୍ଷୁଦ୍ର ଫିଲ୍ମ, ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶିତ ହେବ। ଏଥିସହ ବିଭିନ୍ନ ଦେଶରୁ ଆସିଥିବା ରାଷ୍ଟ୍ରଦୂତଙ୍କ ଦ୍ୱାରା କର୍ମଶାଳା, ମାଷ୍ଟର କ୍ଲାସ ଓ ପେନାଲ ଜରିଆରେ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ଉଦ୍ୟମ ହେଉଥିବା ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଇନଷ୍ଟଚ୍ୟୁଶନ୍‌ର ନିର୍ଦ୍ଦେଶକ ଡି.ଶ୍ୟାମ, ଡି. ରାମ କୁମାର, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ସଂସ୍ଥାପକ ଶ୍ୱେତା ପରଖୀ, ଦେବେନ୍ଦ୍ର ବିଶି, ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଅଧ୍ୟକ୍ଷା ଆରତି ମିଶ୍ର ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ହେଉଥିବାରୁ ଜିଲ୍ଲାର ଶିଶୁ/ଯୁବକମାନଙ୍କ ମଧ୍ୟରେ ଏହାକୁ ନେଇ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।

# ବିଶ୍ୱବିଦ୍ୟାଳୟ ପଦବୀ ପୂରଣ ତଥାପି ଅନିଶ୍ଚିତ

**ଭୁବନେଶ୍ୱର,୧୨।୪:** ଓଡ଼ିଶା ବିଧାନସଭାରେ ବିଶ୍ୱବିଦ୍ୟାଳୟ ଆଇନ୍ ସଂକ୍ରାନ୍ତୀୟ ବିଲ୍ ଗୃହୀତ ହୋଇଥିଲେ ମଧ୍ୟ ବିଧିବ୍ୟବସ୍ଥା ଅନୁପାଳନରେ ବିଳମ୍ବ ହେଉଥିବାରୁ ସଂଶୋଧିତ ଆଇନ୍ ଅନୁଯାୟୀ ଉଚ୍ଚଶିକ୍ଷା ବିଭାଗର ଅଧୀନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ବିଭିନ୍ନ ପଦପଦବୀ ପୂରଣ ହେବାରେ ବିଳମ୍ବ ହେଉଛି ।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୦ ମସିହାରେ ଏ ସଂକ୍ରାନ୍ତୀୟ ଯେଉଁ ସଂଶୋଧିତ ଆଇନ୍ ପ୍ରଣୀତ ହୋଇଥିଲା ତାହାର ବୈଧତା ଉପରେ ପ୍ରଶ୍ନବାଚୀ ଉଠାଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଚାଲିଛି । ସୁପ୍ରିମକୋର୍ଟରୁ ଆୟୋଗ ମାମଲା ପ୍ରତ୍ୟାହାର କରିବା ପରେ ନୂଆ ନିଯୁକ୍ତି ପାଇଁ ବାଟ ଖୋଲିବ । ଏଥିପାଇଁ ୟୁଜିସି ପକ୍ଷରୁ ଏଯାବତ୍ କୌଣସି ଆବେଦନ କରାଯାଇ ନାହିଁ ବୋଲି ବରିଷ୍ଠ ଅଧିକାରୀମାନେ କହୁଛନ୍ତି ।

ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ରାଜ୍ୟପାଳଙ୍କ ସ୍ୱୀକୃତି ପରେ ଆଇନ୍‌ର ରୂପ ନେବ ଏବଂ ଏହାପରେ ୨୦୨୫ର ସଂଶୋଧିତ ଆଇନ୍‌ର ତର୍ଜମା କରି ୟୁଜିସି ସୁପ୍ରିମକୋର୍ଟରୁ ମାମଲା ପ୍ରତ୍ୟାହାର ପାଇଁ ବିଚାର କରିପାରେ । ନହେଲେ ରାଜ୍ୟ ସରକାର ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କୁ ଅବଗତ କରିବା ପରେ ଯଦି ମାନ୍ୟବର କୋର୍ଟ ନିଯୁକ୍ତି ସଂକ୍ରାନ୍ତରେ କିଛି ଆଦେଶ ପ୍ରକାଶ କରନ୍ତି ତେବେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରିପାରିବେ ବୋଲି ଆଇନ୍ ବିଶେଷଜ୍ଞମାନେ କହୁଛନ୍ତି ।

ଏହି ସଂଶୋଧିତ ଆଇନ୍ ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟ ପାଇଁ ପ୍ରଯୁଜ୍ୟ । ଏବେ ଏହି ୧୭ଟି ବିଶ୍ୱବିଦ୍ୟାଳୟ ଭିତରୁ ଉତ୍କଳ, ରମାଦେବୀ, ଖଲ୍ଲିକୋଟ, ଗଙ୍ଗାଧର, ମା'ମାଣିକେଶ୍ୱରୀ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଭଳି ୭ଟି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି । କେତେକ ସ୍ଥଳରେ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନେ ଦାୟିତ୍ୱରେ ଥିବାବେଳେ ଆଉ କେତେକ ସ୍ଥଳରେ ପୂର୍ବତନ କୁଳପତିମାନଙ୍କୁ ଦାୟିତ୍ୱରେ ରଖାଯାଇଛି । ଆଉ କିଛି ବିଶ୍ୱବିଦ୍ୟାଳୟରେ ପିଜି କାଉନ୍ସିଲର ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଦିଆଯାଇଛି । ସୁପ୍ରିମକୋର୍ଟରେ ମାମଲାର ସମାଧାନ ପରେ ଏହି ୭ଟି ବିଶ୍ୱବିଦ୍ୟାଳୟ ଲାଗି କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ ହେବ । ଯଦି ମାମଲା ସମାଧାନରେ ବିଳମ୍ବ ଘଟେ ତେବେ ୨୦୨୫ ବର୍ଷରେ ଆଉ ୪ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ହେଉଥିବାରୁ ସେଠାରେ ବି କାମଚଳା କୁଳପତି ବ୍ୟବସ୍ଥା ଚାଲିବ ।

ଉଚ୍ଚଶିକ୍ଷା ବିଭାଗର ଏହି ୧୭ଟିଯାକ ସରକାରୀ ବିଶ୍ୱବିଦ୍ୟାଳୟ ଲାଗି ୨୦୨୭ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ସେଥିରୁ ୧୩୫୩ଟି ଖାଲି ପଡିଛି । ବିଶ୍ୱବିଦ୍ୟାଳୟ ଲାଗି ଅତିଥି ଅଧାପକ ଭରସା ଥିବାବେଳେ କେତେକ ସ୍ଥାନରେ ଯୁକ୍ତ ଦୁଇ ଶ୍ରେଣୀ ଲାଗି ନିଯୁକ୍ତ ଅଧାପକ ଅଧାପିକାମାନଙ୍କୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀରେ ପାଠ ପଢ଼ାଇବା ସହିତ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କୁ ମଧ ମାର୍ଗଦର୍ଶନ ଦେବାକୁ ହେଉଛି ।

ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ୨୮୭୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ପଦବୀ ଥିବାବେଳେ ସେଥିରୁ ବି ୨୦୮୧ଟି ଖାଲି ପଡିଛି । ସୁପ୍ରିମକୋର୍ଟରେ ମାମଲା ଆଳ ଦେଖାଇ ଏସବୁ ମଧ ପୂରଣ କରାଯାଉ ନାହିଁ । ବ୍ୟାପକ ସଂଖ୍ୟାରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡିଥିବାରୁ ଉଚ୍ଚଶିକ୍ଷା ବିଭାଗର ୧୭ଟି ଯାକ ବିଶ୍ୱବିଦ୍ୟାଳୟରେ ପାଠପଢ଼ା, ଗବେଷଣା ଓ ପ୍ରଶାସନିକ କାର୍ଯ୍ୟ ବ୍ୟାହତ ହେଉଥିବାବେଳେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗୁଡୁଛି ଏବଂ କ୍ରମଶଃ ବିଶ୍ୱବିଦ୍ୟାଳୟଗୁଡ଼ିକର ପବିତ୍ର ପରିସର ନିଶାଡ଼ି ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳରେ ପରିଣତ ହେଉଛି । ତେବେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ମାମଲା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ବିପିୟୁଟି, ଭିମ୍‌ସାର୍, ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡିଆର୍, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ପ୍ରତିବନ୍ଧକ ସୃଷ୍ଟି କରୁନଥିବାବେଳେ ସେଠାରେ ବି ମାଳମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ବର୍ଷବର୍ଷ ଧରି ପୂରଣ ହୋଇପାରୁ ନାହିଁ । (ତଥ୍ୟ)

● ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ୧୪ ଲକ୍ଷ ଠକେଇ ଘଟଣା

## ଗୁଜରାଟରୁ ଦୁଇ ସାଇବର ଠକ ଗିରଫ




**ବ୍ରହ୍ମପୁର,୧୨।୪ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କଠାରୁ ଗତ ଫେବୃଆରୀରେ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ଏକ ସାଇବର ଗ୍ୟାଙ୍ଗ ୧୪ ଲକ୍ଷ ଟଙ୍କା ଠକିନେଇଥିଲା। ଏନେଇ କୁଳପତିଙ୍କ ଅଭିଯୋଗ କ୍ରମେ ବ୍ରହ୍ମପୁର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିବା ବେଳେ ଆଜି ଏହି ମାମଲାରେ ଗୁଜରାଟରୁ ୨ ଜଣଙ୍କ ଠକଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ଜ୍ୟୋତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗୁଜରାଟର ନିଲମବାଗ ଥାନା ଅନ୍ତର୍ଗତ ଭାବାନଗରରୁ ସେମାନଙ୍କୁ ଗିରଫ କରିଛି। ଗିରଫ ଦୁଇ ସାଇବର୍ ଠକ ହେଲେ ଭୂତେୟା ଜେନିଲ ଜୟସୁଖଭାଇ (୨୩) ଓ ବିଶ୍ୱଜିତସିନା ଗୋହିଲ(୨୧)। ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଶାଖା ମାମଲା ନଂ.୧୫/୨୫ରେ ଉଭୟଙ୍କୁ ସେଠାରୁ ସ୍ଥାନୀୟ ପୁଲିସ ସହାୟତାରେ ଗିରଫ କରାଯାଇଛି। ଗିରଫ ପରେ ସେମାନଙ୍କୁ ସେଠାକାର ଭାବାନଗର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍)ଙ୍କ କୋର୍ଟରେ ହାଜର କରାଯିବା ସହ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଅଣାଯାଇଥିଲା। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ସାଇବର ଅପରାଧରେ ବ୍ୟବହୃତ ବିଭିନ୍ନ ମେସିନ, ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ ଜବତ କରିଥିବା ନେଇ ଆଜି ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏନେଇ ନଂ. ୧୫/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ ଆଇଆର୍‌ବି ଯବାନ ବହିଷ୍କୃତ



**ବୌଦ୍ଧ,୧୨।୪ (ସଂଚାର ବ୍ୟୁରୋ) :** ବୌଦ୍ଧ ଜିଲାର ମନମୁଣ୍ଡା ଥାନାରେ ମାଓବାଦୀ ଅପରେଶନ ପାଇଁ ବାରାକ୍‌ରେ ଆଇଆର୍‌ବି ଯବାନମାନେ ନିୟୋଜିତ ଥିଲେ। କିନ୍ତୁ ବାରାକରେ ଗଞ୍ଜେଇ ରଖି ଯବାନମାନେ ଚାଲାଣ କରୁଥିବା ଖବର ଏସ୍‌ପି ଜାଣିପାରିଥିଲେ। ଜିଲା ଆରକ୍ଷୀ ଅଧିକ୍ଷକ ଏହା ଜାଣିବା ପରେ ଥାନାକୁ ଆସି ଗତ ୨୩ ତାରିଖରେ ବାରାକରୁ ଗଞ୍ଜେଇ ଜବତ କରିଥିଲେ। ଏହି ଗଞ୍ଜେଇର ପରିମାଣ ୧୫ କେଜି ୯୩୦ ଗ୍ରାମ ଥିଲା। ଏହି ଘଟଣାରେ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ ୩ ଯବାନଙ୍କୁ ବହିଷ୍କୃତ କରିଛନ୍ତି। ଏହାଛଡ଼ା ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ଆଇଆର୍‌ବି ଯବାନ କୁନାଲ ସିଂ, ତ୍ରିଲୋଚନ ରଣା, ନିଲମ ବର୍ଲାଙ୍କୁ ଗିରଫ କରିଛି। ତାଙ୍କ ନାମରେ ମାମଲା ନଂ(୧୧୯/୨୫) ରୁଜୁ କରି ସେମାନଙ୍କୁ କୋର୍ଟଚାଲାଣ କରିଛି।

## ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ହାଣିଲେ



**ବଲାଙ୍ଗିର,୧୨।୪ (ସଂଚାର ବ୍ୟୁରୋ) :** ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଟାଙ୍ଗିଆରେ ହାଣି ବିଭତ୍ସ ହତ୍ୟା। ବଲାଙ୍ଗୀର ଜିଲା ଚିମିନିଭାଟି ପଡ଼ା ପ୍ରାଥମିକ ସ୍କୁଲ ନିକଟ ଜନଗହଳି ରାସ୍ତାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ହତ୍ୟାକାରୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରୁଛି।ପରିବାରଲୋକେ ପହଞ୍ଚିବା ପରେ ଯୁବକଙ୍କ ପରିଚୟ ମିଳିଛି । ତାଙ୍କ ନାମ ରାମ ଦାସ ବୋଲି ଜଣାପଡ଼ିଛି । ପ୍ରାରମ୍ଭିକ ସୂଚନାନୁଯାୟୀ, ରାମ ହେଉଛନ୍ତି ଚିମିନିଭାଟି ପଡ଼ାର ଜଣେ ଟ୍ରକ ଡ୍ରାଇଭର । ହେଲେ ତାଙ୍କ ନିକଟରେ ଯେଉଁ ବାଇକ୍ ଛିଡା ହୋଇଛି ତାହା କୁରୁଲ ଗ୍ରାମର କୃଷ୍ଣ ରାଉତଙ୍କର ବୋଲି ଜଣାପଡ଼ିଛି। ଟଙ୍କା ପଇସା ଧାର ଉଧାରକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି । ଘଟଣାସ୍ଥଳରେ ପୋଲିସର ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଚଳାଇଛି । ଏସ୍‌ଡିପିଓ ସରୋଜ ଉପାଦେୟ ନିଜେ ରହି ଘଟଣାର ତଦନ୍ତ କରୁଛନ୍ତି।

## ୩ ବର୍ଷର ଝିଅକୁ ହାଣିଲା ନୃଶଂସ ବାପା

**ବାଙ୍କୀ,୧୨।୪ (ସଂଚାର ବ୍ୟୁରୋ) :** ୩ ବର୍ଷର ଝିଅକୁ ହାଣିଲା ନୃଶଂସ ବାପା। କଟକ ବାଙ୍କୀ ବୈଦେଶ୍ୱର ଥାନା ପୁରୁଣାପାଣି ଗାଁରେ ଘଟିଛି ଅଭାବନୀୟ ଘଟଣା। ସ୍ତ୍ରୀକୁ ହାଣିବା ବେଳେ ଝିଅ ମୁଣ୍ଡରେ ବାଜିଲା କଟୁରି ଚୋଟ । ଝିଅ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ଗୁରୁତର ଅବସ୍ଥାରେ କଳାପଥର ଡାକ୍ତରଖାନାର ଭର୍ତ୍ତି କରାଯାଇଛି । ଘରୋଇ କଳି ଲାଗିଥିବା ବେଳେ ବାପା ନିଜ କ୍ରୋଧକୁ ସମ୍ଭାଳିନପାରି ଝିଅକୁ ହାଣିଦେଇଛି । ଏହାପରେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ବୈଦେଶ୍ୱର ଥାନା ପୋଲିସ ଘଟଣାର ତଦନ୍ତ କରୁଛି ।

ଜୀବନ ଅମୃତ ଅନୁଚିନ୍ତା
ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪ ରବିବାର ୧୩ ଏପ୍ରିଲ ୨୦୨୫, ଭୁବନେଶ୍ୱର
Sunday 13 April 2025 Bhubaneswar

# ହିଂସାତ୍ମକ ଆନ୍ଦୋଳନ ପାଇଁ ପ୍ରସ୍ତୁତି

ପାଞ୍ଚ ବର୍ଷ ତଳେ ସାରା ଦେଶରେ ସିଏଏ ବିରୋଧୀ ଆନ୍ଦୋଳନ ହୋଇଥିଲା ଏବଂ ଏହା ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଥିଲେ। ବ୍ୟାପକ ଜାତୀୟ ସମ୍ପତ୍ତି ନଷ୍ଟ ହୋଇଥିଲା। ବାସ୍ତବରେ ସିଏଏ ନେଇ କିଛି ବ୍ୟକ୍ତି ଜାଣିଶୁଣି ମିଛ ପ୍ରଚାର କରିଥିଲେ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲେ। ସିଏଏ କାହାର ନାଗରିକତ୍ୱ ଛଡ଼ାଇବା ଲାଗି ଉଦ୍ଦିଷ୍ଟ ନଥିଲା। କିଛି ବ୍ୟକ୍ତିଙ୍କୁ ମାନବିକତା ଦୃଷ୍ଟିରୁ ଭାରତର ନାଗରିକତ୍ୱ ଦେବା ଏହାର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହାକୁ ନେଇ ଅଯଥା ବିଭ୍ରାନ୍ତି ସୃଷ୍ଟି କରାଯାଇଥିଲା। ଏବେ ସଂଶୋଧିତ ୱାକଫ ଆଇନକୁ ନେଇ ଅରାଜକତା ହୋଇଛି ଆନ୍ଦୋଳନ। ବାସ୍ତବରେ ୱାକଫ ଆଇନ କୌଣସି ଦୃଷ୍ଟିରୁ ସାମ୍ପ୍ରଦାୟିକ ଦୃଷ୍ଟିଭଙ୍ଗୀ ଆଧାରିତ ନୁହେଁ। ଏହା ମୁସଲମାନ ଧର୍ମାବଲମ୍ବୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁନି ବା ସେମାନେ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବେ ନାହିଁ। ୱାକଫ ଆଇନ ସହିତ ଇସଲାମ ଧର୍ମର କୌଣସି ସମ୍ପର୍କ ନାହିଁ। ୱାକଫ ଆକ୍ଟ ୧୯୯୫ରେ ପ୍ରଣୀତ ହୋଇଛି। ଏବେ ଏଥିରେ କେବଳ କିଛି ସଂଶୋଧନ କରାଯାଇଛି। ଏହା ଫଳରେ ୱାକଫ ବୋର୍ଡର ମନମାନି ବନ୍ଦ ହେବ। ସରକାରଙ୍କର ଏଥିରେ ନିୟନ୍ତ୍ରଣ ରହିବ। ବୋର୍ଡରେ ମହିଳା ଏବଂ ଅଣମୁସଲିମ ସଦସ୍ୟ ରହିବେ। ଏହା ସଂଖ୍ୟାଲଘୁ ବିରୋଧୀ ନୁହେଁ। କିନ୍ତୁ ଏହା ବିରୋଧରେ ଏବେ କିଛି ବ୍ୟକ୍ତି ଆନ୍ଦୋଳନ ତାଗିଦା ଦେଉଛନ୍ତି। କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ବିକାଶର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୌଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କର ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାୟରେ ଶୋଷଣକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋଳନକୁ ଏକ ପ୍ରକାର ଜୀବୀକା କରି ବଂଚୁଛନ୍ତି। କିଛି ଲୋକ ଚାକିରି ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଅୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧ୍ୟମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଜଣେ କୃଷକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏହାକୁ ମିଶାଇ ଏଠାରେ ତଦ୍ଦ୍ୱାରେଣ ଚାଷୀ ଆତ୍ମହତ୍ୟା କଲେଣି। ଉଭୟ ଚାଷୀ ଆର୍ଥିକ ଦୃଷ୍ଟିରୁ ସବଳ ନଥିଲେ। ଉଭୟେ କ୍ଷୁଦ୍ରଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଛି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ୍ୟ କରିଛି ବା ପ୍ରରୋଚିତ କରିଛନ୍ତି। ଏମଏସପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେତେଦୂର ଲାଭବାନ ହୋଇଥାଆନ୍ତେ ତାହା ଆକଳନ କରାଯାଇପାରିବନି। କିନ୍ତୁ କିଛି ଦଲାଲଙ୍କ ରାଜନୀତିରେ ସେମାନେ ବଳି ପଡ଼ିଲେ। ଭାରତରେ କୃଷକ ଆନ୍ଦୋଳନ ଏବେ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନାର କୃଷକମାନେ ବେଶୀ ମାତ୍ରାରେ ସାମିଲ ହୋଇଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କିନ୍ତୁ କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ଯୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଭାରତରେ ଜଣେ ବାଣ୍ଡା କୃଷକ ନେତାଭାବେ ପରିଚିତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ତେବେ ସରକାର ସେମାନଙ୍କର ଦାବିକୁ କାହିଁକି ମାନୁ ନାହାନ୍ତି? କାହିଁକି ବାରମ୍ବାର କୃଷକଙ୍କ ରୋଷର ଶିକାର ହେଉଛନ୍ତି? ଏହାର କାରଣ ହେଲା ବିଭିନ୍ନ କୃଷିଜାତ ସାମଗ୍ରୀର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଗଲେ ଏହା ଦ୍ୱାରା ସରକାରଙ୍କ ଉପରେ ଆର୍ଥିକ ବୋଝ ବଢ଼ିଚାଲିବ। ଏହାର ପରୋକ୍ଷ ପ୍ରଭାବରେ ଟିକସ ବୋଝ ବଢ଼ିବ ଏବଂ କୃଷକମାନେ ମଧ ଏହାର ଶିକାର ହେବେ। ଏମଏସପି ବଢ଼ିଲେ ସେମାନଙ୍କର ଆୟ ବଢ଼ିବ, କିନ୍ତୁ ବ୍ୟୟ ମଧ ବାଢ଼ିଚାଲିବ ହୋଇଯାଇପାରେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦନ ଲାଗି ଖର୍ଚ୍ଚ ହ୍ରାସ ଅଧିକ ଜରୁରୀ। ସରକାର ବିଭିନ୍ନ ପ୍ରକାର କୃଷି ଉପକରଣ, ସାର, କୀଟନାଶକ, ବିହନ ଉପରେ ଟିକସ ହ୍ରାସ କଲେ, ଜଳ ଏବଂ ବିଜୁଳି ଟିକସ ହ୍ରାସ କଲେ କୃଷି ଉତ୍ପାଦନ ଖର୍ଚ୍ଚ କମିବ ଏବଂ କୃଷକଙ୍କ ସହ ସାଧାରଣ ଖାଉଟି ମଧ ଆଶ୍ୱସ୍ତ ହେବେ। ଏଥିଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ ଏହାର ଅନୁଧ୍ୟାନ କରି ଉଚିତ ନିଷ୍ପତ୍ତି ନେବା ଉଚିତ। ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର କୃଷକମାନଙ୍କର ରହିଛି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ୱୀକାର୍ଯ୍ୟ ଲାଗୁନାହିଁ। ଏବେ ୱାକଫ ବିରୋଧୀ ଆନ୍ଦୋଳନ ନାମରେ କିଛି ଦେଶବିରୋଧୀ ଶକ୍ତି ପୁଣି ଦେଶରେ ହିଂସାର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଏଥିପ୍ରତି ସରକାର ସତର୍କ ରହିବା ଉଚିତ। ହିଂସାତ୍ମକ ଆନ୍ଦୋଳନକୁ କଠୋର ହସ୍ତରେ ଦମନ କରାଯିବା ଉଚିତ।

# କୈବର୍ତ୍ତ ଦେବୀ ମାଁ ବାସେଳୀ



## କିଶୋର ଚନ୍ଦ୍ର ବେହେରା

ମାନବ ସଭ୍ୟତା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉନ୍ନତମାନର ଶୀର୍ଷରେ ପହଞ୍ଚିଲେ ମଧ ପ୍ରଚଳିତ ପ୍ରଥା ଓ ପରମ୍ପରା କିମ୍ବା ପୌରାଣିକ କିମ୍ବଦନ୍ତୀକୁ ବର୍ତ୍ତମାନ ସୁଦ୍ଧା ଭୁଲିପାରି ନାହାନ୍ତି। ସାଧାରଣ ମଣିଷଟିଏ ପାରମ୍ପରିକ ପ୍ରଥା ଓ ପରମ୍ପରାକୁ ପାଳନ କରି ନିଜେ ଆନନ୍ଦ ଓ ଖୁସି ଅନୁଭବ କରିବା ସହ ନିଜ ପରିବାର, ଆତ୍ମୀୟ ସୋଦର, ବନ୍ଧୁବାନ୍ଧବ ସାହି ପଡିଶାଙ୍କ ମଧରେ ଧର୍ମୀୟ ଆତ୍ମ ବିଶ୍ୱାସ ଜାଗ୍ରତ କରି ପାରିଥାଏ। ଉତ୍କଳୀୟ ପରମ୍ପରା ବାରମାସରେ ତେର ଯାତ୍ରା ନିଳାଦ୍ରୀ ମହୋଦୟାଷ୍ଟମୀ ଠାରୁ ଆରମ୍ଭ ହୋଇ ଅକ୍ଷୟ ତୃତୀୟା ମଧରେ ଶେଷ ହୋଇଥାଏ। ଏହି କଥାବସ୍ତୁ ଅନୁଯାୟୀ ବିଭିନ୍ନ ଓଷାବ୍ରତ ଓ ପର୍ବପର୍ବାଣୀ ଉଭୟ ପୁରୁଷ ଏବଂ ମହିଳାମାନେ ପାଳନ କରୁଥିଲେ ମଧ ପୁରୁଷ ମାନଙ୍କ ଅପେକ୍ଷା ନାରୀ ମାନଙ୍କ ଆତ୍ମବିଶ୍ୱାସ ଢେର ଅଧିକ ଓ ସୁଦୃଢ଼। ବିଶେଷ କରି ଦୈବୀ ଶକ୍ତିଙ୍କୁ ଆରାଧନା ନିମନ୍ତେ ଆଶ୍ୱିନ ଓ ଚୈତ୍ର ମାସରରେ ନବରାତ୍ର ପାଳନ କରାଯାଇଥାଏ। ଓଡ଼ିଆ ପଞ୍ଜିକାରେ ଚୈତ୍ର ମାସଟି ବର୍ଷର ଶେଷ ମାସ। ଏହି ମାସଟି ପର୍ବପର୍ବାଣୀରେ ଭରପୁର। ବିଶେଷକରି ବାସନ୍ତୀକା ଦୁର୍ଗୋତ୍ସବ, ମଙ୍ଗଳା ଓଷା, ହିଙ୍ଗୁଳା ଯାତ୍ରା, ଝାମୁ ଯାତ୍ରା, ପଣ୍ଢେଇ ପୂଜା, ଅଶୋକାଷ୍ଟମୀ, ରାମନବମୀ, ମହାବିଷୁବ ସଂକ୍ରାନ୍ତି ଏବଂ ସର୍ବୋପରି ଚଇତି ପର୍ବ ଅର୍ଥାତ୍ ଚୈତ୍ର ପୂର୍ଣ୍ଣିମାର ପର୍ବ ଗୁଡିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୌରାଣିକ କିମ୍ବଦନ୍ତୀକୁ ଆଧାରକରି ଚୈତ୍ର ପୂର୍ଣ୍ଣିମା ବାସେଳୀ ଠାକୁରାଣୀଙ୍କର ଜନ୍ମଦିବସ। ଚୈତ୍ର ପୂର୍ଣ୍ଣିମା ଉପକୂଳ ଅଂଚଳର କୈବର୍ତ୍ତ ସଂପ୍ରଦାୟମାନଙ୍କର କୂଳ ଦେବୀଙ୍କର ଏକ ପ୍ରଧାନ ପୂଜା। କୈବର୍ତ୍ତମାନଙ୍କର ଇଷ୍ଟଦେବୀ ବାସେଳୀ ଠାକୁରାଣୀ। ସେମାନେ ଚୈତ୍ର ପୂର୍ଣ୍ଣିମା ଦିନ ଏହି ଇଷ୍ଟଦେବୀଙ୍କୁ ଜାକଜମକରେ ପାଳନ କରନ୍ତି। ଏହି ଦିନ ଠାରୁ ଅଶ୍ୱମୁଖୀ ବାସେଳୀଙ୍କୁ ବୈଶାଖ ମାସର କୃଷ୍ଣ ପକ୍ଷରୁ ପ୍ରାୟ ଆଠଦିନ ଧରି ପୂଜା କରିଥାନ୍ତି। ଏହାକୁ କେନ୍ଦ୍ର କରି ଚଇତି ପର୍ବର ନାଚ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଚାଲୁ ରହେ। କୈବର୍ତ୍ତ ସଂପ୍ରଦାୟକୁ ଉପକୂଳବର୍ତ୍ତୀ କେତେକ ଅଞ୍ଚଳରେ କେଉଟ ନାମରେ ଅଭିହିତ କରିଅଛନ୍ତି। ଏହି କେଉଟମାନେ ଦୁଇଭାଗରେ ବିଭକ୍ତ ଯଥା- ମାଛମରା କେଉଟ ଏବଂ ଚୂଡ଼ାକୁଟା କେଉଟ। ମାଛମରା କେଉଟମାନେ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର, ହ୍ରଦ ବା ନଈକୂଳରେ ବସବାସ କରୁଥିବା ବେଳେ ଚୂଡ଼ାକୁଟା କେଉଟମାନେ ଓଡ଼ିଶାର ବିଭିନ୍ନ ଅଂଚଳରେ ବିଚ୍ଛିନ୍ନ ଭାବରେ ବାସ କରନ୍ତି। ମାଛମରା କୈବର୍ତ୍ତ ବା କେଉଟମାନେ ବାସେଳୀ ଏବଂ ନାଆକୁ ପୂଜା କଲାବେଳେ ଚୂଡ଼ାକୁଟା କେଉଟମାନେ ଢ଼ିଙ୍କିକୁ ପୂଜା କରନ୍ତି।

ଏହି ବାସେଳି ପୂଜା ତ୍ରେତୟାରେ ରାମଚନ୍ଦ୍ରଙ୍କ ବନବାସ ସମୟରେ ରାମାୟଣର ଅରଣ୍ୟ କାଣ୍ଡରେ ରାମଚନ୍ଦ୍ରଙ୍କୁ ନାଆରେ ଅଜ୍ଞାନ ଅଥଚ ବିଜ୍ଞାନୀ କେଉଟ ନଈ ପାରିକରିଦେବା କାହାଣୀକୁ ଏହି ବାସେଳି ପୂଜାର ଅୟମାରମ୍ଭ ବୋଲି ପୁରାଣରେ ବର୍ଣ୍ଣିତ ହୋଇଅଛି। ସେଦିନ କୈବର୍ତ୍ତ ରାମଚନ୍ଦ୍ରଙ୍କୁ ନଦୀପାର କରିଥିବା ହେତୁ ରାମଚନ୍ଦ୍ର ଖୁସିରେ କୈବର୍ତ୍ତଙ୍କୁ ବାସେଳୀ ନାମକ ଗୋଟିଏ ଘୋଡା ଉପହାର ଦେଇଥିଲେ। ସେବେଠୁ ଏହି ବାସେଳୀଙ୍କ ପୂଜା ଚାଲେ। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଯେତେ ବେଳେ ଗଜପତି ପୁରୁଷୋତ୍ତମ ଦେବଙ୍କ ପ୍ରାର୍ଥନାରେ ଏହି କାଞ୍ଚି ଯୁଦ୍ଧକୁ ଯିବା ପାଇଁ ପ୍ରସ୍ତୁତ ହେଲେ ଶକ୍ତି ପ୍ରଦାନପାଇଁ ମା' ସିଦ୍ଧ ବାସେଳୀଙ୍କୁ ସେ ସ୍ମରଣ କଲେ। ସିଦ୍ଧ ବାସେଳୀ,ମହାପ୍ରଭୁଙ୍କ ସ୍ମରଣରେ କଳା ଓ ଧଳା ଘୋଡ଼ା ରୂପରେ ଆସି ତାଙ୍କ ସମ୍ମୁଖରେ ଉପସ୍ଥିତହେଲେ। ଏହି ଘୋଡ଼ା, ଧଳାଘୋଡ଼ା,କାଳିଆ ଠାକୁର ଶ୍ରୀଜଗନ୍ନାଥ ଏବଂ କଳାଘୋଡ଼ା ଧଳିଆ ଠାକୁର ବଳଭଦ୍ର ଚଢ଼ି କାଞ୍ଚି ଯୁଦ୍ଧକୁ ଯାତ୍ରା କରିଥିଲେ। ଯୁଦ୍ଧ ଜୟ ହେଲା ଶ୍ରୀ ପୁରୁଷୋତ୍ତମଦେବ କାଞ୍ଚି ରାଜ ଜେମା ରୁପାମ୍ବିକା (ପଦ୍ମାବତୀ)ଙ୍କ ସହ ଉତ୍କଳ ପ୍ରତ୍ୟାବର୍ତ୍ତନ କଲେ। ସିଦ୍ଧ ବାସେଳୀ ଯୁଦ୍ଧରେ ସହାୟତା ପ୍ରଦାନ କରି ଥିବାରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସିଦ୍ଧ ବାସେଳୀଙ୍କୁ ବରଦେଲେ ତୁମେ ଦୁହେଁ କୈବର୍ତ୍ତଙ୍କ ଇଷ୍ଟଦେବୀ ରୂପେ ପୂଜାପାଇବ। ଶ୍ରୀକ୍ଷେତ୍ରଧାମରେ ବାସେଳୀ ସାହି ବା ଘୋଡାବାସେଳୀ ସାହି ନାମକ ଗୋଟିଏ ସାହି ଅଛି। ମହାପ୍ରଭୁଙ୍କ ବରପ୍ରାପ୍ତ ମାଆ ଘୋଡ଼ା ବାସେଳୀ ସେଠାରେ କୈବର୍ତ୍ତ କୁଳର ଇଷ୍ଟଦେବୀ ରୂପେ ପୂଜିତ ହେଉଅଛନ୍ତି। ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ଘର ଦ୍ୱାର ଲିପାପୋଛା କରି ଚିତା ଲେଖନ୍ତି ଏବଂ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ସେମାନଙ୍କୁ ନୂଆ ଲୁଗା ଭେଟି ଦିଅନ୍ତି। ବୋଇତରେ ଫୁଲ, ଚନ୍ଦନ ଓ ସିନ୍ଦୁର ଲଗାଇ ଧୂପ, ଦୀପ ଦିଆଯାଏ। ଏହା ସହିତ ଛେନା, ଗୁଡ଼, ନଡ଼ିଆ, କଦଳୀ ଓ ଦୁଧ, ଦହି ଆଦି ଭୋଗ କରାଯାଏ। ଏହିପରି ଭାବେ ପୂଜା କରି କୈବର୍ତ୍ତମାନେ ଚୈତ୍ର ପୂର୍ଣ୍ଣିମା ଉତ୍ସବ ପାଳନ କରି ଆସୁଛନ୍ତି। ଏହି ପୂଜା କଲେ ଧନଧାନ୍ୟ ପ୍ରାପ୍ତି ହୁଏ ବୋଲି କୈବର୍ତ୍ତମାନଙ୍କର ବିଶ୍ୱାସ ରହିଛି। ଚୂଡ଼ାକୁଟା କେଉଟମାନଙ୍କର ଆରାଧ ଦେବୀଙ୍କୁ କୁହାଯାଏ ଆଶିନୀ ବାସେଳୀ। ଯାହାକୁ ସେମାନେ ଢ଼ିଙ୍କି ରୂପେ ପୂଜା କରନ୍ତି। ମୋଟ ଉପରେ କୈବର୍ତ୍ତମାନେ ବାସେଳି, ନାଆ ଓ ଢ଼ିଙ୍କିକୁ ପୂଜା କରନ୍ତି। ଅଶ୍ୱ ହେଉଛି ବାସେଳିଙ୍କର ସଙ୍କେତ, ଡଙ୍ଗା ବା ନାଆ ହେଉଛି ବିଶ୍ୱକର୍ମାଙ୍କ ସଙ୍କେତ ଓ ଢ଼ିଙ୍କି ହେଉଛି ମହାଲକ୍ଷ୍ମୀଙ୍କ ସଙ୍କେତ। ଏହି ପର୍ବରେ ସାଧାରଣତଃ ପରିବାରର ସମସ୍ତେ ନୂଆ ବସ୍ତ୍ର ପରିଧାନ କରନ୍ତି ଏବଂ ଆରାଧ ଦେବଦେବୀମାନଙ୍କୁ ପୂଜା କରନ୍ତି। ଘରେ ସୁମିଷ୍ଟ ଖାଦ୍ୟପେୟ ପ୍ରସ୍ତୁତ ହେବା ସହ ସମସ୍ତ ବନ୍ଧୁ ବାନ୍ଧବ ଉପସ୍ଥିତ ରହି ଖୁସିମନାଇଥାନ୍ତି। ଏହି ପର୍ବ ମାଧ୍ୟମରେ ପରସ୍ପର ମଧରେ ଭାଇଚାରା ସୃଷ୍ଟି ହେବା ସହ ବାହାରେ ରହୁଥିବା ପରିବାରର ଅନ୍ୟ ସଦସ୍ୟମାନେ ଉକ୍ତ ଦିନରେ ଉପସ୍ଥିତ ରହି ଆନନ୍ଦ ଲାଭ କରିଥାନ୍ତି।



କୈବର୍ତ୍ତ ସଂପ୍ରଦାୟ ବାସେଳୀ ପୂଜାର୍ଚ୍ଚନା ସହ "ଚଇତି ଘୋଡ଼ା ନାଚ" ଓଡ଼ିଶାର ଏକ ଅନନ୍ୟ ପାରମ୍ପରିକ ଲୋକନୃତ୍ୟ। ଓଡ଼ିଶାର ପୂର୍ବ ଉପକୂଳସ୍ଥ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ କୈବର୍ତ୍ତମାନେ ଚଇତି ଘୋଡ଼ା କରନ୍ତି ଏବଂ ବିଭିନ୍ନ ସ୍ଥାନରେ ଏହି ଘୋଡ଼ାମାନଙ୍କୁ ଏକତ୍ର କରି ଚଇତି ପୂର୍ଣ୍ଣିମା ଠାରୁ ଆଠ ଦିନ ବ୍ୟାପୀ ଘୋଡ଼ା ମେଳଣ କରାଯାଏ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି ଉକ୍ତ ଚଇତିଘୋଡ଼ାର ପିଠିରେ ଗୋଟିଏ କଣା ଥାଏ ସେହି କଣାବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆହୁଏ ଓ ଘୋଡ଼ାରୂପର ଆଗରୁ ଓ ପଛରୁ ଡ଼ୋରି ଲଟକା ଯାଏ ମନୁଷ୍ୟର ଅଣ୍ଟାଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁଭୂତ ହୁଏ। ଏ ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ ନାଚେ ଘୋଡ଼ାର ମୁହଁଆଡ଼େ ଲଗାମପରି କନାଡ଼ୋରି ବନ୍ଧା ହୋଇଥାଏ ଉକ୍ତ ଡ଼ୋରିକୁ ନାଚିବାବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ କେଉଟମାନେ ଏହି ପର୍ବ ଉପଲକ୍ଷରେ ଚଢ଼େଇବା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ସାଧାରଣତଃ ଘୋଡ଼ା ନାଚରେ ଦଶଜଣ କଳାକାରଙ୍କ ଆବଶ୍ୟକତା ପଡ଼ିଥାଏ। ସେମାନଙ୍କ ମଧରୁ ଜଣେ ଲେଖାଏଁ ଗାୟକ, ପାଳିଆ, ଢୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳିଧରେ, ଢୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା' ବାସେଳିଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ାନାଚ, ପରେ ରାଧାକୃଷ୍ଣଙ୍କ ଲୀଳା, ଶିବପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କୈବର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି। ରାଜ୍ୟ ମତ୍ସ୍ୟ ସଂପଦ ବିଭାଗ ଓ ସଂସ୍କୃତି ବିଭାଗ ମିଳିତ ଉଦ୍ୟମରେ ଏକ ପଦକ୍ଷେପ ନିଅନ୍ତି ତେବେ କୈବର୍ତ୍ତ ସଂପ୍ରଦାୟର ଏହି ପାରମ୍ପରିକ ଲୋକନୃତ୍ୟ ପ୍ରଚାର ପ୍ରସାର ସହ କଳାକାର ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଉପଯୁକ୍ତ ମଞ୍ଚ ତିଆରି କରାଗଲେ ଲୋପ ପାଇବା ପାଇଁ ଯାଉଥିବା ସଂସ୍କୃତି ବଞ୍ଚି ରହିବ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ବିଚାରପତିଙ୍କ ସମ୍ପତ୍ତି



## ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ନିଜର ସମ୍ପତି ସାର୍ବଜନୀନ କରିବା ପାଇଁ ସୁପ୍ରିମକୋର୍ଟର ସମସ୍ତ ୩୩ଜଣ ବିଚାରପତିଙ୍କ ସର୍ବସମ୍ମତି ନିଷ୍ପତି ସାଂପ୍ରତିକ ସମୟରେ କେବଳ ସ୍ୱାଗତଯୋଗ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ବିଚାର ବିଭାଗ ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ପୁନଃ ପ୍ରତିଷ୍ଠା କରିବାରେ ସହାୟକ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଜବତ ହେବା ପରିପ୍ରେକ୍ଷୀରେ ପ୍ରଧାନବିଚାରପତି ସଂଜୀବ ଖାନ୍ନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମସ୍ତ ବିଚାରପତିମାନଙ୍କର ଏକ ବୈଠକରେ ସର୍ବସମ୍ମତ କ୍ରମେ ଏହି ନିଷ୍ପତି ଗୃହୀତ ହୋଇଛି। କହିବା ବାହୁଲ୍ୟ ଯେ, ବିଚାରପତି ବର୍ମାଙ୍କ ବାସଭବନରୁ ପ୍ରାୟ ୧୫କୋଟି ଟଙ୍କା ଜବତ ହେବା ପରେ ବିଚାର ବିଭାଗର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ତ୍ୱରିତ ପଦକ୍ଷେପ ସହ ପ୍ରଧାନ ବିଚାରପତି ଖାନ୍ନା ଆଭ୍ୟନ୍ତରୀଣ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ତାଙ୍କୁ ତୁରନ୍ତ ଆଲାହାବାଦ ହାଇକୋର୍ଟକୁ ବଦଳୀ କରିଥିଲେ। ଏହା ବ୍ୟତୀତ ତାଙ୍କୁ କୌଣସି ମାମଲା ବିଚାର କରିବା ପାଇଁ ଦୂରେଇ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ବିଚାର ବିଭାଗ ତଥା ନ୍ୟାୟାଳୟର ସ୍ୱଚ୍ଛତା, ନିରପେକ୍ଷତା ନେଇ ବିଚାର ବିଭାଗର ଗୁରୁତ୍ୱର ଚାପରେ ରହିଥିଲା ବୋଲି ନିସନ୍ଦେହରେ କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଜନମାନସରେ ନ୍ୟାୟାଳୟର ସ୍ୱଚ୍ଛତା ଓ ନିରପେକ୍ଷତା ନେଇ ଘନୀଭୂତ ହୋଇଥିବା ସନ୍ଦେହ, ଆଶଙ୍କାକୁ ଦୂରିଭୂତ କରିବା ପାଇଁ ବିଚାରପତିମାନଙ୍କ ସମ୍ପତି ଅଦାଲତର ୱେବ-ସାଇଟରେ ସାର୍ବଜନୀନ କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ପଦକ୍ଷେପ। କିନ୍ତୁ ସୁପ୍ରିମକୋର୍ଟଙ୍କର ବିଚାରପତିମାନଙ୍କର ସମ୍ପତି ତାଲିକା ସାର୍ବଜନୀନ କରିବା ଆମ ଦେଶରେ ନୂଆ ନିଷ୍ପତି ନୁହେଁ। ୧୯୯୭ ମସିହାରେ ପ୍ରଥମ ଥର ପାଇଁ ବିଚାରପତିମାନଙ୍କର ସମ୍ପତି ତାଲିକା ପ୍ରଧାନ ବିଚାରପତିଙ୍କୁ ପ୍ରତିବର୍ଷ ପ୍ରଦାନ ଲାଗି ସୁପ୍ରିମକୋର୍ଟର ବିଚାରପତିମାନେ ମଧ ମୁଖ୍ୟ ବିଚାରପତିଙ୍କ ନିକଟରେ ସମ୍ପତି ତାଲିକା ଦାଖଲ ପାଇଁ ନିଷ୍ପତି ହୋଇଥିଲା। କିନ୍ତୁ ଏହି ପ୍ରସ୍ତାବ ସ୍ୱେଚ୍ଛାକୃତ ଏବଂ ଅତ୍ୟନ୍ତ ଗୋପନୀୟ ଥିଲା। ସମ୍ପତି ତାଲିକା ପ୍ରଦାନ ବିଚାରପତିମାନଙ୍କ ପାଇଁ ବାଧତାମୂଳକ ନଥିଲା ଏବଂ ଗୋପନୀୟ ଥିବାରୁ ଜନସାଧାରଣ ଜାଣିବାର କୌଣସି ସୁଯୋଗ ମଧ ନଥିଲା। ସମ୍ପତି ତାଲିକା ଅନ୍ଧାରରେ ଥିବାରୁ ଜନସାଧାରଣ ପାଇଁ ଆଦୌ ଉତମ ପ୍ରସ୍ତାବ ନଥିଲା। ସେହିପରି ୨୦୦୫ ମସିହାରେ ଦେଶରେ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ବିଚାରପତିଙ୍କ ସମ୍ପତି ଜାଣିବା ନେଇ ଆଶା ସଂଚାର କରିଥିଲା। କିନ୍ତୁ ବୃହତର ଜନସ୍ୱାର୍ଥ ନଥିଲେ ବ୍ୟକ୍ତିଗତ ସୂଚନା ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି ସୂଚନା ଅଧିକାର ଆଇନରେ ଏକ ବ୍ୟବସ୍ଥା ଥିବାରୁ ବିଚାରପତିମାନଙ୍କ ସମ୍ପତି ଜାଣିବା ଅନ୍ଧକାରରେ ରହିଛି। ଏପରି କି ସେମାନେ ସୂଚନା ଆବେଦନକାରୀଙ୍କ ପାଇଁ ଏହି ବ୍ୟବସ୍ଥା ଏକ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ୨୦୧୮ ମସିହାରେ କୋର୍ଟ ପ୍ରୋସିଡିଙ୍ଗ ସିଧା ପ୍ରସାରଣ ଆରମ୍ଭ ହେବା ପରେ ବିଚାରପତିମାନେ ସେମାନଙ୍କ ସମ୍ପତି ତାଲିକା ସାର୍ବଜନୀନ କରିବା ନେଇ ଆଶା କରାଯାଇଥିଲା। ମାତ୍ର ସେପରି କିଛି ଅଗ୍ରଗତି ଘଟିଲା ନାହିଁ। ଏପରି ୨୦୨୩ ମସିହାରେ ଆଇନ ଓ ନ୍ୟାୟ, ବ୍ୟାପାର ସଂସଦୀୟ କମିଟି ବିଚାରପତିମାନଙ୍କ ସମ୍ପତି ଘୋଷଣା ବାଧତାମୂଳକ କରିବା ପାଇଁ ସୁପାରିଶ କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ବୈଧାନିକ ଆଇନ ଏଥିପାଇଁ ପ୍ରଣୟନ କରାଯାଇନାହିଁ। ନ୍ୟାୟାପଳିକାରେ ସ୍ୱଚ୍ଛତା ପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ଓ ବଦଳୀ ପାଇଁ କେନ୍ଦ୍ର ସରକାର ୨୦୧୫ରେ ପ୍ରଣୟନ କରିଥିବା ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ। ଆଇନକୁ ଆସାମ୍ବିଧାନିକ ଘୋଷଣା କରି ରଦ୍ଦ କରିବା ପରେ ବିଚାରପତିମାନଙ୍କୁ ଉତରଦାୟିତ୍ୱ କରିବା ଲାଗି ସୁପ୍ରିମକୋର୍ଟ ଘୋଷଣା କରିଥିଲେ। ମାତ୍ର ଏବେ ଦୀର୍ଘ ଏକ ଦଶନ୍ଧି ପରେ ଦୁଇଜଣ ବିଚାରପତିଙ୍କ ଆଚରଣ ନେଇ ପ୍ରଶ୍ନ ଉଠିଥିବାବେଳେ ସେମାନଙ୍କୁ ଉତରଦାୟିତ୍ୱ କରାଯାଇପାରିନାହିଁ। ଆଲାହାବାଦ ହାଇକୋର୍ଟର ବିଚାରପତି ଶେଖର ଯାଦବଙ୍କ ସାମ୍ପ୍ରଦାୟିକ ମତବାଦ ଏବଂ ବିଚାରପତି ବର୍ମାଙ୍କ ଆର୍ଥୀକ ଦୁର୍ନୀତି ଘଟଣାରେ ସେମାନଙ୍କୁ ଉତରଦାୟୀ କରିବାରେ ସର୍ବୋଚ୍ଚ ଅଦାଲତ ବିଫଳ ହୋଇଥିବା କୁହାଯାଇପାରେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲୋକପ୍ରତିନିଧି ଅମଲାତନ୍ତ୍ର ତଥା ସରକାରୀ କର୍ମଚାରୀଙ୍କ ପାଇଁ ସମ୍ପତି ତାଲିକା ସାର୍ବଜନୀନ କରିବା ବାଧତାମୂଳକ ହୋଇଥିବାବେଳେ ବିଚାରପତିମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଉଚିତ ନୁହେଁ। କାରଣ ବିଚାର ବିଭାଗରେ ଗୌରବ ଏବଂ ଉତରଦାୟିତ୍ୱ ଏବେ ବିପଦଗ୍ରସ୍ତ। ବିଚାରପତିମାନଙ୍କ ସମ୍ପତି ତାଲିକା ଘୋଷଣା ବାଧତାମୂଳକ କରିବାର ସମୟ ଏବେ ଉପନୀତ। କାରଣ ସୁପ୍ରିମକୋର୍ଟଙ୍କ ସର୍ବସମ୍ମତ ନିଷ୍ପତି ଯଥେଷ୍ଟ ନୁହେଁ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ୍: ୭୯୭୮୬୬୬୪୦୩**

# ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦ କରେ ଭାବ



## ମମତା ପାଲ

ଏ ଅନିତ୍ୟ ସଂସାରରେ ଜନ୍ମନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା ଜୀବନ ଯାନ୍ତ୍ରଣାରେ ବେଦନାବିଦ୍ଧି ହୋଇ ପର ପାଇଁ ସୁଖର ହସ ବାଣ୍ଟୁ ଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ହେଲେ ସ୍ୱର୍ଗତଃ ପ୍ରେମଲତା ପାଲ। ଜନ୍ମ ମୃତ୍ୟୁର ନିଗୂଢ଼ ବ୍ୟୁହ ଭେଦ ମାନବର ସୀମିତ ମନୋବୁଦ୍ଧିର ଅଗୋଚର। ଜୀବ ଆସିଥାଏ ଯିବା ପାଇଁ। ପ୍ରକୃତିର ଏହି ସ୍ୱତଃସିଦ୍ଧ, ଶାଶ୍ୱତ ତଥା ଅନନୁଲଙ୍ଘନୀୟ ନିୟମକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ତଥାପି ପରମପୁରୁଷଙ୍କ ଶ୍ରୀଚରଣାରବିନ୍ଦରେ ସମର୍ପିତ ଜୀବନ କୃତକୃତ୍ୟ। ଏହି ପରିପ୍ରେକ୍ଷୀରେ ବିଚାର କଲେ ପ୍ରେମଲତାଙ୍କ ଭକ୍ତିପୂତ ଜୀବନ ଅତି ମହାନ ଓ ପବିତ୍ର। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟରୁ ସେ କେବେହେଲେ ତିରୋହିତ ହୋଇପାରନ୍ତି ନାହିଁ।

ଜଗତକୁ ଆସିଲେ, ଜଗତ ଛାଡ଼ିବା ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧରୁ, ତାର ଫେରିବା ନିଶ୍ଚିତ ହୋଇଥାଏ ସେହି ସତ୍ତା ମଧରେ ବିଲୀନ ହୋଇ ଯିବା ପାଇଁ। ମାତ୍ର ବାଟ ଚାଲିବା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟ ସାଧ ଅଥବା ଅସମ୍ଭବ। ଏପରି ବ୍ୟତିକ୍ରମ ପ୍ରେମଲତା ପାଲଙ୍କ ଠାରେ ଦେଖାଦେଇନି। "ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା, ତାହା କେବେ ହେଲେ ଜୀବନର ମୂଲ୍ୟାଙ୍କନର ମାପକାଠି ହୋଇ ନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଜୀବନଯାପନ କରିବା ପ୍ରକୃତ ମାନବିକତାର ପରିଚୟ। ସେ ତାଙ୍କର ଜୀବନରେ ପ୍ରମାଣ କରିଦେଇଛନ୍ତି ଯେ ପ୍ରକୃତ ମାନବ ସେବା ପାଇଁ ଲୋକବଳ ଆର୍ଥିକ ସ୍ୱଚ୍ଛଳତା ବା ସରକାରୀ ସାହାଯ୍ୟର ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତପ୍ରେମ ସେବା ମନୋବୃତ୍ତି, ପ୍ରେମ ଭାବ, ପ୍ରଶାନ୍ତି ଭାବ, କ୍ଷମା ଭାବ ଓ ତ୍ୟାଗ ଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ସଂପତ୍ତି ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ସେ ଯେପରି ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି, ତାହା ଆମ୍ଭ ମାନଙ୍କୁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ନିଜ ଆତ୍ମାର ସଦଗତି ପାଇଁ ସେ ନିଜେ ଜୀବନକାଳ ମଧରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦିତ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି, ଏ ବିଶ୍ୱାସ ଆମ ସମସ୍ତଙ୍କର ରହିଛି।

ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି ଯଥା ନୀଚ ବା ଅଧମ, ମଧମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରାଣପୀଡ଼ା ହୁଏ। ସେମାନେ ମଧମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିଲେ ମଧ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ଓ ନୀତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ପ୍ରେମଲତା ପାଲଙ୍କ ଠାରେ ଦେଖାଯାଇଥିଲା। ସମ୍ପର୍କରେ ଥିଲେ ସେ ମୋ ଖୁଡ଼ୀ। ସମୟର ଉଜାଣି ସୁଅ ଭିତରେ ମନେପଡ଼ୁଛି ଅନେକ କଥା। ମୋ ସ୍ୱର୍ଗତଃ ଦାଦା କୃଷ୍ଣଚନ୍ଦ୍ର ପାଲ ପାରାଦ୍ୱୀପ ପୋର୍ଟର ଜଣେ ସହକାରୀ ଇଞ୍ଜିନିୟର ଭାବେ କୃତୀତ୍ୱର ସହ ନିଜ କର୍ମମୟ ଜୀବନ ଅତିବାହିତ କରୁଥିବାବେଳେ ହିଁ ତାଙ୍କ ଜୀବନ ଦୀପ ଅକାଳରେ ନିର୍ବାପିତ ହୋଇଗଲା। ସେ ସମୟରେ ଖୁଡ଼ୀ ଅନେକ କଷ୍ଟ ସହିଛନ୍ତି। ତାଙ୍କ ବଡ଼ପୁଅ ରଶ୍ମୀରଞ୍ଜନ ସେତେବେଳେ ପଞ୍ଚମ ପଢୁଥାଏ। ଦୁଇପୁଅ ରଶ୍ମୀରଞ୍ଜନ ଓ ଜ୍ଞାନରଞ୍ଜନ, ଝିଅ କସ୍ତୁରୀ ଓ ଶୁଭଲକ୍ଷ୍ମୀଙ୍କୁ ସେ ପାଠପଢ଼ାଇ ମଣିଷ କରି ଆଜି ସମାଜରେ ଜଣେ ଯୋଗ୍ୟତମ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଜଗତସିଂହପୁର ଜୈନାବାଦ ସନ୍ନିକଟ ସାନିଲୋରେ ପ୍ରେମଲତା ପାଲଙ୍କ ଜନ୍ମସ୍ଥାନ। ତାଙ୍କ ଜୀବନର ସ୍ୱତନ୍ତ୍ର ଗୁଣ ହେଉଛି ସେ ଯାହାକୁ ଘରେ ଦେଖିବା ମାତ୍ରେ ଖାଲି ପେଟରେ ଛାଡ଼ିବେ ନାହିଁ ନିଶ୍ଚୟ କିଛି ହାତ ତିଆରି ଜିନିଷ ପେଟ ଭରି ଖୋଇବେ। ନାରୀ ଶିକ୍ଷାର ଜଣେ ଜାଗ୍ରତ ପ୍ରହରୀ ସେ ଥିଲେ। ମାଆ ଶାରଳାଙ୍କ ଆରାଧନା କରିବା ସହ ଲକ୍ଷ୍ମୀ ପୁରାଣ ଓ ମା'ଶାରଳାଙ୍କ ସ୍ତୁତିପାଠ ନିତିଦିନ ସେ କରୁଥିଲେ। ତାଙ୍କ ସ୍ନେହ ଆଶୀର୍ବାଦରେ ଆମ ସେପଟ ଅଞ୍ଚଳର ଅନେକ ଝିଅ ପାଠପଢ଼ି ଚାକିରୀ କରି ଆଜି ଅତ୍ୟନ୍ତ ଯୋଗ୍ୟ ହୋଇପାରିଛନ୍ତି। ତାଙ୍କ ଜଣାତରେ ଯାହାଘରେ କୌଣସି ଅଭାବ ଅସୁବିଧା ସେ ଦେଖୁଥିଲେ ସେ ଖୋଲା ହାତରେ ଅକାତରରେ ସାହାଯ୍ୟ କରିବା ପାଇଁ ତିଳେ ମାତ୍ର କୁଣ୍ଠା କରୁନଥିଲେ। ବୃକ୍ଷ ରୋପଣ ଠାରୁ ଅଭାବୀ ନିରାଶ୍ରୟ ରୋଗୀ ମାନଙ୍କୁ ସେବା କରିବା, ବନ୍ୟା, ବାତ୍ୟା ଓ ଅଭାବ ସମୟରେ ଲୋକମାନଙ୍କୁ ଖୋଲା ମନରେ ସାହାଯ୍ୟ କରିବାରେ ତାଙ୍କର ତିଳେ ମାତ୍ର କାର୍ପଣ୍ୟତା ନଥିଲା।

ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇଦିଏ। ଯିଏ ଅହଂକାରୀ ହୁଏ ଏବଂ ଆପଣାର ନିୟନ୍ତ୍ରିତ ହୋଇ କାର୍ଯ୍ୟ କରେ ସେ ଅନ୍ୟର ଉପକାର କରିପାରେ ନାହିଁ। ଅହଂକାରୀ ବ୍ୟକ୍ତି କହେ ମୁଁ ସବୁର କର୍ତ୍ତା। ଅନ୍ୟର କଲ୍ୟାଣ ବା ପରୋପକାର ଭଗବାନଙ୍କର ବିଚିତ୍ର ଲୀଳା ବା ଇଛା ଅନୁସାରେ ନାନାରୂପ ଧାରଣ କରିଥାଏ। ସେହିପରି ବିନୀତ ଓ ହୃଦୟବାନ ମନୁଷ୍ୟ ପ୍ରତି ଭଗବାନଙ୍କର କରୁଣା ସର୍ବଦା ଥାଏ। ସେଥିପାଇଁ ସେ ଜୀବନର ସବୁ ସ୍ତରରେ ନିଜର ସଫଳ ମଣିଷ ଭାବରେ ନିଜକୁ ପ୍ରମାଣିତ କରିଥାଏ। ରକ୍ତ ମାଂସର ଶରୀର ଚିରସ୍ଥାୟୀ ନୁହେଁ। ମାତ୍ର ଜୀବଦଶାରେ ସିଏ ଯାହା ଯାହା କରି ଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ତାଙ୍କ ତ୍ୟାଗ, ସମର୍ପଣ ଓ ନିଷ୍ଠା ଅମ୍ଳାନ ହୋଇ ରହିଥିବ। ସବୁବେଳେ ସେ ଆବୃତ୍ତି କରୁଥିବା ପରମ ଶାସ୍ତ୍ର ଭାଗବତର ଏକ ଅମୂଲ୍ୟ ପଂକ୍ତିଟି ଏଠାରେ ଉଲ୍ଲେଖ କରୁଛି-'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦ କରେ ଭାବ'।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,**
**ମୋବାଇଲ୍: ୯୯୩୭୬୫୮୩୬୨**

# ହିଂସାର ଭୟଙ୍କର ପରିଣତି



## ୩ ଜଣଙ୍କ ମୃତ୍ୟୁ, ପିତା-ପୁତ୍ରଙ୍କୁ ନିର୍ମମ ଭାବେ ହତ୍ୟା

**ନୂଆଦିଲ୍ଲୀ,୧୨।୪:** ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ଶମଶେରଗଞ୍ଜ ଅଞ୍ଚଳରେ, ୱାକଫ୍ ଆଇନକୁ ନେଇ ପୁଣି ହୋଇଥିବା ବିରୋଧ ପ୍ରଦର୍ଶନ ହଠାତ୍ ହିଂସାତ୍ମକ ରୂପେ ନେଇଛି। ଏଥିରେ ଦୁଇ ଜଣ ଲୋକଙ୍କ ଜୀବନ ଚାଲି ଯାଇଛି। ଉଲ୍ଲେଖନୀୟ ଯେ,ଶୁକ୍ରବାର ମଧ୍ୟ ମୁର୍ଶିଦାବାଦରେ ହିଂସାକାଣ୍ଡ ଘଟିଥିଲା। ଏହି ହିଂସାରେ ଏବେ ସୁଦ୍ଧା ୧୧୮ଜଣ ଲୋକଙ୍କୁ ଗିରଫ କରାଯାଇଛି। ସ୍ଥିତିକୁ ଦେଖି ପୁଲିସକୁ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଛି, କିଛି ଅଞ୍ଚଳରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସଏଫ୍)ର ମଧ୍ୟ ସାହାଯ୍ୟ ନିଆଯାଇଛି।

ଶୁକ୍ରବାର ଜୁମେର ନମାଜ ପରେ ବହୁ ସଂଖ୍ୟାରେ ଲୋକେ ରାସ୍ତା ଉପରକୁ ଓହ୍ଲାଇ ଆସିଥିଲେ ଏବଂ ୱାକଫ୍ ଆଇନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରି ଦେଇ ଥିଲେ। ଶମଶେରଗଞ୍ଜ ନିକଟସ୍ଥ ଧୁଲିୟନ ଅଞ୍ଚଳରେ ବିରୋଧ ପ୍ରଦର୍ଶନକାରୀମାନେ ଜାତୀୟ ରାଜପଥ-୧୨କୁ ଅବରୋଧ କରି ଦେଇଥିଲେ , ପୁଲିସର ଗାଡ଼ି





ଆଜ୍‌ତକର ରିପୋର୍ଟ ମୁତାବିକ , ଶନିବାର ଦ୍ୱିପ୍ରହରରେ ଶମଶେରଗଞ୍ଜର ଜାଫରାବାଦ ଅଞ୍ଚଳରେ ସ୍ଥିତି ସେହି ସମୟରେ ଆହୁରି ବିଗିଡ଼ି ଯାଇଥିଲା । ଉତ୍ତେଜିତ ଲୋକେ ଗାଁ ଉପରେ ହଠାତ୍ ଆକ୍ରମଣ କରି ଦେଇଥିଲେ। ଏହି ଆକ୍ରମଣରେ ଗୋଟିଏ ପରିବାରର ଦୁଇ ଜଣ ( ବାପା-ପୁଅ)ଙ୍କୁ ଖୁବ୍ ନିର୍ମମ ଭାବେ ହତ୍ୟା କରିଥିଲେ।

ଉପରକୁ ପଥର ଫିଙ୍ଗି ଥିଲେ ଏବଂ କିଛି ଗାଡ଼ିରେ ନିଆଁ ଲଗେଇ ଦେଇଥିଲେ। ଏହି ସମୟରେ ଅତି କମ୍‌ରେ ୧୦ଜଣ ପୁଲିସକର୍ମୀ ଆହତ ହୋଇଛନ୍ତି । କିଛି ପୁଲିସକର୍ମୀଙ୍କୁ ଜୀବନ ବଞ୍ଚାଇବା ପାଇଁ ଏକ ମସଜିଦ୍‌ରେ ଆଶ୍ରୟ ନେବାକୁ ପଡ଼ିଥିଲା। ଶନିବାରର ହିଂସା ଧୁଲିୟାନ ଯାଏ ବ୍ୟାପି ଯାଇଛି, ସେଠାରେ ଜଣେ ବ୍ୟକ୍ତିଙ୍କୁ ଗୁଳି କରାଯାଇ ଥିବା ଖବର ଆସିଛି। ପୁଲିସ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଲାଠିଚାର୍ଜ କରିଛି ଏବଂ ଲୁହବୁହା ଗ୍ୟାସର ପ୍ରୟୋଗ କରିଛି। ଏହି ମଧ୍ୟରେ ମମତା ବାନାର୍ଜୀ ଏକ୍ସରେ ପୋଷ୍ଟ କରି କହିଛନ୍ତି , ଯେଉଁ ଆଇନ୍‌କୁ ନେଇ ଲୋକେ ଅସନ୍ତୁଷ୍ଟ, ତାହାକୁ ଆମେ ତିଆରି କରିନାହୁଁ । ଏହା କେନ୍ଦ୍ର ସରକାରଙ୍କର ଆଇନ୍ ଏବଂ ଆମେ ସ୍ପଷ୍ଟ କହିଛୁ କି ,ଏହି ଆଇନ୍ ପଶ୍ଚିମବଙ୍ଗରେ ଲାଗୁ ହେବ ନାହିଁ। ତାପରେ ବି ଏ ଦଙ୍ଗା କେଉଁଥି ପାଇଁ ? ଅନ୍ୟପଟେ ଏହି ମାମଲାରେ ବିଜେପି ମମତା ସରକାରକୁ ଘେରିଛି। ପଶ୍ଚିମବଙ୍ଗର ବିଜେପି ଅଧ୍ୟକ୍ଷ ସୁକାନ୍ତ ମଜୁମଦାର କହିଛନ୍ତି , ଯଦି ବିଜେପି କ୍ଷମତାକୁ ଆସେ ତ ଏପରି ଗୁଣ୍ଡାଗର୍ଦ୍ଦି ଓ ସଂଖ୍ୟାଲଘୁଙ୍କ ହିଂସାକାଣ୍ଡକୁ ୫ ମିନିଟ୍‌ରେ ଶେଷ କରିଦେବ।

### ମମତାଙ୍କ ପ୍ରତିକ୍ରିୟା



ଏହି ହିଂସା ଘଟଣା ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ନିବେଦନ କରି କହିଛନ୍ତି, 'ଆମେ ଏହି ଆଇନର ସପକ୍ଷରେ ନାହୁଁ। ଯଦି ପଶ୍ଚିମବଙ୍ଗରେ ୱାକଫ ଆଇନ ଲାଗୁ ନହୁଏ, ତେବେ ଦଙ୍ଗା କରିବାର ଅର୍ଥ କ'ଣ ?' ମୁଖ୍ୟମନ୍ତ୍ରୀ ଦଙ୍ଗାକାରୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯେଉଁମାନେ ଦଙ୍ଗା ସୃଷ୍ଟି କରନ୍ତି ସେମାନଙ୍କ ବିରୁଦ୍ଧରେ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଏକ ନିବେଦନ ଜାରି କରି କହିଛନ୍ତି, 'ସମସ୍ତ ଧର୍ମର ଲୋକଙ୍କୁ ମୋର ବିନମ୍ର ନିବେଦନ ହେଉଛି ଦୟାକରି ଶାନ୍ତ ଏବଂ ସଂଯମ ରୁହନ୍ତୁ। ଧର୍ମ ନାମରେ କୌଣସି ଭୁଲ କାର୍ଯ୍ୟ କରନ୍ତୁ ନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ମୂଲ୍ୟବାନ, ରାଜନୀତି ପାଇଁ ଦଙ୍ଗା ଉସକାନ୍ତୁ ନାହିଁ। ଯେଉଁମାନେ ଦଙ୍ଗା ଉସକାଉଛନ୍ତି ସେମାନେ ସମାଜକୁ କ୍ଷତି ପହଞ୍ଚାଉଛନ୍ତି।'

## ଅକାଳୀ ଦଳ ଅଧ୍ୟକ୍ଷ ଭାବେ ପୁଣି ସୁଖବୀର ନିର୍ବାଚିତ



**ଚଣ୍ଡିଗଡ଼,୧୨।୪:** ସୁଖବୀର ସିଂ ବାଦଲ ଶିରୋମଣି ଅକାଳୀ ଦଳ (ଏସ୍ଏଡି)ର ଅଧ୍ୟକ୍ଷ ଭାବେ ଶନିବାର ନିର୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଧର୍ମୀୟ ଅସଦାଚରଣ ପାଇଁ ସେ ଗତବର୍ଷ ନଭେମ୍ବରରେ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପଞ୍ଜାବ ଏବଂ ଅନ୍ୟ ରାଜ୍ୟର ୫୨୪ଜଣ ପ୍ରତିନିଧି ସୁଖବୀରଙ୍କୁ ସମର୍ଥନ ଜଣାଇଥିଲେ। ବାପା ପ୍ରକାଶ ସିଂ ବାଦଲଙ୍କ ପରେ ୨୦୦୮ରେ ସୁଖବୀର ପ୍ରଥମ ଥର ଏସ୍ଏଡି ଅଧ୍ୟକ୍ଷ ହୋଇଥିଲେ। ସେବେଠାରୁ ସେ ଗତବର୍ଷ ଇସ୍ତଫା ଦେବା ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଆସୁଥିଲେ। ଇସ୍ତଫା ପରେ ତାଙ୍କୁ ଧର୍ମୀୟ ଦଣ୍ଡବିଧାନ କରାଯାଇଥିଲା। ରବିବାର ଭଠିଣ୍ଡାରେ ଅନୁଷ୍ଠିତ ହେବାକୁ ଥିବା ରାଜନୈତିକ ସମ୍ମିଳନୀରେ ସେ ଦଳ ମୁଖ୍ୟ ଭାବେ ଉଦ୍‌ବୋଧନ ଦେବେ।

## ରାସ୍ତାରେ ହାତ ଯୋଡ଼ି ନିବେଦନ କଲେ ମୁଖ୍ୟମନ୍ତ୍ରୀ, ଭିଡିଓ ଭାଇରାଲ



**ନୂଆଦିଲ୍ଲୀ,୧୨।୪:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶନିବାର ରାଜ ରାସ୍ତାରେ ଜଣେ ସାଧାରଣ ନାଗରିକଙ୍କୁ କିଛି ନିବେଦନ କରୁଥିବାର ଭିଡିଓ ଏବେ ଭାଇରାଲ ହେଉଥିବା ଦେଖାଯାଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ଏହି ଭିଡିଓ ପୋଷ୍ଟ କରି ଲେଖିଛନ୍ତି, ଶନିବାର ସକାଳୁ ମୁଁ ଭ୍ରମଣ ସମୟରେ ଦେଖିଲି ଜଣେ ବ୍ୟକ୍ତି ଗାଈକୁ ଖାଇବାକୁ ଦେବା ଉଦ୍ଦେଶ୍ୟରେ ରାସ୍ତା ଉପରେ ଗାଡ଼ିରେ ରହି 'ରୁଟି' ପକାଉଛନ୍ତି। ହୁଏତ ସେ ଭୋକିଲା ପ୍ରାଣୀଙ୍କୁ ରୁଟି ଦେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେ ଏପରି ନ କରିବାକୁ ମୁଁ ତାଙ୍କୁ ଅନୁରୋଧ କରିଥିଲି। ଆଉ କହିଥିଲି ରୁଟି ପକାଇବା ଦ୍ୱାରା ଗୋମାତା ରାସ୍ତା ଉପରକୁ ଚାଲି ଆସୁଛନ୍ତି, ଫଳରେ ଏହା କେବଳ ତାଙ୍କ ଜୀବନ ନୁହେଁ ବରଂ ଆମମାନଙ୍କ ଜୀବନକୁ ବି ବିପଦରେ ପକାଉଛି। ତେଣୁ ଏମିତି କରନ୍ତୁ ନାହିଁ। ଅନ୍ୟପଟେ ରୁଟି କେବଳ ଆମର ଖାଦ୍ୟ ନୁହେଁ ଏହା ଆମର ସଂସ୍କୃତି, ବିଶ୍ୱାସ ଓ ସମ୍ମାନର ପ୍ରତିକ। ତେଣୁ ପ୍ରତ୍ୟେକ ଦିଲ୍ଲୀବାସୀଙ୍କୁ ମୋର ଅନୁରୋଧ ଏପରି କରନ୍ତୁ ନାହିଁ, ଯଦି ଭୋକିଲା ପ୍ରାଣୀଙ୍କୁ ଖାଇବାକୁ ଦେବାକୁ ଅଛି ତେବେ ଏହା ଏକ ଭଲ କାମ। ଆପଣ ଗୋଶାଳା ବା ଏକ ନିର୍ଦ୍ଦିଷ୍ଟ ସ୍ଥାନ ବାଛି ସେମାନଙ୍କୁ ଖାଇବାକୁ ଦିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଏପରି ନିବେଦନର ଏକ ଭିଡିଓ ଏବେ ଭାଇରାଲ ହେଉଛି।

## ଭୂକମ୍ପ ଝଟକାରେ ଥରିଲା ୫ ଦେଶ

**ନୂଆଦିଲ୍ଲୀ,୧୨।୪:** ବିଶ୍ୱର ପ୍ରାୟ ୫ ଦେଶରେ ଶନିବାର ସକାଳୁ ଦ୍ୱିପ୍ରହର ମଧ୍ୟରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ଏହା ରିକ୍ଟର ସ୍କେଲର ୪.୦ରୁ ୬.୫ ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ଏସବୁ ଦେଶ ମଧ୍ୟରେ ରହିଛି ଭାରତ, ପାକିସ୍ତାନ, ତାଜାକିସ୍ତାନ, ଟୋଙ୍ଗା ଓ ପପୁଆ ନ୍ୟୁ ଗିନି। ଜମ୍ମୁ-କଶ୍ମୀରର ରାଜୌରୀ ଏବଂ ପୁଞ୍ଚ ଜିଲାରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ଭୂମିକମ୍ପ ଯୋଗୁଁ ଲୋକମାନେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ। ତଥାପି, କୌଣସି ଧନ ଜୀବନ କ୍ଷତିର ରିପୋର୍ଟ ନାହିଁ। ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ତାଜିକିସ୍ତାନରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଛି, କିନ୍ତୁ କୌଣସି ବଡ଼ କ୍ଷୟକ୍ଷତିର ଖବର ନାହିଁ। ତାଜିକିସ୍ତାନରେ ରିକ୍ଟର ସ୍କେଲରେ ୪.୨ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଛି। ଏହି ଭୂମିକମ୍ପ ଭୂପୃଷ୍ଠରୁ ୧୧୦ କିଲୋମିଟର ଗଭୀରରେ ଘଟିଥିଲା। ଏହା ସହିତ, ଆଜି ଟୋଙ୍ଗା ଏବଂ ପାପୁଆ ନ୍ୟୁଗିନିରେ ମଧ୍ୟ ଭୂମିକମ୍ପ ହୋଇଛି। ଟୋଙ୍ଗାରେ ହୋଇଥିବା ଭୂମିକମ୍ପର ତୀବ୍ରତା ପ୍ରାୟ ୬.୫ ମପାଯାଇଥିଲା। ସେହି ସମୟରେ, ପପୁଆ ନ୍ୟୁଗିନିରେ ରିକ୍ଟର ସ୍କେଲରେ ୫.୪ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା।

## ଆଲୁମିନିୟମ ଫଏଲ୍ କାରଖାନାରେ ବିସ୍ଫୋରଣ, ୫ ମୃତ



**ମହାରାଷ୍ଟ୍ର,୧୨।୪:** ମହାରାଷ୍ଟ୍ରର ନାଗପୁରରେ ଏକ ଆଲୁମିନିୟମ ଫଏଲ୍ କାରଖାନାରେ ହୋଇଛି ବିସ୍ଫୋରଣ । ଯାହା ପରବର୍ତ୍ତୀ ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଏହି ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ଦୁଇଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ତିନି ଜଣ ଲୋକ ନିଖୋଜ ଅଛନ୍ତି । କୁହାଯାଉଛି ଯେ ଏହି ବିସ୍ଫୋରଣ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ହୋଇଥିଲା । ବିସ୍ଫୋରଣ ପରେ ପ୍ରାୟ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଧୂଆଁ ଦେଖାଯାଉଥିଲା । ସୂଚନା ଅନୁସାରେ ଶୁକ୍ରବାର ଦିନ ନାଗପୁରର ଉମରେଡ଼ ଏମ୍‌ଆଇଡିସିରେ ଏକ ଆଲୁମିନିୟମ୍ ଫଏଲ୍ ତିଆରି କାରଖାନାରେ ଅଗ୍ନିକାଣ୍ଡ ହୋଇଥିଲା । ଏଥିରେ ୬ ଜଣ ଆହତ ହୋଇଥିଲେ । ଯେଉଁମାନଙ୍କୁ ନାଗପୁରର ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇଛି । ନାଗପୁର ଗ୍ରାମାଞ୍ଚଳ ଏସପି ହର୍ଷ ୫ ଜଣଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛନ୍ତି । କାରଖାନାରେ ଆଲୁମିନିୟମ ପାଉଡର ରହିଥିବା ଯୋଗୁଁ ନିଆଁ ତୀବ୍ର ହୋଇଥିଲା । ଏହା ସହିତ ଏସପି ହର୍ଷ କହିଛନ୍ତି ଯେ ଏହି ବିସ୍ଫୋରଣ କାରଖାନାର ପଲିସ୍ ଟ୍ୟୁବିଂ ୟୁନିଟରେ ହୋଇଥିଲା । ଏହା ପରେ ନିଆଁ ଲାଗିଯାଇଥିଲା, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା ।

## ପ୍ରବଳ ଭିଡ଼ କାରଣରୁ ୩୫୦ରୁ ଅଧିକ ଉଡ଼ାଣ ବିଳମ୍ବିତ

**ନୂଆଦିଲ୍ଲୀ,୧୨।୪:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର( ଆଇଜିଆଇଏ)ରେ ଶନିବାର, ଲଗାତାର ଦ୍ୱିତୀୟ ଦିନରେ ମଧ୍ୟ ୩୫୦ରୁ ଅଧିକ ଉଡ଼ାଣରେ ବିଳମ୍ବ ହୋଇଛି, କାରଣ ବିମାନ ଯାତାୟତରେ ପ୍ରବଳ ଭିଡ଼ ଯୋଗୁଁ ପରିଚାଳନାରେ ବ୍ୟାଘାତ ଘଟିଛି। ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ରିପୋର୍ଟ ଅନୁସାରେ ଏହା ଜଣାପଡ଼ିଛି। ବିଳମ୍ବିତ କାରଣରୁ ଯାତ୍ରୀମାନେ ସୋସିଆଲ ମିଡ଼ିଆରେ ଲାଗିଥିବା ଲମ୍ବା ଲାଇନ୍ ଓ ଭିଡ଼ ଥିବା ଟର୍ମିନାଲ ଗୁଡ଼ିକର ଫଟୋ ଓ ଭିଡ଼ିଓ ସେୟାର କରିଛନ୍ତି। ପିଟିଆଇ ଅନୁସାରେ, ପ୍ରତିକୂଳ ପାଗର ସ୍ଥିତି କାରଣରୁ ଶୁକ୍ରବାର ସନ୍ଧ୍ୟାରେ ଏହି ସମସ୍ୟା ଆରମ୍ଭ ହୋଇଛି ଏବଂ ଶନିବାର ସିଡ୍ୟୁଲ୍ ଉପରେ ଏହାର ପ୍ରଭାବ ପଡ଼ିଛି। ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ଡିଆଇଏଏଲ) ଏକ୍ସରେ ଦ୍ୱିପ୍ରହର ୨.୦୭ସମୟରେ ଏକ ପୋଷ୍ଟରେ କହିଛି- ଦିଲ୍ଲୀ ବିମାନ ବନ୍ଦରରେ ଉଡ଼ାଣ ପରିଚାଳନାରେ ସୁଧାର ହେଉଛି, ହେଲେ କାଲି ରାତିରେ ପାଗର ସ୍ଥିତି କାରଣରୁ କିଛି ଉଡ଼ାଣ ଏବେ ବି ପ୍ରଭାବିତ ରହିଛି।

● ଏଆଇଏଡିଏମକେ -ବିଜେପି ମେଣ୍ଟରେ ଷ୍ଟାଲିନ ରଖିଲେ ପ୍ରତିକ୍ରିୟା

## ୨୦୨୬ ନିର୍ବାଚନରେ ଭୋଟର୍ ଦେବେ ଉତ୍ତର



**ନୂଆଦିଲ୍ଲୀ,୧୨।୪:** ତାମିଲନାଡୁର ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସଭାପତି ଏମକେ ଷ୍ଟାଲିନ ୨୦୨୬ ବିଧାନସଭା ନିର୍ବାଚନ ପାଇଁ ଏନଡିଏ ଅଧୀନରେ ଏଆଇଏଡିଏମକେ ଏବଂ ବିଜେପି ମଧ୍ୟରେ ଘୋଷିତ ମେଣ୍ଟକୁ ତୀବ୍ର ସମାଲୋଚନା କରିଛନ୍ତି। ଷ୍ଟାଲିନ ଏହି ମେଣ୍ଟକୁ 'ପରାଜୟର ଦୁର୍ନୀତିଗ୍ରସ୍ତ ମେଣ୍ଟ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏଆଇଏଡିଏମକେ କେନ୍ଦ୍ରୀୟ ତଦନ୍ତ ଏଜେନ୍ସିଙ୍କ ଛାନଭିନରୁ ରକ୍ଷା ପାଇବା ପାଇଁ ରାଜ୍ୟର ସ୍ୱାୟତ୍ତତାକୁ ବନ୍ଧକ ରଖିଛି। ସେ ଆହୁରି କହିଛନ୍ତି ଜେ,'ଏଆଇଏଡିଏମକେ ନିଜକୁ ବିଜେପି ନିକଟରେ ପୁରୁଣା ବନ୍ଧକ ପରି ସମର୍ପଣ କରିଛି ଏବଂ ଏହି ମେଣ୍ଟ ତାମିଲନାଡୁର ଅଗ୍ରଗତିକୁ ଅଟକାଇବା ପାଇଁ ବିଜେପିର ଷଡଯନ୍ତ୍ରର ଅଂଶ।' ଷ୍ଟାଲିନ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ଦୁର୍ନୀତି ମାମଲାକୁ ଉଠାଇ ପ୍ରଶ୍ନ କରିଛନ୍ତି ଯେ, ବିଜେପି ଏପରି ଏକ ଦଳ ସହ ମେଣ୍ଟ କରି କିପରି ଦୁର୍ନୀତି ବିରୋଧରେ କାମ କରିବ ବୋଲି ଦାବି କରୁଛି ? ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ତାମିଲନାଡୁର ଜନତା ଏହି ମେଣ୍ଟକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ୨୦୨୬ରେ ହେବାକୁ ଥିବା ନିର୍ବାଚନରେ ମଧ୍ୟ ଏହା ବିଫଳ ହେବ। ତାମିଲଗା ଭେଟ୍ରି କଝଗମ (ଟିଭିକେ) ନେତା ତଥା ଅଭିନେତା ବିଜୟ ଏହି ମେଣ୍ଟକୁ 'ବାଧ୍ୟତାମୂଳକ ମେଣ୍ଟ' ବୋଲି କହି କଟାକ୍ଷ କରିଛନ୍ତି। ସେ କହିଛନ୍ତି, 'ଏଆଇଏଡିଏମକେ ଓ ବିଜେପିର ପୁନଃମିଳନ ଆଶ୍ଚର୍ଯ୍ୟଜନକ ନୁହେଁ। ତଥାପି, ପ୍ରକୃତ ଲଢେଇ ଡିଏମକେ ଓ ଟିଭିକେ ମଧ୍ୟରେ ହେବାକୁ ଯାଉଛି। ଜନତା ଏହି ମେଣ୍ଟକୁ ଏକ ଉଚ୍ଚିତ୍ ଶିକ୍ଷା ଦେବେ।' ଏଏମଏମକେ ସାଧାରଣ ସମ୍ପାଦକ ତଥା ଟିଟିଭି ଧୀନାକରଣ ଏନଡିଏର ସମ୍ପ୍ରସାରଣକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, 'ଆମର ଏକମାତ୍ର ଲକ୍ଷ୍ୟ ହେଉଛି ଡିଏମକେକୁ ନିର୍ମୂଳ କରିବା। ଆମେ ଜୟଲଳିତାଙ୍କ ପଥ ଅନୁସରଣ କରୁଛୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏନଡିଏ ସହ ରହିଛୁ।'

## ଛାତ୍ରାବାସରେ ସୁଟକେଶରେ ଲୁଚିଥିବା ଝିଅକୁ ଧରିଲେ ଛାତ୍ର



**ନୂଆଦିଲ୍ଲୀ,୧୨।୪:** ପ୍ରେମ ମାନେନି ବନ୍ଧ ବାଡ । ଏମିତି ଜିନିଷ, ପଙ୍ଗୁ ବି ଗିରି ଲଙ୍ଘିଯାଏ । କେହି କେହି ସୀମା ସରହଦ ପାର୍ କରିବାକୁ ପଛାଏ ନାହିଁ । କିଛି ଚନ୍ଦ୍ର, ତାରା ଆଣିବା କଥା କୁହନ୍ତି, ଆଉ କେତେକ ନିଜ ଜୀବନକୁ ବିପଦରେ ପକାଇବାକୁ ପଛାଇ ନଥାନ୍ତି । ଜଣେ ଯୁବକ ବି ଏମିତି କାମ କରିବାକୁ ପଛାଇ ନାହାଁନ୍ତି । ହରିୟାଣା ସୋନିପତରୁ ନଜର ଆସିଛି ଏମିତି ଘଟଣା। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଦାବି କରାଯାଉଛି ଯେ ଏହା ସୋନିପତର ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ କଲେଜ ହଷ୍ଟେଲର । କହିବାକୁ ଗଲେ ସମସ୍ତଙ୍କୁ ଜଣା, ପୁଅମାନଙ୍କ ହଷ୍ଟେଲରେ ଝିଅମାନଙ୍କୁ ପ୍ରବେଶ କରିବା କଡ଼ାକଡ଼ି ବାରଣ । କିନ୍ତୁ ଏଠାରେ ରହୁଥିବା ଜଣେ ପୁଅ ପ୍ରେମରେ ଏମିତି ଅନ୍ଧ ହୋଇଗଲେ କି ତା ପ୍ରେମିକାକୁ ଏକ ସୁଟକେଶ୍‌ରେ ଲୁଚାଇ ହଷ୍ଟେଲ ଭିତରକୁ ନେଇ ଆସିଲେ । ସୂଚନାଥାଉକି, ପୁଅଟି ମିକାକୁ ଏକ ସୁଟକେସରେ ଲୁଚାଇ ଆଣୁଥିଲା । ଯିବା ସମୟରେ ହଠାତ୍ ଶୁଭିଥିଲା ଝିଅ ପିଲାର ଚିତ୍କାର ଶବ୍ଦ । ଆଉ ଏହା ଶୁଣିବା ପରେ ସୁରକ୍ଷାକର୍ମୀଙ୍କ ସନ୍ଦେହ ପ୍ରକଟ କରିଥିଲେ । ସଂଗେ ସଂଗେ ସେମାନେ ତୁରନ୍ତ ସୁଟକେଶ ଯାଞ୍ଚ କରିଥିଲେ। ଯାଞ୍ଚ କରିବାକୁ ସବୁ ଗୁମର ଫିଟିଥିଲା। କାରଣ ସୁଟକେଶ୍ ଖୋଲିବା ବେଳେ ଲଗେଜ୍‌ରୁ ପ୍ୟାଣ୍ଟ ସାର୍ଟ ବଦଳରେ ଗୋଟିଏ ଝିଅ ଥିଲା । ଏହା ଦେଖି ସେଠାରେ ଉପସ୍ଥିତ ସମସ୍ତେ ସ୍ତବ୍ଧ ହୋଇଗଲେ । ସେ ତୁରନ୍ତ ଝିଅଟିକୁ ସୁଟକେଶ୍‌ରୁ ବାହାର କରିଥିଲେ। ଭାଇରାଲ ଭିଡିଓରେ ଦେଖାଯାଉଛି ଯେ କିଛି ମହିଳା ସୁରକ୍ଷା କର୍ମୀ ସୁଟକେସ୍ ଖୋଲୁଛନ୍ତି । ସେତିକିବେଳେ ସୁଟକେସ୍ ଭିତରେ ଝିଅଟିଏ ଅଛି । ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କାରଣ କେବଳ ଗୋଟିଏ ଝିଅ ବ୍ୟତୀତ ଆଉ କୌଣସି ଜିନିଷ ନଥିଲେ ସେହି ସୁଟ୍‌କେଶ୍‌ରେ । ଏଠାରେ କହିରଖୁ ଯେ, ଝିଅଟି ସମାନ କଲେଜରେ ପଢ଼େ ନା ବାହାରର ତାହା ସ୍ପଷ୍ଟ ନୁହେଁ। ମିଡିଆ ରିପୋର୍ଟ ଅନୁସାରେ, ଏହି ଭାଇରାଲ ଭିଡିଓଟି ସୋନିପତର ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ବାଳକ ହଷ୍ଟେଲର।

## ଭାରତୀୟ ଔଷଧ ଗୋଦାମ ଉପରେ ମିସାଇଲ୍ ମାଡ଼କଲା ଋଷ !



**କିଭ୍,୧୨।୪:** ଭାରତୀୟ ଔଷଧ ଗୋଦାମ ଘର ଉପରେ ମିସାଇଲ ମାଡ଼ କଲା ଋଷ। ୟୁକ୍ରେନ୍‌ର ରାଜଧାନୀ କିଭ୍‌ରେ ଥିବା ଭାରତୀୟ ଔଷଧ କମ୍ପାନୀର ଏକ ଗୋଦାମ ଉପରେ ଋଷ ରକେଟ୍ ମାଡ଼ କରିଛି। ଶନିବାର ଭାରତରେ ଥିବା ୟୁକ୍ରେନ୍ ଦୂତାବାସ ପକ୍ଷରୁ ଏହି ଦାବି କରାଯାଇଛି। ଭାରତ ସହିତ ଭଲ ବନ୍ଧୁତା ଥାଇବି ମସ୍କୋ ଜାଣିଶୁଣି ଭାରତୀୟ ବ୍ୟବସାୟଗୁଡ଼ିକୁ ଟାର୍ଗେଟ କରିଛି ବୋଲି ୟୁକ୍ରେନ୍ କହିଛି। ତେବେ ଏନେଇ ଉଭୟ ଭାରତ ଓ ଋଷ ସରକାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଆସି ନାହିଁ। ରୁଷ ଆକ୍ରମଣରେ ଯେଉଁ ଗୋଦାମକୁ ଟାର୍ଗେଟ କରାଯାଇଛି ତାହା ଭାରତର ଏକ ପ୍ରମୁଖ ଔଷଧ କମ୍ପାନୀ କୁସୁମର ବୋଲି ୟୁକ୍ରେନ୍ କହିଛି। ଏନେଇ ଭାରତରେ ଥିବା ୟୁକ୍ରେନ୍ ଦୂତାବାସ ଟ୍ୱିଟ୍ କରି କହିଛି 'ଆଜି, ୟୁକ୍ରେନରେ ଥିବା ଭାରତୀୟ ଔଷଧ କମ୍ପାନୀ କୁସୁମର ଗୋଦାମ ଉପରେ ଏକ ଋଷିଆ ମିସାଇଲ ମାଡ଼ ହୋଇଛି। ଭାରତ ସହିତ 'ସ୍ୱତନ୍ତ୍ର ବନ୍ଧୁତା' ଅଛି ବୋଲି କହୁଥିବା ବେଳେମସ୍କୋ ଜାଣିଶୁଣି ଭାରତୀୟ ବ୍ୟବସାୟଗୁଡ଼ିକୁ ଟାର୍ଗେଟ କରୁଛି। ପିଲା ଏବଂ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ଔଷଧ ନଷ୍ଟ କରୁଛି।' ୟୁକ୍ରେନରେ ଥିବା ୟୁକେର ରାଷ୍ଟ୍ରଦୂତ ମାର୍ଟିନ୍ ହାରିସ୍ ମଧ୍ୟ ଏଭଳି କିଛି ଦାବି କରିଛନ୍ତି। ରୁଷିଆ ଆକ୍ରମଣରେ କିଭ୍‌ରେ ଥିବା ଏକ 'ପ୍ରମୁଖ ଔଷଧ ଗୋଦାମ' ନଷ୍ଟ ହୋଇଯାଇଛି ବୋଲି ସେ ପୋଷ୍ଟ କରିଛନ୍ତି। ହେଲେ ତାଙ୍କ ପୋଷ୍ଟରେ ଗୋଦାମଟି ଭାରତୀୟ କମ୍ପାନୀ କୁସୁମର କି ନାହିଁ ତାହା ଉଲ୍ଲେଖ କରାଯାଇ ନାହିଁ। ତେବେ ଏହି ଆକ୍ରମଣ ମିସାଇଲ ନୁହେଁ ରୁଷିଆ ଡ୍ରୋନ୍ ଦ୍ୱାରା କରାଯାଇଥିଲା ବୋଲି କୁହାଯାଇଛି। ୟୁକ୍ରେନୀୟ ନାଗରିକଙ୍କ ବିରୁଦ୍ଧରେ ରୁଷର ଆତଙ୍କ ଅଭିଯାନ ଜାରି ରହିଛି ବୋଲି ହ୍ୟାରିସ ପୋଷ୍ଟ କରିଛନ୍ତି। ଏନେଇ ରାଷ୍ଟ୍ରଦୂତଙ୍କ ପକ୍ଷରୁ ଏକ ଫଟୋ ପୋଷ୍ଟ କରାଯାଇଥିଲା। ଯେଉଁଥିରେ ଏକ ଗୋଦାମ ପରି ଦେଖାଯାଉଥିବା ସ୍ଥାନରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଅଗ୍ନିଶମ ଗାଡ଼ି ବି ରହିଥିଲା।

## ବିଜାପୁର ଏନ୍‌କାଉଣ୍ଟରରେ ୩ ନକ୍ସଲ ନିପାତ

**ଛତିଶଗଡ,୧୨।୪:** ଛତିଶଗଡ଼ର ବିଜାପୁରରେ ଏନ୍‌କାଉଣ୍ଟର। ସିଆର୍‌ପିଏଫ ଓ ନକ୍ସଲ ମଧ୍ୟରେ ଏନକାଉଣ୍ଟରରେ ୩ ନକ୍ସଲ ନିହତ ହୋଇଛନ୍ତି । ମିଳିଥିବା ସୂତ୍ର ଅନୁସାରେ, କୋବ୍ରା କମାଣ୍ଡୋମାନେ ୩ ଜଣ ନକ୍ସଲଙ୍କୁ ମାରି ଗଡାଇଛନ୍ତି। ଘଟଣା ପରେ ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି । ସୂଚନାଥାଉକି, ଶନିବାର ସକାଳ ୯ଟାରେ ସୁରକ୍ଷା କର୍ମୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳର ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଟିମ୍ ନକ୍ସଲ ବିରୋଧୀ ଅଭିଯାନରେ ଯାଇଥିଲେ। ଏହାପରେ ସୁରକ୍ଷାକର୍ମୀଙ୍କୁ ଦେଖି ନକ୍ସଲମାନେ ଗୁଳିଚାଳନା କରିଥିଲେ । ଆଉ ପାଲଟା ଗୁଳିମାଡରେ ଦୁଇ ନକ୍ସଲ ନିପାତ ହୋଇଛନ୍ତି । ଏବେ ବି ସେଠାରେ କମ୍ବିଂ ଜାରି ରହିଛି ।

## କିସ୍ତୱାଡାରେ ଜୈଶର ୩ କୁଖ୍ୟାତ ଆତଙ୍କବାଦୀ ନିପାତ



**ନୂଆଦିଲ୍ଲୀ,୧୨।୪:** ଜାମ୍ମୁ କାଶ୍ମୀରର କିସ୍ତୱାଡାରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି । ଚାତରି ଜଙ୍ଗଲରେ ଚାଲିଥିବା ଏନକାଉଣ୍ଟରରେ ଜୈଶ କମାଣ୍ଡର ସୈଫୁଲ୍ଲାହ, ଫରମାନ ଓ ବାଶା ସେନା ଗୁଳିରେ ନିହତ । ଏହି ତିନି କୁଖ୍ୟାତ ଆତଙ୍କବାଦୀଙ୍କ ମୁଣ୍ଡ ଉପରେ ୫-୫ ଲକ୍ଷ ଟଙ୍କା ଲେଖାଏଁର ପୁରସ୍କାର ରାଶି ଥିଲା । ଉଲ୍ଲେଖଯୋଗ୍ୟ ଯେ ଏପ୍ରିଲ ୯ରୁ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷକର୍ମୀଙ୍କ ଦ୍ୱାରା ଆତଙ୍କବାଦୀ ନିପାତ ଅଭିଯାନ ଜାରି ରହିଛି । ଶୁକ୍ରବାର ବିଳମ୍ବିତ ରାତିରେ ବି ଦୁଇ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଶନିବାର ସାକଳେ ଜଣେ ସେନା ଗୁଳିରେ ଟଳିଛି । ଏହି ଆଣ୍ଟି ଟେରୋରିଜିମ୍ ଅପରେସନରେ ସେନାର ୨,୫ ଓ ୯ ପାରା କମାଣ୍ଡୋ, ସିଆରପିଏଫ୍ ଓ ଜାମ୍ମୁ କାଶ୍ମୀର ପୋଲିସ ସାମିଲ ଥିଲେ । ଘଞ୍ଚ ଜଙ୍ଗଲର ଫାଇଦା ନେଇ ଆତଙ୍କବାଦୀ ଅନୁପ୍ରବେଶ କରିବା ସହ ଆକ୍ରମଣ ପାଇଁ ଉଦ୍ୟମ କରନ୍ତି । ଏଥିପାଇଁ ଏହି ଅଭିଯାନ ଘଞ୍ଚ ଜଙ୍ଗଲରେ ହିଁ କରାଯାଇଥିଲା । ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ପାଇଁ ସେନା ପକ୍ଷରୁ ହେଲିକପ୍ଟର ଓ ଡ୍ରୋନର ସାହାଯ୍ୟ ନେଇଛି ।

## ବିତାଡ଼ିତ କରିବାକୁ 'ବେରହମ୍' ଯୋଜନା

### ୬୦୦୦ ଜୀବିତ ପ୍ରବାସୀଙ୍କୁ ମୃତ ଘୋଷଣା କଲେ ଟ୍ରମ୍ପ



**ନୂଆଦିଲ୍ଲୀ,୧୨।୪:** ପ୍ରବାସୀଙ୍କ ପାଇଁ ଆହୁରି କଠୋର ହେଲେ ଟ୍ରମ୍ପ । ଆମେରିକାରୁ ବିତାଡ଼ିତ କରିବାକୁ 'ବେରହମ' ଯୋଜନା । ୬୦୦୦ ଜୀବିତ ଲୋକଙ୍କୁ ମୃତ ଘୋଷଣା କଲେ ଟ୍ରମ୍ପ । ସମସ୍ତ ପ୍ରବାସୀଙ୍କ ସାମାଜିକ ସୁରକ୍ଷା ନମ୍ବରଗୁଡ଼ିକୁ ବାତିଲ କରିଛନ୍ତି ଆମେରିକା ସରକାର । ଆମେରିକାରେ କାମ କରିପାରିବେନି କି ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇପାରିବେନି ପ୍ରବାସୀ। ଏହି ପଦକ୍ଷେପର ଲକ୍ଷ୍ୟ ପ୍ରବାସୀମାନଙ୍କୁ "ସ୍ୱ-ନିର୍ବାସନ" କରିବା । ପ୍ରବାସୀମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଟ୍ରମ୍ପ ପ୍ରଶାସନ। ପ୍ରବାସୀଙ୍କୁ ଦେଶାନ୍ତର କରିବା ପାଇଁ ଏକ କଠୋର ପଦକ୍ଷେପ ନେଇଛି। ଆମେରିକା ସରକାର ୬ ହଜାର ଜୀବିତ ପ୍ରବାସୀଙ୍କୁ ମୃତ ଘୋଷଣା କରିଛନ୍ତି ଏବଂ ସେମାନଙ୍କର ସାମାଜିକ ସୁରକ୍ଷା ନମ୍ବରଗୁଡ଼ିକୁ ବାତିଲ କରିଛନ୍ତି । ଏହାର ପ୍ରଭାବରେ ଏହି ଲୋକମାନେ ଆମେରିକାରେ କାମ କରିପାରିବେ ନାହିଁ କି ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇପାରିବେ ନାହିଁ। ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ମଧ୍ୟ ସମସ୍ୟା ହେବ । ସରକାର ଚାହୁଁଛନ୍ତି ଯେ, ପ୍ରବାସୀମାନେ ନିରାଶ ହୋଇ ଆମେରିକା ଛାଡ଼ି ନିଜ ନିଜ ଦେଶକୁ ଫେରିଯାଆନ୍ତୁ ।

# ଗୁଜରାଟକୁ ବଡ଼ ଝଟକା, ଗ୍ଲେନ ଫିଲିପ୍ସ ବିଦା



**ନୂଆଦିଲ୍ଲୀ,୧୨।୪:** ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପରଜାଏଣ୍ଟସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଏକ ଆଇପିଏଲ ମ୍ୟାଚ ଖେଳାଯିବ। ଏହା ପୂର୍ବରୁ ଟାଇଟନ୍ସକୁ ବଡ଼ ଝଟକା ଲାଗିଛି। ଆହତ ପାଇଁ ଦଳରୁ ବାଦ ପଡ଼ିଛନ୍ତି ଷ୍ଟାର ପ୍ଲେୟାର ଗ୍ଲେନ ଫିଲିପ୍ସ। ଲକ୍ଷ୍ନୌ ବିପକ୍ଷ ମ୍ୟାଚ ପୂର୍ବରୁ ଟେବୁଲ ଟପର ଗୁଜରାଟ ଟେନସନରେ ପଡ଼ିଯାଇଛି। ଫିଲିପ୍ସଙ୍କ ସ୍ଥାନରେ ଦଳରେ କେଉଁ ଖେଳାଳିଙ୍କୁ ସାମିଲ କରାଯିବ ତାହା ଜଣାପଡ଼ିନାହିଁ।

ଟାଇଟନ୍ସର ଅଲରାଉଣ୍ଡର ଖେଳାଳି ଗ୍ଲେନ ଫିଲିପ୍ସ ଆହତ ପାଇଁ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ଗତ ୬ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆହତ ହୋଇଥିଲା। ତାଙ୍କ ଜଙ୍ଘରେ ଆଘାତ ଲାଗିଥିଲା। ସୁସ୍ଥ ନ ହେବା କାରଣରୁ ସେ ଆଇପିଏଲରେ ଆଗାମୀ ମ୍ୟାଚରୁ ବାଦ ପଡ଼ିଛନ୍ତି। କ୍ୱିଭି ଦଳର ଏହି ଅଲରାଉଣ୍ଡର ଆଇପିଏଲରେ ମୋଟ୍ ୮ଟି ମ୍ୟାଚ ଖେଳିଛନ୍ତି। ୨୦୨୧ରେ ଆଇପିଏଲରେ ଡେବ୍ୟୁ କରିଥିଲେ। ଚଳିତ ସିଜନ୍‌ରେ ମାତ୍ର ୩ଟି ମ୍ୟାଚ ଖେଳିଛନ୍ତି। ୨୦୨୩ରେ ୫ଟି ମ୍ୟାଚ ଖେଳିଥିଲେ। ଗ୍ଲେନ ଫିଲିପ୍ସ ଗୁଜରାଟର ଦ୍ୱିତୀୟ ଖେଳାଳି ଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ଏହା ପୂର୍ବରୁ କାଗିସୋ ରାବାଡ଼ା ବ୍ୟକ୍ତିଗତ କାରଣ ପାଇଁ ପ୍ରଥମେ ସ୍ୱଦେଶ ଫେରିଥିଲେ।

ଶୁବମନ୍ ଗିଲଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଚଳିତ ଆଇପିଏଲରେ ଭଲ ପ୍ରଦର୍ଶନ କରିଛି। ଦଳ ଏଯାବତ୍ ୫ଟି ମ୍ୟାଚ ଖେଳି ୪ଟି ଜିତିଛି। ୮ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି ଗୁଜରାଟ। ଆଜି ଲକ୍ଷ୍ନୌ ବିପକ୍ଷରେ ଦଳ ତାର ଷଷ୍ଠ ମୁକାବିଲା ଖେଳିବ। ଗ୍ଲେନ ଫିଲିପ୍ସଙ୍କ ଅନୁପସ୍ଥିତି ଦଳ ପାଇଁ ଚିନ୍ତାର କାରଣ ହୋଇଛି। ତଥାପି ଦଳ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ।

## ୬୪ ବର୍ଷ ବୟସରେ ଟ୍ୱେଣ୍ଟି-୨୦ ପଦାର୍ପଣ




**ନୂଆଦିଲ୍ଲୀ, ୧୨।୪:** ପର୍ତ୍ତୁଗାଲର ଜୋଆନ୍ନା ଚିଲ୍ଡ ୬୪ ବର୍ଷ ବୟସରେ ଟ୍ୱେଣ୍ଟି-୨୦ କ୍ରିକେଟରେ ପଦାର୍ପଣ କରି ଇତିହାସ ରଚିଛନ୍ତି। ନରୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଚିଲ୍ଡ ନିଜର ପ୍ରଥମ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ ଟ୍ୱେଣ୍ଟି-୨୦ ପଦାର୍ପଣ କରିବାରେ ଦ୍ୱିତୀୟ ବୟସ୍କ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଜିବ୍ରାଲଟର୍‌ର ସାଲି ବାର୍ଟନ ୬୬ ବର୍ଷ ୩୩୪ ଦିନରେ ଟ୍ୱେଣ୍ଟି-୨୦ ପଦାର୍ପଣ କରିବାରେ ବୟସ୍କ ଖେଳାଳି ରହିଛନ୍ତି। ବୟସ୍କ ଖେଳାଳି ଭାବେ ଚିଲ୍ଡ ଦୁଇ ପୂର୍ବ ରେକର୍ଡଧାରୀ ଫାଲ୍କଲାଣ୍ଡ ଆଇସ୍‌ଲାଣ୍ଡର ଆଣ୍ଡ୍ରୁ ବ୍ରାଉନ୍‌ଲି ଏବଂ କେମାନ୍‌ର ମାଲି ମୋରେଙ୍କୁ ପଛରେ ପକାଇଛନ୍ତି। ପଦାର୍ପଣ ମ୍ୟାଚ୍‌ରେ ଚିଲ୍ଡ ବ୍ୟାଟିଂ ପାଇ ନଥିଲେ, କେବଳ ୪ ବଲ୍ ବୋଲିଂ କରି ୧୧ ରନ୍ ଦେଇଥିଲା ବେଳେ ୱିକେଟ୍‌ଶୂନ୍ୟ ରହିଥିଲେ। ପର୍ତ୍ତୁଗାଲ ଦଳରେ ବୟସ୍କଙ୍କ ସହ ୩ ସ୍ୱଳ୍ପ ବୟସ୍କା ଯୁବତୀ ୧୫ ବର୍ଷୀୟା ଈଶ୍ରୀତ୍ ଚୀମା, ୧୬ ବର୍ଷୀୟା ମାରିଆମ ୱାସିମ ଓ ଆଫ୍‌ସିନ୍ ଅହମଦ ମଧ୍ୟ ରହିଛନ୍ତି।

## ନିଜ ଖରାପ ଇଂରାଜୀ ଉପରେ ମୁହଁ ଖୋଲିଲେ ମହମ୍ମଦ ରିଜୱାନ



**ନୂଆଦିଲ୍ଲୀ, ୧୨।୪:** ପାକିସ୍ତାନର ସୀମିତ ଓଭରର ଅଧିନାୟକ ମହମ୍ମଦ ରିଜଓ୍ୱାନଙ୍କ ବର୍ତ୍ତମାନ ସମୟରେ କୌଣସି ପରିଚୟର ଆବଶ୍ୟକତା ନାହିଁ। ମାତ୍ର ନିକଟରେ ତାଙ୍କ ପରଫର୍ମାନ୍ସ ବିଗିଡ଼ି ଯାଇଥିବା ନଜର ଆସିଛି। ଏହି କାରଣରୁ ପ୍ରତ୍ୟେକ ଦିନ ତାଙ୍କୁ ଆଲୋଚନାର ସାମ୍ନା କରିବାକୁ ପଡୁଛି। ଖାଲି ଏତିକି ନୁହେଁ ବରଂ ଲୋକମାନେ ତାଙ୍କ ଇଂରାଜୀର ବି ମଜାକ ଉଡ଼ାଇବା ଆରମ୍ଭ କରିଦେଇଛନ୍ତି। ଯାହା ପରେ ସେ ଏବେ ନିଜେ ନିଜର କମଜୋରକୁ ନେଇ ମୁହଁ ଖୋଲିଛନ୍ତି। ୩୨ବର୍ଷୀୟ ରିଜଓ୍ୱାନ ଏକ ପ୍ରେସ କନଫ୍ରେନ୍ସ ସମୟରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି କି, ଏହା ମୋ ପାଇଁ କୌଣସି ଫରକ ପକାଏ ନାହିଁ। ମୁଁ ଯେଉଁ ଶବ୍ଦ ଗୁଡ଼ିକ କହୁଛି, ସେଥିରେ ମୁଁ ଗର୍ବିତ। ମୁଁ ଏହା ମୋ ହୃଦୟରୁ କହୁଛି। ମୋ ମନରେ ଯାହା ଆସେ। ମୁଁ ସତ୍ୟ କହୁଛି। ଆଲହାମଦୁଲିଲ୍ଲାହ, ମୁଁ ଇଂରାଜୀ ଜାଣିନାହିଁ। ମୁଁ କୌଣସି ତାଲିମ ପାଇ ନ ଥିବାରୁ ଦୁଃଖିତ। ମୋର ଏତେ ଶିକ୍ଷା ନାହିଁ।

## ସିଏସକେ ସ୍ପିନର ଆର.ଅଶ୍ୱିନଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ




**ନୂଆଦିଲ୍ଲୀ ୧୨।୪:** ୨୦୨୫ ଆଇପିଏଲରେ ସିଏସ୍‌କେର ପରାଜୟ ଶୋ ଜାରି। ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସର ଦଳ ଏହି ସିଜନରେ ବହୁତ ପଛରେ ପଡ଼ିଯାଇଛି। ସେ ଗତ ୫ଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି। ୧୧ ଏପ୍ରିଲରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ମଧ୍ୟ ବଡ଼ ପରାଜୟ ଭୋଗିଥିଲା ଚେନ୍ନାଇ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ଦଳ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୦୩ ରନ୍ କରିପାରିଥିଲା। ଯାହାକୁ ଅତି ସହଜରେ ହାସଲ କରିନେଇଥିଲା KKR। ମାତ୍ର ୧୦.୧ ଓଭରରେ ଲକ୍ଷ୍ୟ ହାସଲ କରିଥିଲା। ଏହି ଲଜ୍ଜାଜନକ ପ୍ରଦର୍ଶନ ପରେ, ଜଣେ CSK ଖେଳାଳି ତାଙ୍କରି ଦଳର ପ୍ରଶଂସକଙ୍କ ଟାର୍ଗେଟରେ ଆସିଛନ୍ତି। ସେ ଖେଳାଳି ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଆର.ଅଶ୍ୱିନ।

ଚଳିତ ସିଜନରକେ ସିଏସକେକୁ ଫେରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ନିଲାମରେ ସିଏସକେ ଦଳ ତାଙ୍କ ପାଇଁ ୯.୭୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। କିନ୍ତୁ ସେ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍‌ରେ କରାମତି ଦେଖାଇନାହାଁନ୍ତି। ସିଜନରେ ସେ ପ୍ରାୟ ପ୍ରତ୍ୟେକ ମ୍ୟାଚ୍‌ରେ ଫ୍ଲପ୍ ରହିଛନ୍ତି। ଏହି ସମୟରେ, ସେ ତାଙ୍କ ନିଜ ଦଳର ପ୍ରଶଂସକଙ୍କ ଟାର୍ଗେଟରେ ଆସିଛନ୍ତି। ଅଶ୍ୱିନଙ୍କ ବିରୋଧରେ ଦଳର ଡ୍ରେସିଂ ରୁମର ଖବର ଲିକ୍ କରିବାର ଗୁରୁତର ଅଭିଯୋଗ ଆସିଛି। ପ୍ରଶଂସକମାନେ କହିଛନ୍ତି ଯେ ଅଶ୍ୱିନ ପୂର୍ବରୁ ତାଙ୍କ ବନ୍ଧୁମାନଙ୍କୁ ଟିମ୍‌ର ଆଲୋଚନା ଲିକ୍ କରୁଛନ୍ତି। ଯାହା ଦଳର ପ୍ରଦର୍ଶନକୁ ପ୍ରଭାବିତ କରୁଛି। ଜଣେ ପ୍ରଶଂସକ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଥରେ ବିଚାର କରନ୍ତୁ। ଗତ ବର୍ଷ ଆଇପିଏଲ ଅଧିନାୟକଙ୍କ ଫଟୋସୁଟ୍ ପର୍ଯ୍ୟନ୍ତ, ଆମେ କେବେ ଜାଣି ନଥିଲୁ ଯେ ଋତୁରାଜ ଗାୟକୱାଡ ଅଧିନାୟକ ହେବାକୁ ଯାଉଛନ୍ତି।' ଏବେ ଆନୁଷ୍ଠାନିକ ଘୋଷଣା ପୂର୍ବରୁ, ଆମେ ଜାଣିଲୁ ଯେ ଧୋନି ଫେରି ଆସୁଛନ୍ତି। ଯାହା ପରେ ପ୍ରଶଂସକମାନେ କମେଣ୍ଟ ବକ୍ସରେ ଆର.ଅଶ୍ୱିନଙ୍କ ନାମ ଲେଖିବା ଆରମ୍ଭ କଲେ।

ଅଶ୍ୱିନଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଅଛି। ଯାହା ଚର୍ଚ୍ଚାରେ ରହିଛି ବର୍ତ୍ତମାନ। ଆଜିକାଲି ଅଶ୍ୱିନ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଆଇପିଏଲ ମ୍ୟାଚ୍‌ର ପ୍ରିଭ୍ୟୁ ଏବଂ ସମୀକ୍ଷା ଶୋ କରୁଛନ୍ତି। କିନ୍ତୁ ନିକଟରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲର ଆଡମିନ୍ ଏହି ଖବରକୁ ନିଶ୍ଚିତ କରିଛନ୍ତି ଯେ ଅଶ୍ୱିନଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଚେନ୍ନାଇ ସୁପର କିଙ୍ଗ୍ସର ବାକି ମ୍ୟାଚ୍ କଭର କରିବ ନାହିଁ। ପ୍ରକୃତରେ, ୫ ଏପ୍ରିଲରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପରେ ଏକ ବିବାଦ ସୃଷ୍ଟି ହୋଇଥିଲା। ମ୍ୟାଚ୍ ସମୀକ୍ଷାରେ, ଅଶ୍ୱିନଙ୍କ ୟୁଟ୍ୟୁବ୍ ଚ୍ୟାନେଲର ଜଣେ ଅତିଥି ପ୍ରସନ୍ନ ଆଗୋରାମ, CSKର ଦଳ ଚୟନ ଉପରେ ପ୍ରଶ୍ନ ଉଠାଇଥିଲେ। ଏହା ପରେ ଏକ ବିରାଟ ହଙ୍ଗାମା ହୋଇଥିଲା। ଯାହା ପରେ ସେ ଏହି ନିଷ୍ପତ୍ତି ନେଇଥିଲେ।

## କେଏଲ ରାହୁଲଙ୍କ 'କାନ୍ତାରା' ଷ୍ଟାଇଲ୍ ସେଲିବ୍ରେସନ୍




**ନୂଆଦିଲ୍ଲୀ,୧୨।୪:** ଆଇପିଏଲ ସିଜିନ୍ ୧୮ ଦିନକୁ ଦିନ ରୋମାଞ୍ଚକର ହେଉଛି। ଦିଲ୍ଲୀ କ୍ୟାପିଟାଲ୍ସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ତାର ଚତୁର୍ଥ ମ୍ୟାଚରେ ଦମଦାର ବିଜୟ ହାସଲ କରିଥିଲା। ଏଥିରେ ମୁଖ୍ୟ ଭୂମିକା ତୁଲାଇଥିଲେ କ୍ଲାସି କେଏଲ ରାହୁଲ। ମ୍ୟାଚ ଜିତିବା ପରେ ସେ ଏକ ନିଆରା ଷ୍ଟାଇଲରେ ପଡ଼ିଆରେ ସେଲିବ୍ରେସନ କରିଥିଲେ। ଏ ସେଲିବ୍ରେସନ ଷ୍ଟାଇଲ କାରଣର ଖୁଲାସା କରିଛନ୍ତି କେଏଲ ରାହୁଲ। ଆଇପିଏଲରେ ଆରସିବି ବିପକ୍ଷ ମ୍ୟାଚରେ ଶେଷ ଯାଏଁ କ୍ରିଜରେ ରହିଥିଲେ ରାହୁଲ। ଚିନ୍ନାସ୍ୱାମୀ ଷ୍ଟାଡ଼ିୟମରେ ରାହୁଲ ରାଜୁତି ଦେଖିବାକୁ ମିଳିଥିଲା। ଅପରାଜିତ ୯୩ରନ୍‌ର ପାଳି ଖେଳି ଦିଲ୍ଲୀକୁ ବିଜୟୀ କରାଇଥିଲେ। ଆରସିବିକୁ ତାରି ଘରେ ୬ ୱିକେଟରେ ହରାଇଥିଲା ଦିଲ୍ଲୀ।ରାହୁଲ ଅପରାଜିତ ୫୩ ବଲରେ ୯୩ରନ୍‌ର ଇନିଂସ ଖେଳିଥିଲେ। ଯେଉଁଥିରେ ୭ ଚୌକା ଓ ୬ ଛକା ସାମିଲ ଥିଲା। ଛକା ମାରି ଦଳକୁ ବିଜୟୀ କରାଇଥିଲେ। ବିଜୟ ପରେ ପଡିଆରେ ରାହୁଲ ଜୋରଦାର ସେଲିବ୍ରେସନ କରିଥିଲେ। ଗ୍ରାଉଣ୍ଡରେ ବ୍ୟାଟ ବାଡ଼େଇ ସେ କହିଥିଲେ ଏହା ମୋ ମୈଦାନ...ମୋ ସହର... ଅନ୍ୟଙ୍କଠୁ ମୁଁ ଅଧିକ ଜାଣିଛି। ମୁଁ ଜାଣିଛି କେଉଁଠି ୧ ରନ ମିଳିବ କେଉଁଠି ୬ ରନ୍। ଆରିସିବି ମ୍ୟାନେଜମେଣ୍ଟକୁ ସେ କିଛି କହୁଥିବା ଚର୍ଚ୍ଚା ହେଉଛି। ତାଙ୍କ ସେଲିବ୍ରେସନ ପଛରେ ୪୫୦ କୋଟି ଟଙ୍କାର ଫିଲ୍ମ 'କାନ୍ତାରା' ରହିଛି। ଏହି ମୈଦାନ ମୋ ପାଇଁ ସ୍ପେଶାଲ। ମୋ ପସନ୍ଦର ଚଳଚ୍ଚିତ୍ର କାନ୍ତାରା ଷ୍ଟାଇଲରେ ବିଜୟକୁ ସେଲିବ୍ରେଟ୍ କରିଥିଲି ବୋଲି କହିଛନ୍ତି ରାହୁଲ।

ଇଣ୍ଡିଆନ୍ ପ୍ରିମିୟଲ ଲିଗ୍‌ର ୧୮ତମ ସଂସ୍କରଣରେ ଏଯାବତ ୨୧ଟି ଲିଗ୍ ମ୍ୟାଚ ସିରିଛି। ଭଲ ଫର୍ମରେ ରହିଛି ଦିଲ୍ଲୀ କ୍ୟାପିଟାଲ୍ସ। ଅଧିନାୟକ ଅକ୍ଷର ପଟେଲଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରୁଛି। ଏଯାବତ୍ ୪ଟି ମ୍ୟାଚ ଖେଳି ସବୁ ମ୍ୟାଚ ଜିତିଛି। ୮ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତାକାଲି (ରବିବାର) ମୁମ୍ବାଇ ବିପକ୍ଷରେ ଦିଲ୍ଲୀ ତାର ପଞ୍ଚମ ମ୍ୟାଚ ଖେଳିବ। ବିଜୟଧାରା ଜାରି ରଖି ଟେବୁଲ ଶୀର୍ଷକୁ ଉଠିବାକୁ ପ୍ରୟାସ କରିବ ଦଳ।

# ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ୍, ଏବେ ଲଗାତର ୫ଟି ପରାଜୟ



**ନୂଆଦିଲ୍ଲୀ, ୧୨।୪:** ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ୍। ଏବେ ଲଗାତର ୫ଟି ପରାଜୟ। ଚମକ ହରାଉଛି ଚେନ୍ନାଇ ସୁପର କିଙ୍ଗସ୍। ନା ଦେଖିବାକୁ ମିଳୁଛି ଧୋନିଙ୍କ ବ୍ୟାଟ୍‌ର କମାଲ୍। ନା ଚେନ୍ନାଇ ସୁପର କିଙ୍ଗସ୍ ଜିତି ପାରୁଛି ମ୍ୟାଚ୍। ଏବେ ଆଇପିଏଲ୍-୨୦୨୫ରେ ପୂର୍ବତନ ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗସର ଲଗାତାର ବିଫଳତାକୁ ନେଇ ଚର୍ଚ୍ଚା। ଧୋନିଙ୍କ ଦଳର ଯେମିତି କଳା ହରଣ ହୋଇ ଯାଇଛି। ଗୋଟିଏ ପରେ ଗୋଟିଏ ମ୍ୟାଚ୍ ହାରି ଚାଲିଛି ଚେନ୍ନାଇ। ଏମିତିକି ନିଜ ପଡ଼ିଆରେ ବି ଫେଲ୍ ମାରୁଛି। ଯାହାଫଳରେ ମୁହଁ ଫେରାଇବା ଆରମ୍ଭ କଲେଣି ଚେନ୍ନାଇ ସୁପର କିଙ୍ଗସର ଫ୍ୟାନମାନେ।

ଶୁକ୍ରବାର ରାତିରେ ହାର ମୁକାବିଲା ହୋଇଥିଲା କୋଲକାତା ନାଇଟ୍ ରାଇଡର୍ସ ସହିତ। ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ଼ ଆହତ ହେବା ଫଳରେ ପୂରା ସିଜିନରେ ଆଉ ଖେଳି ପାରିବେ ନାହିଁ। ତେଣୁ ତାଙ୍କ ସ୍ଥାନରେ ପୁଣି ସବୁଠୁ ସଫଳ ଅଧିନାୟକଙ୍କୁ ନେତୃତ୍ୱ ନେବାର ଦାୟିତ୍ୱ ମିଳିଛି। ତେବେ ଏହି ମ୍ୟାଚରେ ସେଭଳି କିଛି କମାଲ ତାଙ୍କ ଠାରୁ ଦେଖିବାକୁ ମିଳିଲା ନାହିଁ। ନା ବ୍ୟାଟରେ ନା ଅଧିନାୟକତ୍ୱରେ। ତାଙ୍କ ଦଳ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୦୩ ରନ୍ କରି ପାରିଥିଲା। ତାହା ପୁଣି ନିଜ ପଡ଼ିଆ ଚେପକରେ। ଚେପକରେ ଏହା ହେଉଛି ସବୁଠାରୁ କମ୍ ସ୍କୋର। ଯାହାଫଳରେ କୋଲକାତା ଅତି ସହଜରେ ୮ ୱିକେଟରେ ଜିତି ଯାଇଥିଲା। ଆଉ ଚେନ୍ନାଇର ଫ୍ୟାନମାନେ ନିରାଶ ହୋଇଥିଲେ। ଦଳର ଖେଳ ଦେଖି ଲାଗୁଥିଲା ଯେମିତି କର୍ପୁର ଉଡ଼ି ଗଲାଣି କେବଳ କନା ପଡ଼ିଛି। ପ୍ରଥମଥର ପାଇଁ ଚେନ୍ନାଇ ଲଗାତାର ଭାବେ ୫ଟି ମ୍ୟାଚ୍ ହାରିଛି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିଲେ ମଧ୍ୟ ଧୋନି ଆଇପିଏଲରେ ଖେଳୁଛନ୍ତି। ତାଙ୍କର କ୍ରେଜ୍ ଅନ୍ୟ ଖେଳାଳିଙ୍କ ଠାରୁ ବହୁତ ଅଧିକ। ସମସ୍ତଙ୍କର ପ୍ରିୟ ଖେଳାଳି ହେଉଛନ୍ତି ମାହି। ଚଳିତ ବର୍ଷ ହୁଏତ ତାଙ୍କର ଆଇପିଏଲରେ ଶେଷ ବର୍ଷ ବୋଲି କଳ୍ପନା ଜଳ୍ପନା ଚାଲିଥିଲା। କାରଣ ସେ ବହୁତ ଡେରିରେ ବ୍ୟାଟିଂ କରିବାକୁ ଆସୁଥିଲେ ଏବଂ ପରେ ଜଣାପଡ଼ିଲା କି ସେ ଆହତ ଅଛନ୍ତି। ଏମିତିକି ୧୦ ଓଭର ପର୍ଯ୍ୟନ୍ତ ଖେଳିବାକୁ ମଧ ସମର୍ଥ ନୁହନ୍ତି। ତେବେ ଧୋନି ପରେ ଏହାକୁ ଖଣ୍ଡନ କରି ଅବସର ସମୟ ଆସି ନାହିଁ ବୋଲି କହିଥିଲେ।

ଚଳିତ ଆଇପିଏଲରେ ଯେତେବେଳେ ବି ଧୋନି ବ୍ୟାଟିଂ କରିବାକୁ ଆସିଛନ୍ତି ଫ୍ୟାନମାନେ ଖୁବ୍ ଉତ୍ସାହିତ କରିଛନ୍ତି ତାଙ୍କୁ। ଗୋଟିଏ ବି ବଡ଼ ସଟ୍ ଖେଳିଲେ ତାଳି ଓ ହୋହଲ୍ଲାରେ ଷ୍ଟାଡିୟମ ପୂରି ଉଠୁଛି। ତେବେ ଦକ୍ଷିଣ ଭାରତରେ 'ଥାଲା' ଭାବେ ପରିଚିତ ଧୋନି କିନ୍ତୁ ଏପର୍ଯ୍ୟନ୍ତ ଆଶାନୁରୂପ ଖେଳ ଦେଖାଇ ପାରି ନାହାନ୍ତି। ଶୁକ୍ରବାର ମ୍ୟାଚ୍ ପରେ ଧୋନି କହିଥିଲେ ଯେ ଆମେ ଋତୁରାଜଙ୍କୁ ମିସ୍ କରୁଛୁ। ତାଙ୍କ ଦଳ ଅନେକଗୁଡ଼ିଏ ମ୍ୟାଚ୍ ହାରିଯିବାଟା ଭଲ ନୁହେଁ ବୋଲି ମଧ ସେ ସ୍ୱୀକାର କରିଛନ୍ତି।

ଏସବୁରୁ ଲାଗୁଛି କି ଚେନ୍ନାଇ ଦଳରେ ଥିବା ବରିଷ୍ଠ ଖେଳାଳିମାନେ ଏବେ ଯୁବ ଖେଳାଳିଙ୍କୁ ବାଟ ଛାଡ଼ି ଦେବା ଉଚିତ। ସେ ଧୋନି ହୁଅନ୍ତୁ ଅବା ଅଶ୍ୱିନ୍। ଜାଗା ମାଡ଼ି ରଖିବାର କିଛି ମାନେ ହେଉନି। ଓଲଟା ଦଳ ସେମାନଙ୍କ ପାଇଁ ସମସ୍ୟାରେ ପଡୁଛି। ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି ପୂର୍ବତନ ଖେଳାଳି ଓ କ୍ରିକେଟ୍ ବିଶେଷଜ୍ଞମାନେ। ଏବେ ଆଇପିଏଲ୍ ପଏଣ୍ଟ ତାଲିକାର ନବମ ସ୍ଥାନ ଅର୍ଥାତ୍ ତଳପଟୁ ଦ୍ୱିତୀୟ ସ୍ଥାନରେ ରହିଛି ଚେନ୍ନାଇ। ତା ପଛକୁ ସବାଶେଷରେ ରହିଛି ସନରାଇଜର୍ସ ହାଇଦ୍ରାବାଦ। ଚେନ୍ନାଇ ୬ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍ ଜିତିବା ପରେ କ୍ରମାଗତ ଭାବେ ହାରି ଚାଲିଛି। ଧୋନି ଏହି ୬ଟି ମ୍ୟାଚରୁ ମୋଟ ୧୦୬ ରନ୍ ସଂଗ୍ରହ କରିଛନ୍ତି। ସେହିପରି ୨୦୨୪ରେ ଧୋନି ୧୪ଟି ମ୍ୟାଚ୍ ଖେଳି ୧୬୧, ୨୦୨୩ରେ ୧୬ଟି ମ୍ୟାଚ୍ ଖେଳି ୧୦୪ ରନ୍ ସ୍କୋର କରିଥିଲେ। ୨୦୨୨ରେ ୧୪ ମ୍ୟାଚରୁ ସଂଗ୍ରହ କରିଥିଲେ ୨୩୨ ରନ୍। ଏହାପରେ ତାଙ୍କ ଖେଳରେ ଅବନତି ଘଟିଛି। ତେଣୁ ବେଳ ଆସିଛି କିଛି ଚରମ ନିଷ୍ପତ୍ତି ନେବାର। ତେବେ ଧୋନିଙ୍କ ଭଳି ଦୃଢ଼ମନା ଖେଳାଳି ଯଦି ଦଳକୁ ଉତ୍ସାହିତ କରି ଏକାଠଇ କରି ଦିଅନ୍ତି ତେବେ ପୁଣି ବଦଳି ପାରିବ ଚେନ୍ନାଇର ଭାଗ୍ୟ। ଟାଇଟଲ୍ ରାଉଣ୍ଡ ନହେଲା ନାହିଁ ଦର୍ଶକଙ୍କୁ ରୋମାଞ୍ଚ ତ ମିଳିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୦୦ କୋଟିର...

ଇଣ୍ଡିଆନ ସହିତ ଜଡ଼ିତ। ନ୍ୟାସନାଲ ହେରାଲ୍ଡ ଏଜେଏଲ୍ ଦ୍ୱାରା ପ୍ରକାଶିତ ଓ ଏହା ୟଙ୍ଗ ଇଣ୍ଡିଆନ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକାନାରେ ରହିଛି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କର ୟଙ୍ଗ ଇଣ୍ଡିଆନ୍‌ରେ ୩୮ ପ୍ରତିଶତ ଲେଖାଏଁ ଅଂଶଧନ ରହିଛି। ଏନେଇ ଇଡି କହିଛି ଯେ ୟଙ୍ଗ ଇଣ୍ଡିଆନ୍ ଓ ଏଜେଏଲର ସମ୍ପତ୍ତିକୁ ୧୮ କୋଟି ଟଙ୍କାର ନକଲି ଦାନ, ୩୮ କୋଟି ଟଙ୍କାର ନକଲି ଅଗ୍ରୀମ ଭଡ଼ା ଓ ୨୯ କୋଟି ଟଙ୍କାର ନକଲି ବିଜ୍ଞାପନ ରୂପରେ ଅପରାଧର ଆହୁରି ଆୟ ସୃଷ୍ଟି କରିବା ପାଇଁ ବ୍ୟବହାର କରାଯାଇଥିଲା। ଏହି ମାମଲାରେ ଇଡି ପକ୍ଷରୁ ୬୬୧ କୋଟି ଟଙ୍କାର ସମ୍ପତ୍ତି ୯୦.୨ କୋଟି ଟଙ୍କାର ଏଜେଏଲ୍ ଶେୟାର୍‌କୁ ଗତ ୨୩ ନଭେମ୍ବର ୨୦ ତାରିଖରେ ଆଟାଚ୍ କରାଯାଇଛି।

### ଅହଂକାର...

ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହ ପ୍ରଭାରୀ, ସହ ପ୍ରଭାରୀ ଏବଂ ତିନି କେନ୍ଦ୍ରମନ୍ତ୍ରୀ। ବିଜେପିର ସମସ୍ତ ବିଧାୟକ ଏବଂ ସାଂସଦ ଏଥିରେ ଯୋଗ ଦେଇଥିଲେ। ଦ୍ୱିତୀୟ ସେସନରେ ନଡ୍ଡାଙ୍କ ପରେ ସୋସିଆଲ ମିଡ଼ିଆ ସେସନ ନେଇଥିଲେ ପୁରୀ ସାଂସଦ ସମ୍ବିତ ପାତ୍ର । ସୋସିଆଲ ମିଡ଼ିଆରେ ବିରୋଧୀଙ୍କୁ କେମିତି କାଉଣ୍ଟର କରାଯିବ, ଏଥିସହ ସରକାରଙ୍କ ଲୋକାଭିମୁଖୀ ଯୋଜନାର କେମିତି ପ୍ରଚାର ପ୍ରସାର ହେବ, ସେ ନେଇ ଶିକ୍ଷା ଦେଇଥିଲେ ସମ୍ବିତ।

ଆଉ ତୃତୀୟ ସେସନ୍‌ରେ 'ସଂକଳ୍ପରୁ ସିଦ୍ଧି ଓ ମୋଦିଙ୍କ ବିକଶିତ ଭାରତର ପରିକଳ୍ପନା' ଉପରେ ସାଂସଦ ଓ ବିଧାୟକଙ୍କୁ ପ୍ରଶିକ୍ଷଣ ଦେଇଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେଇଥିଲେ ଚତୁର୍ଥ ସେସନ୍। ଆଜି ୪ଟି ସେସନରେ ନେତା ପାଠ ପଢ଼ିଥିବା ବେଳେ ଆସନ୍ତାକାଲି ୪ଟି ସେସନ ମଧ୍ୟ ରହିଛି।

ଆସନ୍ତାକାଲି ରାଷ୍ଟ୍ରୀୟ ସହ-ସାଧାରଣ ସମ୍ପାଦକ (ସଂଗଠନ) ଭି. ସତୀଶ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଏବଂ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ସଂଗଠନ ବିଏଲ ସନ୍ତୋଷ ଯୋଗଦେଇ ଗୋଟିଏ ଗୋଟିଏ ସେସନ ନେବେ।

### ପାଣ୍ଡିଆନଙ୍କ...

ଦଳରେ କଳି ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ନବୀନଙ୍କ ନାଲିଆଖିକୁ ଆଉ ଡରୁନାହାନ୍ତି ନେତା, ଏପରିକି ପାଣ୍ଡିଆନଙ୍କୁ ବିରୋଧ କରି ଖୋଲାଖୋଲି ବିଦ୍ରୋହ ଘୋଷଣା କରୁଛନ୍ତି । ଲୋକମାନେ ବିଜେଡି ଦଳକୁ ଫୋପାଡି ଦେଲେ। ଦଳ ନିର୍ବାଚନ ହାରିବା ପାଇଁ ପାଣ୍ଡିଆନ ଦାୟୀ । ତଥାପି ନବୀନ ତାଙ୍କୁ ଛାଡିପାରୁନାହାନ୍ତି । ପାଣ୍ଡିଆନଙ୍କ ପାଖରେ କ'ଣ ଅଛି, ନବୀନ କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଜେଡି ଦଳରେ ଏବେ ବି ଭୀଷଣ ଷଡ଼ଯନ୍ତ୍ର ଚାଲିଛି। ପାଣ୍ଡିଆନ ସବୁ ଷଡଯନ୍ତ୍ର କରୁଛନ୍ତି। ମୋ ବିରୋଧରେ ବି ସେ ଷଡ଼ଯନ୍ତ୍ର କରିଥିଲେ। ମୁଁ ପ୍ରଥମେ ପାଣ୍ଡିଆନଙ୍କୁ ବିରୋଧ କରିଥିଲି। ମୁଁ ଚିଲିକାରୁ ଟିକେଟ୍ ଚାହୁଁଥିଲି, ଶେଷ ସମୟରେ ମୋତେ ଟିକେଟ୍ ଦେଲେନି ବୋଲି ସେ କହିଛନ୍ତି। ଏହାସହିତ ପ୍ରଭାତ ତ୍ରିପାଠୀଙ୍କ ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟକୁ ମଧ୍ୟ ଦୁର୍ଭାଗ୍ୟଜନକ ବୋଲି କହି ନିନ୍ଦା କରିଛନ୍ତି। ନେତାଙ୍କୁ ତାଗିଦ୍ କରିବାର ଅଧିକାର କାହାର ନାହିଁ । ନବୀନଙ୍କ ଚେତାବନୀ କିଛି କାମ କରିବନି । ବିଜେଡିରେ ନେତା ଅଣନିଃଶ୍ୱାସୀ ହୋଇଗଲେଣି । ପାଣ୍ଡିଆନ ଆସିବା ଦିନଠାରୁ ଦଳ ଧ୍ୱଂସ ହୋଇଗଲା । ନବୀନ ବାବୁ ପାଣ୍ଡିଆନଙ୍କୁ ସମର୍ଥନ କରୁଥିବାରୁ ତାଙ୍କ ମାର୍କେଟ ବି ଗଲା ବୋଲି କହିଛନ୍ତି ପ୍ରସନ୍ନ ପାଟ୍ଟଶାଣୀ ।

### ଗୋଟିଏ...

ଜୟନାରାୟଣ କହିଛନ୍ତି। ତେବେ ବିଜେଡିର ପତନ ଅବଶ୍ୟମ୍ଭାବୀ ବୋଲି ମତ ଦେବା ସହ ଜୟନାରାୟଣ କହିଛନ୍ତି ଯେ ଏହା ବିଜେପିର ଇଚ୍ଛାଧୀନ ବ୍ୟାପାର। ଅର୍ଥାତ୍ ବିଜେପି ଗୋଟିଏ ହ୍ୱିସିଲ୍ ମାରିଲେ, ବିଜେଡି ଖଣ୍ଡ ଖଣ୍ଡ ହୋଇଯିବ। ବିଜେପି ଯୋଗାଯୋଗରେ ବିଜେଡିର ଅନେକ ନେତା ଅଛନ୍ତି। ତେଣୁ ଆଗାମୀ ଦିନରେ ଅନେକ କିଛି ଘଟିବ ବୋଲି ଜୟନାରାୟଣ କହିଛନ୍ତି।

### ଆତ୍ମଗର୍ବୀଙ୍କୁ...

ଅପମାନିତ କରାଗଲା ଓ ଯେଉଁମାନେ କଲେ ସେମାନେ ଏବେ ଫଳ ଭୋଗୁଥିବା ନେଇ ଶ୍ରୀମୟୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ କେହି କାଉଣ୍ଟର କରି କିଛି ପୋଷ୍ଟ କରିନଥିବାବେଳେ ଆଗାମୀ ଦିନରେ ଶ୍ରୀମୟୀଙ୍କ ରଣନୀତି କ'ଣ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଇତି ମଧ୍ୟରେ ବିଜେଡିର ଜଣକ ପରେ ଜଣେ ବରିଷ୍ଠ ନେତା ନବୀନ ନିବାସ ଆଡେ ବାକ୍ୟବାଣ ଛାଡୁଥିବାବେଳେ ହଠାତ୍ ଏହି ଯୁଦ୍ଧକୁ ଜଣେ ନାରୀନେତ୍ରୀ ପ୍ରବେଶ କରିବା ଏବେ ପ୍ରସଙ୍ଗକୁ ଭିନ୍ନମୋଡ ଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ ଆରମ୍ଭ କରିଛନ୍ତି । କାରଣ ଶ୍ରୀମୟୀଙ୍କୁ ନେଖି ଅସନ୍ତୁଷ୍ଟ ଥିବା ଅନ୍ୟ ନାରୀନେତ୍ରୀମାନେ ମଧ୍ୟ ମୁହଁ ଖୋଲିବାର ସମ୍ଭାବନା ରହିଛି ।

### ଦିନକରେ...

ମାଫିଆ କୌଶଳ କ୍ରମେ ସେଠାରୁ ଫେରାର ହୋଇଯାଇଥିଲା। କିନ୍ତୁ ପୁଲିସ୍ ଉକ୍ତ ଟ୍ରକ୍ ସହ ଡ୍ରାଇଭରକୁ କାବୁ କରିନେଇଥିଲା। ଡ୍ରାଇଭର ଜଣଙ୍କ ଉକ୍ତ ଟ୍ରକ୍‌ର ମାଲିକ ବୋଲି ଜଣାପଡ଼ିଛି। ତାଙ୍କ ନାମ ଦେବୀ ସିଂହ ଓ ଘର ରାଜସ୍ଥାନର ଭିଲୱାଡା ଜିଲ୍ଲାରେ ବୋଲି ଜଣାପଡିଛି । ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ଯଦିଓ ସ୍ଥାନୀୟ ଅଞ୍ଚଳରେ ୩ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। କିନ୍ତୁ ରାଜସ୍ଥାନ ଚାଲାଣ ହୋଇଥିଲେ ସେଠାରେ ଏହା ପାଖାପାଖି ୧୦ କୋଟି ଟଙ୍କାରେ ବିକ୍ରି ହୋଇଥାନ୍ତା ବୋଲି ପୁଲିସ୍ ଅନୁମାନ କରିଛି। ଅନ୍ୟପକ୍ଷରେ ଏହି ଚୋରା ଚାଲାଣ ପଛରେ ବଡ଼ ଧରାଣର ର୍‍ୟାକେଟ୍ କାମ କରୁଥିବା ସନ୍ଦେହ କରି ପୁଲିସ୍ ଅଧିକ ଖୋଳତାଡ଼ କରୁଛି। ଏହାଛଡ଼ା ଗିରଫ ଡ୍ରାଇଭର୍ ବିରୋଧରେ ଏନ୍‌ଡିପିଏସ୍ ଆଇନ୍ ଅନୁସାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ଲାଗୁହେଲା ...

ବ୍ୟବସ୍ଥାକୁ ସୁଦୃଢ଼ ହେବ ବୋଲି କହିଛନ୍ତି। ଆଜି ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ଏହି ଅଧିନିୟମ ଦ୍ୱାରା ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ସୁନିଶ୍ଚିତ ହେବା ସହିତ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ସରଳୀକରଣ ଓ ତ୍ୱରାନ୍ୱିତ କରାଯାଇପାରିବ। ଏଥିସହିତ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ପୁନଃ-ଅନ୍ତର୍ଭୁକ୍ତିକରଣ, ଅଧ୍ୟାପକ ଓ କୁଳପତି ଚୟନରେ ସରକାରୀ ହସ୍ତକ୍ଷେପକୁ ହ୍ରାସ କରାଯାଇପାରିଛି। ରାଜ୍ୟରେ ମୋଟ ନାମଲେଖା ଅନୁପାତ ବଢ଼ାଇବା ନିମନ୍ତେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଦୂରଶିକ୍ଷା ବ୍ୟବସ୍ଥା ପ୍ରଣୟନ କରିବା, ବିଶ୍ୱବିଦ୍ୟାଳୟର ଆର୍ଥିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅର୍ଥ କମିଟିର ଗଠନ ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କୋଠାବାଡ଼ି ଓ ନିର୍ମାଣ କମିଟି ଗଠନର ପ୍ରସ୍ତାବ, ଶିକ୍ଷାନୁଷ୍ଠାନମାନଙ୍କରେ ବିଶ୍ୱସ୍ତରୀୟ ଗବେଷଣା ଓ ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହନ ଦେବା ସହିତ ନୂଆ ଆଇନ ଜ୍ଞାନ ଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ ବୋଲି ସେ କହିଛନ୍ତି ।

### କଥା କଥାକେ...

ପିଟିପିଟି ମାରିଦିଆଯାଇଛି । ସେହିଭଳି ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଞ୍ଚଳରେ ଜେଲଫେରନ୍ତା ସାନ ଭାଇକୁ ହତ୍ୟା କଲା ବଡ ଭାଇ । ବାଦପଲ୍ଲୀ ଗାଁର କୈଳାସ ରାଉତ ନିଜ ସାନଭାଇ ଲିପୁନ ରାଉତକୁ ହତ୍ୟା କରିଛି। କୌଣସି କାରଣରୁ ଗତକାଲି ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସାନ ଭାଇର ହାତକୁ ଏକ ଗାମୁଛାରେ ବାନ୍ଧି ଘର ଆଗରେ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି ବଡଭାଇ । ପୁଲିସ ଅଭିଯୁକ୍ତ କୈଳାସକୁ ଗିରଫ କରିଛି । ପୂର୍ବ ଶତ୍ରୁତା ନେଇ କଣ୍ଟାବାଞ୍ଜିର ମୁରିବାହାଲ ଥାନା କର୍ଲାପିଟା ଗାଁରେ ନାମ ଯଜ୍ଞ ଚାଲୁଥିବା ବେଳେ ସମ୍ପର୍କୀୟ ପିଉସୀ ପୁଅକୁ ଠେଙ୍ଗାରେ ଆକ୍ରମଣ କରି ମାରିଦେଇଛି ଭାଇ। ଅଭିଯୁକ୍ତ ଥାନାରେ ଅଟକ। ସେପଟେ ରାଉଲକେଲାରେ ମାଲଗୋଦାମ ଅଞ୍ଚଳରେ ଶ୍ରମିକଙ୍କୁ ସ୍କୃ ଡ୍ରାଇଭରରେ ଭୁଷି ଅନ୍ୟ ଜଣେ ଶ୍ରମିକ ହତ୍ୟା କରିଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଭୁବନେଶ୍ୱରରେ ସେହିଭଳି ଗତକାଲି ଜଣେ ବିଲଡରଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଣି ଜଣେ ହୋମଗାର୍ଡ ସମ୍ପୃକ୍ତ ଥିବା ଜଣାପଡିଛି। କାରଣ ପୋଲିସ ଏହି ଘଟଣାରେ ଗିରଫ କରିଥିବା ୩ ଜଣଙ୍କ ମଧ୍ୟରୁ ଜଣେ କମିଶନରେଟ ପୁଲିସରେ ହୋମଗାର୍ଡ ଭାବେ କାମ କରନ୍ତି। ଆଜି ଏହି ମାମଲାରେ ଏୟାରଫିଲ୍ଡ ଥାନା ପୁଲିସ୍ ହୋମ୍‌ଗାର୍ଡ ସୁକାନ୍ତ ବେହେରା ସମେତ ୩ ଜଣଙ୍କୁ ଗିରଫ କରିଛି। ବାଲେଶ୍ୱରେ ପାରିବାରିକ କଳହରୁ ସଦର ଥାନା ବେଲବାରିଆରେ ନାବାଳକ ପୁଅର କଟୁରୀ ଚୋଟରେ ବାପା ଗୁରୁତର ହୋଇଛି। ବାଙ୍ଗୀରେ ବାପାର କଟୁରି ଚୋଟରେ ୩ ବର୍ଷର ଝିଅ ଗୁରୁତର ହୋଇ କଳାପଥର ମେଡିକାଲରେ ଭର୍ତ୍ତି ହୋଇଛି। କଳାପଥର ମେଡିକାଲ ସାମ୍ନାରେ ଝିଅକୁ ଆକ୍ରମଣ କରି ବାପା ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅନ୍ୟପଟେ ସୁନ୍ଦରଗଡ ଲେଫ୍ରିପଡାରେ ଅବକାରୀ ବିଭାଗ ଉପରକୁ ଗୁଳିମାଡ଼ କରିଛନ୍ତି ଗୋରୁ ମାଫିଆ। ଗୋରୁଗାଡିରେ ଗଞ୍ଜେଇ ଚାଲାଣର ଖବର ପାଇ ଅବକାରୀ ଟିମ ପିଛା କରୁଥିଲା ବେଳେ ଗୁଳି ମାଡ଼ କରିଥିଲେ ମାଫିଆ । ଅନ୍ୟ ଏକ ଘଟଣାରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅଂଚଳରେ ଏକ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ ପାଇଁ ନେଉଥିବା ବେଳେ ଦୁର୍ବୃତ୍ତ ଜଣକ ଏସକର୍ଟ ଟିମର ବନ୍ଧୁକ ଛଡାଇ ଫେରାର ହେବାକୁ ଉଦ୍ୟମ କରିଥିଲା। ପୁଲିସ ଅଭିଯୁକ୍ତକୁ ଏନକାଉଣ୍ଟର କରିଛି। ଦିଗପହଣ୍ଡିରେ ସେହିଭଳି ଦଣ୍ଡରେ ଅଭିନୟ କରୁଥିବା ଜଣେ କିନ୍ନରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି।

### ଇଭିଏମ୍...

ଭାରତର ଇଭିଏମ୍‌ଗୁଡ଼ିକୁ ବ୍ଲୁଟୁଥ୍ ଇନଫ୍ରାରେଡ୍ ସହ ସଂଯୋଗ କରାଯାଇପାରିବ ନାହିଁ। ତେଣୁ ଏଥିରେ ହେରଫେର କରିବା ସମ୍ଭବ ନୁହେଁ ବୋଲି ସିଇସି କହିଛନ୍ତି।

ଏଥିସହ ୫ କୋଟି ଭିଭିପ୍ୟାଟ୍ ସ୍ଲିପକୁ ଗଣନା କରାଯାଇଛି ଓ ଏଥିରେ କୌଣସି ଅସଙ୍ଗତି ରିପୋର୍ଟ କରାଯାଇନାହିଁ ବୋଲି ଶ୍ରୀ କୁମାର କହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗାବାର୍ଡ କହିଥିଲେ ଯେ ଭାରତରେ ସାଧାରଣତଃ ଇଭିଏମ୍ ମାଧ୍ୟମରେ ନିର୍ବାଚନ ହୋଇଆସିଛି। କିନ୍ତୁ ସେଠାକାର ବିରୋଧୀ ଦଳଗୁଡ଼ିକ ସବୁବେଳେ ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇବା ସହ ଇଭିଏମ୍ ଟ୍ୟାମ୍ପରିଂ ଆଶଙ୍କା କରିଆସୁଛନ୍ତି। ବାରମ୍ବାର ଗୃହ ଓ ନିର୍ବାଚନ କମିଶନ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଉଛନ୍ତି। କିନ୍ତୁ ଏବେ ଆମେରିକାରେ ମଧ୍ୟ ଇଭିଏମ୍ ଉପରେ ପ୍ରଶ୍ନ ଉଠାଯାଉଛି। ତେଣୁ ଭୋଟିଂ ମେସିନରେ ପ୍ରମୁଖ ସମସ୍ୟା ରହିଛି ଓ ଏଥିରେ ହ୍ୟାକର୍‌ମାନେ ଭୋଟ୍ ପରିବର୍ତ୍ତନ କରିବା ସହ ନିର୍ବାଚନରେ ବାଧା ସୃଷ୍ଟି କରିପାରିବେ ବୋଲି ଗାବାର୍ଡ କହିଥିଲେ।

# କୋରାପୁଟ ଜିଲ୍ଲାପାଳ ପାଇବେ ପିଏମ୍ ଆୱାର୍ଡ



**ବୋରିଗୁମ୍ମା/କୋରାପୁଟ, ୧୨।୪ (ସଂଚାର ବ୍ୟୁରୋ) :** କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଉଲ୍ଲେଖନୀୟ କାର୍ଯ୍ୟକାରିତା ପାଇଁ କୋରାପୁଟ ଜିଲ୍ଲାପାଳ ପ୍ରଧାନମନ୍ତ୍ରୀ ଆୱାର୍ଡ-୨୦୨୫ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନ ମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ, ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ପିଏମ ବିଶ୍ୱକର୍ମା, କିଷାନ କାର୍ଡ, ମିଶନ ଟୀକାକରଣ, ପିଏମ ଜନ ଆରୋଗ୍ୟ ଯୋଜନା, ଦେଶରେ ଶ୍ରେଷ୍ଠ ଜିଲ୍ଲାପାଳ ଭାବେ ମନୋନୀତ ହୋଇଛନ୍ତି।

ଏଥିପାଇଁ ଭାରତବର୍ଷର ହରଘର ଜଳ (ଜଳ ଜୀବନ ମିଶନ), ପିଏମ ସହରାଞ୍ଚଳ ଆବାସ ଓ ପିଏମ ଗ୍ରାମାଞ୍ଚଳ ଆବାସ ଯୋଜନା ଭଳି ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ସହ ସାଧାରଣ ଜନତା ଓ ପ୍ରଶାସନର ସହଭାଗିତାରେ ନିଜ ଦକ୍ଷତା ପ୍ରତିପାଦନ କରି ୭୧୨ଟି ଜିଲ୍ଲାକୁ ନେଇ ଆକଳନ କରାଯାଇଥିଲା । ସେଥିମଧ୍ୟରୁ ଶ୍ରେଷ୍ଠ ପାଞ୍ଚଟି ଜିଲ୍ଲାକୁ ବଛାଯାଇ ଥିବା ବେଳେ କୋରାପୁଟ ଜିଲ୍ଲା ଶ୍ରେଷ୍ଠ ବିବେଚିତ ହୋଇଥିଲା। ଆସନ୍ତା ୨୧ ତାରିଖରେ ନୂଆଦିଲ୍ଲୀରେ ପାଳିତ ହେବାକୁ ଥିବା ସିଭିଲ ସର୍ଭିସ ଡେ ଅବସରରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଚଳିତ ବର୍ଷର ପ୍ରଧାନମନ୍ତ୍ରୀ ଅୱାର୍ଡ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

# ବୋରିଗୁମ୍ମା ବ୍ଲକରେ ନୂତନ ବିଡିଓ



**ବୋରିଗୁମ୍ମା, ୧୨।୪ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡ଼ିଓ) ଭାବେ ସୁକାନ୍ତ କୁମାର ପଟ୍ଟନାୟକ ଯୋଗଦାନ କରିଛନ୍ତି। ବ୍ଲକର ସମସ୍ତ କର୍ମଚାରୀମାନେ ନୂତନ ବିଡ଼ିଓଙ୍କୁ ଫୁଲତୋଡା ପ୍ରଦାନ କରି ସ୍ୱାଗତ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ପୂର୍ବରୁ କୋରାପୁଟ ଜିଲ୍ଲା ପଟାଙ୍ଗୀ ରେ ଦୀର୍ଘ ବର୍ଷ ଧରି ବିଡ଼ିଓ ଭାବେ କାର୍ଯ୍ୟ କରିବା ପରେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ କିଛି ଦିନ କାର୍ଯ୍ୟ କରିଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପତ୍ରାଙ୍କ ୮୯୩୦/୦୩.୦୪.୨୫ ରେ ତାଙ୍କୁ ବୋରିଗୁମ୍ମା ବିଡ଼ିଓ ଭାବେ ବଦଳି ଆଦେଶ ହୋଇଥିଲା। ନୂତନ ଭାବେ ବିଡ଼ିଓ ଶ୍ରୀ ପଟ୍ଟନାୟକ ଯୋଗ ଦେବାର କିଛି ସମୟ ପରେ ସସାହାଣ୍ଡିରେ ହେଉଥିବା ଆୟୁଷ୍ମାନ ଜନ ଆରୋଗ୍ୟ କାର୍ଡ଼ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ଏଠାରେ ପୂର୍ବରୁ କାର୍ଯ୍ୟ କରୁଥିବା ବିଡ଼ିଓ ସନ୍ଧ୍ୟା ସମରଥଙ୍କୁ ନାରାୟଣପାଟଣା ବ୍ଲକକୁ ବଦଳି ଆଦେଶ ହୋଇଛି।

### ଚୈତ୍ର ପୂର୍ଣ୍ଣିମା ପାଇଁ ଉତ୍ସବ ମୁଖର ଗାଁ ପରିବେଶ

# ଧୂମଧାମ୍‌ରେ ପାଳନ କଲେ କୈବର୍ତ୍ତ ସମ୍ପ୍ରଦାୟ



**କାକଟପୁର/ଅସ୍ତରଙ୍ଗ , ୧୨।୪ (ସଂଚାର ବ୍ୟୁରୋ) :** ଚୈତ୍ର ପୂର୍ଣ୍ଣିମା ଓଡ଼ିଶାର ଏକ ଗଣପର୍ବ। ଚଇତି ପୁନେଇଁ ନାମରେ ଏହା ଖ୍ୟାତ। କୈବର୍ତ୍ତ ଜାତିର ଲୋକଙ୍କ ଦ୍ୱାରା ଚୈତ୍ର ମାସର ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। କୈବର୍ତ୍ତମାନେ ଘୋଡାର ଏକ ଖୋଳ କରି ସେଥିରେ ପଶି ଘୋଡା ଚଢ଼ିବାର ଅଭିନୟ କରିଥାନ୍ତି। ଏହା ଚଇତି ଘୋଡା ନୃତ୍ୟ ନାମରେ ଜଣାଶୁଣା। ପୂର୍ଣ୍ଣିମାର ପର୍ବ ଆଠ ଦିନ ଚଇତି ପର୍ବ ପାଳନ କରାଯାଏ। ଏହି ପର୍ବରେ ଦିନରାତି ଭୋଜିଭାତ ନୃତ୍ୟ ଗୀତ ଆଦି କରିଥାନ୍ତି। ଘରର ପ୍ରତ୍ୟେକ ସଦସ୍ୟ ନୂଆ ବସ୍ତ୍ର ପରିଧାନ ପୂର୍ବକ ଏଥିରେ ଅଂଶ ଗ୍ରହଣ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ପଂଚାୟତ ବାଲିଡିଆ, କାଳିଆକଣ, ବାଲିପନ୍ତାଳ, ଆଳସାହି ପଂଚାୟତର ପାଟସୁନ୍ଦରପୁର, ଆଳସାହି, ଛୁରିଆନା ପଂଚାୟତର ସହନ ଅଞ୍ଚଳରେ ରହୁଥିବା କୈବର୍ତ୍ତମାନେ ଆନନ୍ଦ ଉଲ୍ଲାସ ସହ ଏହି ପର୍ବକଚ ପାଳନ କରୁଛନ୍ତି। ଏହି ଅବସରରେ କୈବର୍ତ୍ତ ଲୋକମାନେ ଜୀବନଜୀବିକା ନିର୍ବାହ କରୁଥିବା ଜାଲ, ଡ଼ଙ୍ଗା ଓ ଟାପାକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାସହ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

### ସୋଆ ଛାତ୍ରଛାତ୍ରୀଙ୍କୁ ନ୍ୟାୟମୂର୍ତ୍ତୀ ସି.ଆର ଦାସଙ୍କ ପରାମର୍ଶ

# ନୈତିକ ମୂଲ୍ୟବୋଧକୁ ପାଥେୟ କରି ଆଗକୁ ବଢ଼




**ଭୁବନେଶ୍ୱର, ୧୨।୪ (ସଂଚାର ବ୍ୟୁରୋ) :** ନିଜ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ଛାତ୍ରଛାତ୍ରୀମାନେ ନୈତିକ ମୂଲ୍ୟବୋଧ ଉପରେ ଅଧିକ ମନୋନିବେଶ କରିବା ଆବଶ୍ୟକ ଯାହାକି କେବଳ ସେମାନଙ୍କର ବ୍ୟକ୍ତିଗତ ଜୀବନ ନୁହେଁ ବରଂ ସମାଜ ଗଠନ ଉପରେ ପ୍ରଭାବ ପକାଇବ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ ଚିତରଞ୍ଜନ ଦାସ ଶନିବାର ଏଠାରେ କହିଛନ୍ତି। ସ୍ୱାର୍ଥ ପାଇଁ ପ୍ରତିଯୋଗିତା, ଅନ୍ତହୀନ ତୁଳନା, ପଛରେ ପଡ଼ିଯିବା ଭୟ ଏଭଳି ମନୋଭାବ ଦୃଢ଼ମନାଙ୍କୁ ମଧ ଦୁର୍ବଳ କରି ଦେଇଥାଏ। କିନ୍ତୁ ସୃଷ୍ଟି ଉପରେ ବିଶ୍ୱାସ ରଖ, ନିଜ କାର୍ଯ୍ୟକୁ ବିଶ୍ୱସ୍ତ ଭାବେ କର ଏବଂ ସଚ୍ଚୋଟ ରାସ୍ତାରେ ଚାଲ। ସ୍ୱଚ୍ଛ ବ୍ୟକ୍ତିମାନଙ୍କୁ ସମସ୍ତେ ସହାୟକ ହୋଇଥାନ୍ତି ବୋଲି ନ୍ୟାୟମୂର୍ତ୍ତୀ ଦାସ ଶିକ୍ଷା ଓ ଅନୁସନ୍ଧାନ (ସୋଆର ଛାତ୍ରଛାତ୍ରୀ ଏବଂ ଫ୍ୟାକଲ୍ଟିମାନଙ୍କୁ ଉପଦେଶ ଦେଇଛନ୍ତି। ଶୃଙ୍ଖଳା, ଏକାଗ୍ରତା ଏବଂ ଲକ୍ଷ୍ୟ ଏଭଳି ଜୀବନର ୩ଟି ଶକ୍ତିଶାଳୀ ମନ୍ତ୍ରକୁ ପାଥେୟ କରି ଆଗକୁ ବଢ଼ିବା ପାଇଁ ନ୍ୟାୟମୂର୍ତ୍ତୀ ଦାସ କହିଛନ୍ତି।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ’ (ଏସ୍‌ଏନ୍‌ଆଇଏଲ୍)ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନ୍ୟାୟମୂର୍ତ୍ତୀ ଦାସ ଏବଂ ତାଙ୍କ ପତ୍ନୀ ଶ୍ରୀମତି ଅଭିପ୍ସା ଦାସଙ୍କୁ ସମ୍ମାନିତ କରାଯାଇଥିଲା।

## ଜମିଲା ମା’ ଦଶମଲ୍ଲୀ ମେଳଣ



**ଗୋପ, ୧୨।୪ (ସଂଚାର ବ୍ୟୁରୋ) :** ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ପରମ୍ପରାକୁ ନେଇ ଜମିଥାଏ ମା ଦଶମଲ୍ଲୀ ମେଳଣ। ଗୋପ ବ୍ଲକର ଅଣ୍ଡରାଇଚ୍ଛାପୁର ପଞ୍ଚାୟତ ଇଛାପୁର ଗ୍ରାମର କୁଶଭଦ୍ରା ନଦୀ କୂଳରେ ମା ଦଶମଲ୍ଲୀ କାହିଁ କେଉଁ କାଳରୁ ପୂଜା ପାଇଁ ଆସୁଛନ୍ତି। କିମ୍ବଦନ୍ତୀ ଅନୁସାରେ ଜଣେ ସାଧୁ କୁଶଭଦ୍ରା ନଦୀ କୂଳରେ ସପସ୍ୟା କରୁଥିବା ସମୟରେ ସାଧୁଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମା ସ୍ୱପ୍ନାଦେଶ କରିଥିଲେ । ସାଧୁ ଜଣଙ୍କ ଚୈତ୍ର ପୁର୍ଣ୍ଣିମା ଦିନ ପୁରୀ ଆମ ଆର ମଠରୁ ମାଙ୍କୁ ଆଣି ଅଣ୍ଡରା ଇଚ୍ଛାପୁର ଗ୍ରାମର କୁଶଭଦ୍ରା ନଦୀ କୂଳରେ ସ୍ଥପନ କରିଥିଲେ। ସେବେଠାରୁ ମା ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ସାତପଡ଼ା ଗ୍ରାମରେ ମା ଦଶମଲ୍ଲୀ ଗ୍ରାମ ଦେବତୀ ରୂପେ ପୂଜା ପାଇଁ ଆସୁଛନ୍ତି। ପ୍ରତି ବର୍ଷ ଚୈତ୍ର ପୂର୍ଣମୀ ଦିନ ମାଙ୍କ ମେଳଣ ଜମିଥାଏ। ପ୍ରଥମେ ସାତପଡ଼ା ଓ ଅନ୍ୟ ଗ୍ରାମର ୧୦ ଗୋଟି ଦୋଳ ବାଜା ବାଣ ରୋଷଣୀରେ ମା ଦଶମଲ୍ଲୀଙ୍କ ନିକଟକୁ ଆସିଥାନ୍ତି। ଦୁଇ ଦିନଧରି ମାଙ୍କ ନିକଟରେ ମେଳଣ ହେବାସହ ହଜାର ହଜାର ଲୋକଙ୍କ ସମାଗମ ଏକ ଅଧାତ୍ମିକ ପରିବେଶ ସୃଷ୍ଟି କରିଥାଏ।

# ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା



**କାକଟପୁର/ଅସ୍ତରଙ୍ଗ, ୧୨।୪ (ସଂଚାର ବ୍ୟୁରୋ) :** ସମୁଦ୍ରରୁ ମାଛ ମାରିବା ଉପରେ କଟକଣା ଲାଗିଛି। ଓଡିଶା ଉପକୂଳରେ ମାଛ ଧରିବା ଉପରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଏପ୍ରିଲ ୧୫ରୁ ଜୁନ ମାସ ୧୪ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬୧ଦିନ ପର୍ଯ୍ୟନ୍ତ ଓଡିଶା ଉପକୂଳରେ ୮. ୫ମିଟର ଦୈର୍ଘ୍ୟ ପର୍ଯ୍ୟନ୍ତ ବୋଟ, ଦେଶୀ ଓ ଯନ୍ତ୍ର ଚାଳିତ ଡ଼ଙ୍ଗା ଗୁଡିକୁ ମାଛ ଧରିବାକୁ ନିଷିଦ୍ଧ କରାଯାଇଛି। କାରଣ ଏହି ସମୟରେ ମାଛମାନେ ଅଣ୍ଡା ଦେଇ ଜାଆଁଳ ସୃଷ୍ଟି କରନ୍ତି। ଏହି ସମୟରେ ପ୍ରାକୃତିକ ମତ୍ସ୍ୟ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ପାଇଁ ଉଦିଷ୍ଟ। ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ହିଁ ନଦୀ ଓ ସମୁଦ୍ରରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇଥାଏ। ସରକାର ଏହି ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଯେଉଁମାନେ ଏହି ନିୟମକୁ ନ ମାନିବେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଆଇନ ଅନୁଯାୟୀ ଦଣ୍ଡ ହେବା ନେଇ ଘୋଷଣା କରିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ। ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ମତ୍ସ୍ୟ ବିଭାଗ ପକ୍ଷରୁ କାଳିଆକଣ, ବାଲିଡିଆ, ନୂଆଗଡ, ସହନ, ଆଳସାହି ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରାଯାଇଛି। ମତ୍ସ୍ୟ ବିଭାଗର ଏହି ନିର୍ଦ୍ଦେଶ ଏବେ ଶହ ଶହ ମତ୍ସ୍ୟଜୀବୀଙ୍କୁ ହାତବାନ୍ଧି ବସିବାକୁ ବାଧ୍ୟ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ପ୍ରାୟ ୨୦ହଜାର ଉର୍ଦ୍ଧ ମତ୍ସ୍ୟଜୀବୀ ମାଛ ମାରିବାକୁ ଗଲେ ଯାହାର ଚୁଲି ଜଳୁଥିଲା ଏବେ ସେ ଖାଇବେ କଣ, ଚଳିବେ କେମିତି ବୋଲି ଚିନ୍ତାରେ ପଡିଛନ୍ତି। ଗୋଟେ ପଟେ ମାଛଙ୍କ ବଂଶ ବୃଦ୍ଧି ପାଇଁ ସରକାରଙ୍କ କଟକଣା ଆଉ ଗୋଟିଏ ପଟେ ପରିବାର ଚଳାଇବା ଚିନ୍ତା ମତ୍ସ୍ୟଜୀବୀଙ୍କ ଉପରେ ଭାରି ପଡିଛି। ନିୟମ ନ ମାନିଲେ ବୋଟ ସହିତ ମାଛଧରା ଉପକରଣକୁ ଜବତ କରାଯିବା ସହ ଜେଲ ଜୋରିମାନା ମଧ ଭୋଗିବାକୁ ପଡିବ ବୋଲି ମତ୍ସ୍ୟ ବିଭାଗର ନିୟମ କହୁଛି।

# ମନ୍ଦିର ପ୍ରଶାସନକୁ ଚୋରି ଅଳଙ୍କାର ହସ୍ତାନ୍ତର



**ନୟାଗଡ଼, ୧୨।୪ (ସଂଚାର ବ୍ୟୁରୋ):** ମନ୍ଦିରକୁ ଫେରିଲା ଚୋରି ହୋଇଥିବା ରତ୍ନ ଅଳଙ୍କାର। ଦୁଇ ମାସ ତଳେ ନୟାଗଡ଼ ପୁରୁଣା ସହରରେ ଥିବା ଜଗନ୍ନାଥ ମନ୍ଦିରରୁ ପ୍ରଥମେ ଲୁଟେରା ଲୁଟ୍ କରିଥିବା ବେଳେ ପରବର୍ତ୍ତୀ ସମୟରେ ପୁଣି ଶ୍ରୀ ଗୋପୀନାଥ ମନ୍ଦିରରୁ ଉକ୍ତ ଲୁଟେରା ଜଣଙ୍କ ଅଳଙ୍କାର ଲୁଟ୍ କରିଥିଲା। ତେବେ ଲୁଟେରାକୁ ଧରିବା ପାଇଁ ନୟାଗଡ଼ ପୁଲିସ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଥିଲା। କିନ୍ତୁ ନୟାଗଡ଼ ଏସ୍ପି ଏସ ସୁଶ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ୍ ଗଠନ ଦାୟୀତ୍ୱ ନେଇଥିଲେ ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ମୁଖ୍ୟ ପୁରୋଧା ସାଜିଥିଲେ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର। ନୟାଗଡ ପୁଲିସ୍ ବିଭିନ୍ନ ସ୍ଥାନରେ ୪୦୦ରୁ ଉର୍ଦ୍ଧ୍ୱ ସିସିଟିଭି ଯାଞ୍ଚ କରିବା ପରେ ଅଭିଯୁକ୍ତ ପାଖରେ ପହଞ୍ଚିବାପରେ ସଫଳ ହୋଇଥିଲା।

ତେବେ ଅଭିଯୁକ୍ତ ରଣପୁର ଜଗନ୍ନାଥ ମନ୍ଦିରକୁ ଟାର୍ଗେଟ କରିବା ପୂର୍ବରୁ ପୁଲିସ୍ ଅଭିଯୁକ୍ତ ଗିରଫ କରିବା ସହ ମନ୍ଦିରରୁ ଚୋରି ହୋଇଥିବା ଅଳଙ୍କାର ଜବତ କରିଥିଲା। ପରବର୍ତ୍ତୀ ସମୟରେ ପୁଲିସ୍ ଅଭିଯୁକ୍ତ ରିମାଣ୍ଡରେ ଆଣି ସିନ୍ କ୍ରିଏସନ କରିଥିଲା । ତେବେ ଏପ୍ରିଲ୍ ୧୧ତାରିଖ ସନ୍ଧ୍ୟାରେ ନୟାଗଡ଼ ଏସଡ଼ିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମେତ ଥାନା କର୍ମଚାରୀ ପ୍ରଥମେ ଜଗନ୍ନାଥ ମନ୍ଦୀରରେ ପହଞ୍ଚି ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିବା ଅଳଙ୍କାର ଓ ଜବତ ହୋଇଥିବା ଟଙ୍କା ମନ୍ଦିର ସୁପର ଭାଇଜର ପ୍ରଭାତ ବରାଡଙ୍କୁ ପ୍ରଦାନ କରାଯାଇଥିଲା । ତତ୍ ସହିତ ଶ୍ରୀ ଗୋପୀନାଥ ମନ୍ଦିରରୁ ଚୋରି ହୋଇଥିବା ଅଳଙ୍କାର ମନ୍ଦିର ପୂଜକଙ୍କୁ ହସ୍ତାନ୍ତର କରିଥିଲେ। ପୁଲିସର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

# ‘ନୈତିକ ଓ ମାନବିକ ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହୋଇଛି ଜାଗୋ’

**ଭୁବନେଶ୍ୱର, ୧୨।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ସବୁ ସମୟରେ ସମାଜର ହିତ କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ଏହି ପରିପ୍ରେକ୍ଷୀରେ ‘ଜାଗୋ’ ବହୁବର୍ଷର ଏକ ପଦକ୍ଷେପ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକ ଏବଂ ମାନବିକ ମୂଲ୍ୟବୋଧ ସୃଷ୍ଟି କରିବାରେ ଜାଗୋ ସହାୟକ ହୋଇଛି ବୋଲି କହିଛନ୍ତି ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ।

ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ୟାମ୍ପସ୍‌ର ନିକଟବର୍ତ୍ତୀ ବସ୍ତି ଅଞ୍ଚଳରେ ରହୁଥିବା ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କୁ ସ୍କୁଲ ବ୍ୟାଗ ଓ ୟୁନିଫର୍ମ ଦେବା ଭଳି କାର୍ଯ୍ୟ କରିଥାନ୍ତି ଟିମ୍ ଜାଗୋର ଛାତ୍ରଛାତ୍ରୀ। ଏହି ପରିପ୍ରେକ୍ଷୀରେ ୨୦୦୭ ମସିହାରୁ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଏବେ ବିଶ୍ୱବିଦ୍ୟାଳୟର ସବୁ କ୍ୟାମ୍ପସ୍‌ର ଛାତ୍ରଛାତ୍ରୀମାନେ ଆପଣାଇଛନ୍ତି। ଏହା ଖୁବ ଆନନ୍ଦର ବିଷୟ ବୋଲି କହିଛନ୍ତି ଶ୍ରୀମତି ଦାସ।



ଶନିବାର ‘ସୋଆ ଜାଗୋ ଟ୍ୟାଲେଂଟ ହଂଟ’ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ସୋଆର ଛାତ୍ରଛାତ୍ରୀମାନଙ୍କୁ ଶ୍ରୀମତି ଦାସ ପୁରସ୍କୃତ କରିବା ସହ କୁନି କୁନି ପିଲାମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ। ଅନ୍‌ଲାଇନ୍ ଦ୍ୱାରା ୨୪ ଘଣ୍ଟା ଧରି ସୋଆ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର, କବିତା, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏଥିରେ ଯୋଗ ଦେଇ କହିଥିଲେ ଯେ ସମାଜର ହିତ ପାଇଁ ବିଶ୍ୱବିଦ୍ୟାଳୟ ଏଭଳି ମହତ କାର୍ଯ୍ୟ ଆପଣାଇଛି। ବିକଶିତ ଭାରତ ପରିପ୍ରେକ୍ଷୀରେ ଏଭଳି କାର୍ଯ୍ୟ ଦ୍ୱାରା ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରୁଛି ବୋଲି ପ୍ରଫେସର ନନ୍ଦ କହିଛନ୍ତି।

କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ନୀତା ମହାନ୍ତି, ଆଇଟିଇଆର୍‌ର ଡିନ୍ ପ୍ରଫେସର ପି.କେ ସାହୁ ବକ୍ତବ୍ୟ ରଖିଥିଲେ। ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜାଗୋର ମେଣ୍ଟର ପ୍ରଫେସର ଅନୀତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ ମଲ୍ଲିକ ଓ ଆଇଡିଏସ୍‌ର ପ୍ରଫେସର ଅନୁରାଗ ଶତପଥୀ ଏବଂ ଆଇଟିଇଆରର ସିନିୟର ପ୍ରଫେସର ମୀରା ଦାସ ଉପସ୍ଥିତ ଥିଲେ।

### ଓଷକଣା ପଞ୍ଚାୟତରେ ଏମ୍‌ଜିନରେଗା ବାଟବଣା

# ଏନଏମ୍‌ଏମ୍‌ଏସ୍‌ରେ ଫଟୋ ନ ଥିବା ବେଳେ ଉପସ୍ଥାନରେ ଗଡୁଛି ନାମ



**ନାଉଗାଁ, ୧୨।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଜିଏସ) ବାଟବଣା ହୋଇଛି। ଏହି ବ୍ଲକର ବିଶେଷକରି ଓଷକଣା ପଞ୍ଚାୟତରେ ଚଞ୍ଚକତା ଚରମସୀମାରେ ପହଁଚିଛି। ଏହି ପଞ୍ଚାୟତରେ ମେସିନ ସାହାର୍ଯ୍ୟରେ କାର୍ଯ୍ୟ କରାଯାଇଛି। ପରେ ଜବକାର୍ଡଧାରୀଙ୍କ ଉପସ୍ଥାନ ଦର୍ଶାଇବା ପାଇଁ କିଛି ଜବକାର୍ଡଧାରୀଙ୍କୁ କାର୍ଯ୍ୟସ୍ଥଳରେ ଛିଡା କରାଇ ସେମାନଙ୍କର ଫଟୋ ଉତୋଳନ କରାଯାଇଛି। ଏହାପରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରାଯାଉଛି। କିନ୍ତୁ ଏନ୍‌ଏମ୍‌ଏମ୍‌ଏସ୍ ଆପରେ କିଛି ଜବକାର୍ଡଧାରୀଙ୍କର ଫଟୋ ଅପଲୋଡ ହୋଇ ନଥିବା ବେଳେ ସେମାନଙ୍କର ନାମ ମଷ୍ଟରରୋଲରେ ଉପସ୍ଥାନ ପଡୁଥିବା ଦେଖାଯାଇଛି। ଏଭଳି ଅବ୍ୟବସ୍ଥାକୁ ତଦାରଖ କରିବାକୁ କେହି ନାହାନ୍ତି। ଯାହାଫଳରେ ଏହା ଠିକାଦାର ଓ ଅଧିକାରୀ ଅସାଧୁ ମେଣ୍ଟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଯୋଜନାରେ ଆଇନକୁ ଖୁଲମଖୁଲା ଅବମାନନା କରାଯାଉଥିବା ଅଭିଯୋଗ ହେଉଛି।

## ଆୟୁଷ୍ମାନ ଭାରତ କାର୍ଡ ବିତରଣ

**ବୋରିଗୁମ୍ମା/କୋରାପୁଟ, ୧୨।୪ (ସଂଚାର ବ୍ୟୁରୋ) :** ସ୍ଥାନୀୟ ପୁଲିସ ପ୍ୟାରେଡ ପଡ଼ିଆଠାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏକକ କାର୍ଡ ଏବଂ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାର ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି ପରିପେକ୍ଷୀରେ ବୋରିଗୁମ୍ମା ବ୍ଲକର ଛଅ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ନୂଆ ଏକକ କାର୍ଡ଼ର ବିତରଣ କରାଯାଇଥିଲା ।

### ମଦ ଦୋକାନ ସାମ୍ନାରେ ବୋମା ମାଡ଼ ଘଟଣା

# ସାଇଣ୍ଟିଫିକ ଟିମ୍‌ର ତଦନ୍ତ, ଝୋଟ ସୁତୁଲି, ଗୋଡି ଓ କାଚ ଗୁଣ୍ଡ ସଂଗ୍ରହ



**କାକଟପୁର/ଅସ୍ତରଙ୍ଗ, ୧୨।୪ (ସଂଚାର ବ୍ୟୁରୋ) :** ସରକାରୀ ବିଦେଶୀ ମଦ ଦୋକାନ ସାମ୍ନାରେ ବୋମା ମାଡ଼ ଘଟଣାରେ ଶନିବାର ଦିନ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି କିଛି ଜିନିଷ ଜବତ କରିଛନ୍ତି।

ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଠାରୁ ଏକ କିଲୋମିଟର ଦୂରରେ ଥିବା ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟ ନାମକ ଏକ ସରକାରୀ ବିଦେଶୀ ମଦ ଦୋକାନରେ ଗୁରୁବାର ହୋଇଥିଲା ବୋମାମାଡ। ବୋମାମାଡରେ ଭାଙ୍ଗିଯାଇଛି ଆଗ ସାମ୍ନା କାଚ। ଗୁରୁବାର ଦିନ ୧୧ଘ ୪୫ମିନିଟ ସମୟରେ କିଛି ଯୁବକ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟରେ ବସି ମଦ୍ୟପାନ କରିଥିଲେ। କିନ୍ତୁ ହୋଟେଲ ମ୍ୟାନେଜର ସୁନୀଲ କୁମାର ଜେନା ଖାଇବା ଓ ପିଇବା ବାବଦକୁ ଟଙ୍କା ମାଗିବାରୁ ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଦାଦାବଟି ୧୦ହଜାର ଟଙ୍କା ମାଗିବର ସହ ମ୍ୟାନେଜରକୁ ନିଶାଶକ୍ତ ଯୁବକ ଧମକାଇଥିଲେ ମଧ୍ୟ। କିନ୍ତୁ ଗୁରୁବାର ସନ୍ଧ୍ୟା ୫ଘ ୪୦ମିନିଟ ସମୟରେ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟ ସାମ୍ନାରେ ୨ଟି ବୋମା ଫୁଟିଥିଲା। ପ୍ରଚଣ୍ଡ ଶବ୍ଦ ହେବା ସହ ବାର ସାମ୍ନାରେ ଲାଗିଥିବା କାଚର ଅନେକାଂଶ ଭାଙ୍ଗିଯାଇଛି।

ଗୁରୁବାର ରାତ୍ର ସମୟରେ ଉତ୍କଳ ପ୍ଲାଜା ବାର ଆଣ୍ଡ ରେଷ୍ଟରାଣ୍ଟର ମ୍ୟାନେଜର ସୁନୀଲ କୁମାର ଜେନା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଅଭିଯୋଗକୁ ଭିତ୍ତିକରି ବାର ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ପରେ କାକଟପୁର ଥାନା କେଶ ନମ୍ବର ୭୭/୨୫ରେ ମାମଲା ରୁଜୁ କରି କାକଟପୁର ଥାନା ଅଞ୍ଚଳର ଗୁଡୁ ସାହୁ(୨୯) ନାମକ ଯୁବକଙ୍କୁ ପୁଲିସ ଶୁକ୍ରବାର ଅଦାଲତ ଚାଲାଣ କରିଛି। ଏହି ଘଟଣା ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଶନିବାର ବୋମା ମାଡ଼ ହୋଇଥିବା ଘଟଣା ସ୍ଥଳରେ କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ ଓ ପୁରୀ ସାଇଣ୍ଟିଫିକ ଟିମ୍‌ର ତିନି ଜଣିଆ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, ଲ୍ୟାବ ଆଟେଣ୍ଡାଣ୍ଟ ବିଶ୍ୱଜିତ୍ତ ସାହୁ ଓ କ୍ୟାମେରା ମ୍ୟାନ ରମେଶ ଚନ୍ଦ୍ର ବାରିକି ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଘଟଣାସ୍ଥଳରୁ ଫୁଟାନ୍ତ ବୋମାର ଝୋଟ ସୁତୁଲି, ଗୋଡି ଓ ଭାଙ୍ଗିଯାଇଥିବା କାଚର ଆଂଶିକ ଅଂଶ ସଂଗ୍ରହ କରି ନେଇଛନ୍ତି।

# ମହାବୀରଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ କଳସ ଶୋଭାଯାତ୍ରା

**ଖୋର୍ଦ୍ଧା, ୧୨।୪ (ସଂଚାର ବ୍ୟୁରୋ) :** ସ୍ଥାନୀୟ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର (ସାହେବ ନୂଆଗାଁ) ମା ଅଁଳାଇ ଦେବୀ ପିଠରେ ମହାବୀରଙ୍କ ୨୩ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞରେ ମୁଖ୍ୟ ପୁରୋହିତ ବିଶ୍ୱନାଥ ନନ୍ଦଙ୍କ ସଂଯୋଜନାରେ କର୍ତ୍ତା ରୂପେ ହିମାଂଶୁ ବରାଳ ଓ ଗ୍ରାମ୍ୟ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସନାତନ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆଜି ଗ୍ରାମର ଝାରିଆ ପୋଖରୀ ଠାରୁ ଶୁଭ କଳସ ଉଠାଯାଇ ଶତାଧିକ ମାନସିକ ଶ୍ରଦ୍ଧାଳୁ ଭକ୍ତ ମାନେ ଗ୍ରାମ୍ୟ ପରିକ୍ରମା କରି ଅଁଳାଇ ଦେବୀଙ୍କ ପୀଠରେ ଥିବା ମହାବୀରଙ୍କ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ । ପରେ ପଣ୍ଡିତଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୀତାପାଠ, ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୧୩ ତାରିଖ ଅପରାହ୍ନରେ ଧେନୁପୁଜା, ଗୁରୁପୂଜା,ମଣ୍ଡଳ ପୂଜା,ଗୀତା ପାଠ, ଚଣ୍ଡୀପାଠ,ପରେ ପୂର୍ଣ୍ଣାହୁତି କରାଯିବ। କାର୍ଯ୍ୟକ୍ରମରେ ମହାବୀର କମିଟି ଓ ଉଇଲକିଶନ ନଗର ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନ ମା ଅଁଳାଇ ପିଠରେ ଅପରାହ୍ଣ ୪ ଟାରେ ମା ଅଁଳାଇ ଦେବୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବ।






## ବେଷ୍ଟପୁର ବାଣେଶ୍ୱର ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

**ବାଲିଅନ୍ତା, ୧୨।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବେଷ୍ଟପୁର ବାଣେଶ୍ୱର ଡିଗ୍ରୀ କଲେଜର ୧୫ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଚେୟାରମ୍ୟାନ ଶରତ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କଲେଜ ଅଧକ୍ଷ କୈଳାଶ ଚନ୍ଦ୍ର ବେଦାନ୍ତ ବାର୍ଷିକ ବିବରିଣୀ ପାଠ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଣଜିତ କୁମାର ପ୍ରଧାନ ପ୍ରାଚୀନ ଗୁରୁ ଶିଷ୍ୟ ପରମ୍ପରା ମହାନତା ଉପରେ ବକ୍ତବ୍ୟ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସରକାରଙ୍କ ନୂତନ ଶିକ୍ଷା ନୀତି ସମ୍ପର୍କରେ ସୂଚନା ଦେବା ସହ କଲେଜରେ ଏନ ସି ସି ଖୋଲିବା ନେଇ ପ୍ରତିଶୃତି ଦେଇଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟ କୂଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ମହାବିଦ୍ୟାଳୟକୁ ନାକ ଅନ୍ତର୍ଭୁକ୍ତ କରିବା ନେଇ ଅଧକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

ସଂଚାର THE SANCHAR

# ଭୁବନେଶ୍ୱର ଏମ୍ସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା



- କେନ୍ଦ୍ରୀୟ ଗବେଷଣା ପରୀକ୍ଷାଗାରର କଲେ ଉଦଘାଟନ
- ବହୁମୁଖୀ ଉପଯୋଗ ଓ ଗ୍ୟାଷ୍ଟ୍ରୋନୋମି ବ୍ଲକ ଭିତ୍ତିପ୍ରସ୍ତର ସ୍ଥାପିତ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସାର ଓ ରାସାୟନ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି। ତାଙ୍କର ଏହି ଗସ୍ତ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଗବେଷଣା ପାଇଁ ମହତ୍ୱପୂର୍ଣ୍ଣ। ରୋଗୀ ସେବା, ଗବେଷଣା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଅନୁଷ୍ଠାନର ଯାତ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ଆଉ ଏକ ଅଧ୍ୟାୟ ଯୋଡ଼ିଛି।

ଏହି ଗସ୍ତ ସମୟରେ ଶ୍ରୀ ନଡ୍ଡା ଅତ୍ୟାଧୁନିକ କେନ୍ଦ୍ରୀୟ ଗବେଷଣା ପରୀକ୍ଷାଗାରକୁ ଉଦଘାଟନ କରିଥିଲେ, ଯାହା ଅତ୍ୟାଧୁନିକ ଚିକିତ୍ସା ଗବେଷଣାକୁ ଆଗକୁ ବଢ଼ାଇବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହି ସୁବିଧା ଡାକ୍ତର, ଗବେଷକ ଏବଂ ଗବେଷକମାନଙ୍କୁ ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ସମାଧାନ ବିକଶିତ କରିବା ଏବଂ ଏମ୍ସ ଭୁବନେଶ୍ୱରକୁ ଦେଶର ପ୍ରମୁଖ ଚିକିତ୍ସା ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ କହିଛନ୍ତି, ଏହି ନୂତନ ଗବେଷଣା ସୁବିଧା ବିଶେଷ କରି ପୂର୍ବାଞ୍ଚଳରେ ବୈଜ୍ଞାନିକ ଆବିଷ୍କାର ଓ ପ୍ରୟୋଗାତ୍ମକ ଗବେଷଣା ଦିଗରେ ଏକ ଉତପ୍ରେରକ ହେବ। ଏହା ଅଗ୍ରଣୀ ଚିକିତ୍ସା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପରିଣାମ ନିମନ୍ତେ ମାର୍ଗ ପ୍ରଶସ୍ତ କରିବ। କେନ୍ଦ୍ର ସ୍ୱାସ୍ଥ୍ୟ ଶ୍ରୀ ନଡ୍ଡା ଏହି ଅବସରରେ ଏକ ବହୁମୁଖୀ ଉପଯୋଗ ଓ ଗ୍ୟାଷ୍ଟ୍ରୋନୋମି ବ୍ଲକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବ। ଏହି ବ୍ଲକ ଗୋଟିଏ ଛାତ ତଳେ ଅତ୍ୟାବଶ୍ୟକ ସୁବିଧା ପ୍ରଦାନ କରିବ, ଯାହା କ୍ୟାମ୍ପସ ମଧ୍ୟରେ ଉଭୟ ପରିଚାଳନା ଦକ୍ଷତା ଓ ଗୋଷ୍ଠୀ ଯୋଗଦାନକୁ ବୃଦ୍ଧି କରିବ।

ସ୍ୱାସ୍ଥ୍ୟସେବାର ଡିଜିଟାଲ ରୂପାନ୍ତରଣକୁ ଆଗକୁ ବଢ଼ାଇ କେନ୍ଦ୍ର ମନ୍ତ୍ରୀ ନବୀକରଣ ହୋଇଥିବା ଏମ୍ସ ଭୁବନେଶ୍ୱର ୱେବସାଇଟ୍‌ର ଶୁଭାରମ୍ଭ କରିଥିଲେ। ଏହି ୱେବସାଇଟ୍ ରୋଗୀ ଓ ପରିଦର୍ଶକମାନଙ୍କ ପାଇଁ ବ୍ୟବହାରକାରୀ-ଅନୁକୂଳ ବୈଶିଷ୍ଟ୍ୟ ଏବଂ ସମନ୍ୱିତ ସେବା ପ୍ରଦାନର ସୁବିଧା ରହିଛି। ଏଥିରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଗର୍ବର ସହ ପ୍ରଦର୍ଶିତ କରାଯାଇଥିବା ବେଳେ ଅନୁଷ୍ଠାନର ସ୍ୱାସ୍ଥ୍ୟସେବା ସୁବିଧାର ପ୍ରବେଶକୁ ଉନ୍ନତ କରିଛି। ଏହି ବ୍ୟାପକ ଗସ୍ତର ଅଂଶବିଶେଷ ସ୍ୱରୂପ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ଏବଂ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟର ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ମନ୍ତ୍ରୀ ଇଏଚଏସ କ୍ଲିନିକ୍ ଓ ଅମୃତ ଫାର୍ମାସିର ମଧ୍ୟ ଉଦଘାଟନ କରିଥିଲେ।

ଶ୍ରୀ ନଡ୍ଡାଙ୍କ ଗସ୍ତର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଏମ୍ସ ଭୁବନେଶ୍ୱରର ବର୍ଣ୍ଣ ସେଣ୍ଟର ପରିଦର୍ଶନ। ପୋଡ଼ି ହୋଇ ଗୁରୁତର ହେଉଥିବା ରୋଗୀଙ୍କ ପାଇଁ ପୂର୍ବ ଭାରତରେ ଏହା ଏକ ସ୍ୱତନ୍ତ୍ର ସୁବିଧା ଯାହା ଜଟିଳ ଚିକିତ୍ସା କ୍ଷେତ୍ରରେ ପାର୍ଥକ୍ୟ ଆଣିପାରିଛି। ସେ ମଧ୍ୟ ବହିର୍ବିଭାଗରେ ସ୍ୱଚ୍ଛତା ପ୍ରଦର୍ଶନୀ, ସମନ୍ୱିତ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଲିନିକ, ରିମାଟୋଲୋଜି ଓ ଜେରିଆଟ୍ରିକ କ୍ଲିନିକ, ନବଜାତ ଜଟିଳ ଚିକିତ୍ସା ୟୁନିଟ୍ (ଏନଆଇସିୟୁ) ଆଦି ସ୍ଥାନ ପରିଦର୍ଶନ କରିଥିଲେ। ଏଥିସହ ସବୁଜ ଓ ସୁସ୍ଥ ଭବିଷ୍ୟତ ପାଇଁ ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ ସ୍ମୃତି ଉପବନଠାରେ କେନ୍ଦ୍ର ମନ୍ତ୍ରୀ ଚାରା ରୋପଣ କରିଥିଲେ। ଏହି ଗସ୍ତ ଶେଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ନଡ୍ଡା ବର୍ତ୍ତମାନ ଚାଲିଥିବା ବିକାଶମୂଳକ ପ୍ରକଳ୍ପର ମୂଲ୍ୟାଙ୍କନ କରିବା ସହ ଡାକ୍ତରୀ ଛାତ୍ର, ପରିମଳ କର୍ମଚାରୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ସିଧାସଳଖ କଥାବାର୍ତ୍ତା କରିଥିଲେ।

## ସହିଦନଗରରେ କଲର ପ୍ଲସ୍ ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଉଦ୍ଘାଟିତ



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ସର୍ବାଧିକ ଲୋକପ୍ରିୟ ମେନସ୍ ଗାରମେଣ୍ଟ୍ କଲର ପ୍ଲସ୍ ତରଫରୁ ଓଡିଶାର ପ୍ରଥମ ଏକ୍ସକ୍ଲୁସିଭ୍ ଷ୍ଟୋର ସହିଦନଗର ସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଉଦ୍ଘାଟିତ ହୋଇଯାଇଛି। ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଏକ୍ସକ୍ଲୁସିଭ୍ ଶୋ'ରୁମ୍ କୁ ଉଦଘାଟନ କରିଥିଲେ। କମ୍ପାନୀ ତରଫରୁ ଗ୍ରାହକଙ୍କ ଆକୃଷ୍ଟ କରିବା ପ୍ରତି ୫ ହଜାର ଟଙ୍କାର କିଣାକିଣି ଉପରେ ନଗଦ ୧ ହଜାର ଟଙ୍କାର ରିହାତି ପ୍ରଦାନ କରାଯିବ ବୋଲି କମ୍ପାନୀ ତରଫରୁ ସୂଚନା ଦିଆଯାଇଛି। ଏଠାରେ ପୁରୁଷଙ୍କ ପାଇଁ ଫର୍ମାଲ୍ କାଜୁଆଲ୍ ଗାରମେଣ୍ଟସ ସହିତ ବେଲ୍ଟ, ରୁମାଲ ଓ ବିଭିନ୍ନ ଆସେସରିଜ ମଧ୍ୟ ଗୋଟିଏ ଛାତ ତଳେ ପାଇ ପାରିବେ ବୋଲି କମ୍ପାନୀ ତରଫରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା

## ୧୮ ପର୍ଯ୍ୟନ୍ତ ପ୍ରଭାବ, ୫° କମିଲା ତାପମାତ୍ରା



ଭୁବନେଶ୍ୱର,୧୨।୪ (ସଂଚାର ବ୍ୟୁରୋ): କାଳବୈଶାଖୀ ପ୍ରଭାବରେ ବର୍ଷା ଆଣିଛି ତାତିରୁ ଆଶ୍ୱସ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ହ୍ରାସ ପାଇଛି ଦିନ ତାପମାତ୍ରା। ଆଜି ଭୁବନେଶ୍ୱରରେ ମଧ୍ୟ କାଳ ବୈଶାଖୀ ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ଏହାର ପ୍ରଭାବ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆଜି ରାଜ୍ୟର ଅଧିକାଂଶ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବାରୁ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ଆଗାମୀ ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନର ତାପମାତ୍ରା ୨ରୁ ୩ ଡିଗ୍ରୀ କମିବା ନେଇ ମଧ୍ୟ ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୨୪ ଘଣ୍ଟାରେ ଉତ୍ତର-ଉପକୂଳ ଓଡ଼ିଶାର ୭ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାମାନଙ୍କର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୪୦ରୁ ୫୦କିମି ବେଗରେ ପବନ ପାଇଁ ୪ ଜିଲ୍ଲା ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦କିମି ବେଗରେ ପବନ ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର। ଆସନ୍ତାକାଲି ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ରଥଯାତ୍ରା ପୂର୍ବରୁ ସରିବ ରତ୍ନଭଣ୍ଡାର ମରାମତି କାମ



ପୁରୀ,୧୨।୪ (ସଂଚାର ବ୍ୟୁରୋ): ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟ ସରିଛି। ସେହିପରି ବାହାର ରତ୍ନଭଣ୍ଡାର ମରାମତି କାମ ବି ପ୍ରାୟ ସରିବା ଉପରେ। ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରା ପୂର୍ବରୁ ଏଏସଆଇ ରତ୍ନଭଣ୍ଡାର ମରାମତି କାମ ଶେଷ କରିବ ବୋଲି ଆଶା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ସବୁ କାମ ଶୀଘ୍ର ସରିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏଏସଆଇ ଅଧିକାରୀଙ୍କ ସହ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଭିତର ରତ୍ନ ଭଣ୍ଡାର ମରାମତି କାମ ପ୍ରାୟ ସରିଆସିଲାଣି। କେବଳ ଚଟାଣ ନବୀକରଣ ବାକି ରହିଛି। ଭିତର ଚାମ୍ବର ଭିତରେ ପାଞ୍ଚଟି SS ବକ୍ସ ବିମର ସଠିକ୍ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହୋଇଛି। ବାହାର ରତ୍ନଭଣ୍ଡାରର କାମ ମଧ୍ୟ ସରିଆସିଲାଣି। ଏହି କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପୂର୍ଣ୍ଣ ସହଯୋଗ ଯୋଗାଉଛି। ଆଗାମୀ ରଥଯାତ୍ରା ପୂର୍ବରୁ ସମସ୍ତ କାମ ସଫଳତାର ସହ ସରିବ ବୋଲି ଆଶା ରହିଥିବା ଶ୍ରୀମନ୍ଦିର ପ୍ରଶାସକ ଟ୍ୱିଟ କରି କହିଛନ୍ତି।

## ଅଭାବନୀୟ: ଚୁଟିକଟାକୁ ଅପସନ୍ଦ କରି ହଣା ଖାଇଲା ବାପା



ବାଲେଶ୍ୱର,୧୨।୪(ସଂଚାର ବ୍ୟୁରୋ): ମାମୁଲି ଚୁଟି କଟାକୁ ନେଇ ଜନ୍ମଦାତା ବାପାକୁ ହାଣିବାକୁ ପଛାଇଲାନି ପୁଅ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ସଦର ଥାନା ବେଲବାରିଆ ଗାଁରେ ଘଟିଛି। ଆଜି ସକାଳୁ ଗାଁର କେଶବ ମହାନ୍ତିଙ୍କ ମାଟ୍ରିକ ପଢୁଆ ପୁଅ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, କେଶବଙ୍କ ନାବାଳକ ପୁଅ ଆଜି ଚୁଟି କାଟି ଫେରିଥିଲା। ତେବେ ଆଧୁନିକ ଚୁଟି କଟାକୁ ନେଇ ବାପାଙ୍କ ସହ ତା'ର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପୁଅ ରାଗରେ କେଶବଙ୍କୁ ଆକ୍ରମଣ କରିବା ସହ କଟୁରୀରେ ହାଣି ଲହୁଲୁହାଣ କରିଦେଇଛି। ପୁଅର କଟୁରୀ ଚୋଟରେ ଗୁରୁତର ଆହତ ହୋଇଥିବା କେଶବଙ୍କୁ ପ୍ରଥମେ ବାଲେଶ୍ୱର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠରେ ଅବସ୍ଥା ଗୁରୁତର ହେବାରୁ ପରେ କେଶବଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ ପୁଲିସ୍‌ରେ କୌଣସି ଅଭିଯୋଗ ହୋଇନଥିଲେ ହେଁ ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

## ୧୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୧ ଗିରଫ



ନୀଳଗିରି,୧୨।୪(ସଂଚାର ବ୍ୟୁରୋ): ବାଲେଶ୍ୱର ଅରଡ଼ ବଜାର ଅଞ୍ଚଳରୁ ୧୭୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହ ଏହି ମାମଲାରେ ଜଣେ ଗିରଫ ମଧ୍ୟ ହୋଇଛି। ଅରଡ଼ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିବା ବେଳେ ପୁଲିସ ଶେଖ କୁର୍ବାନ ନାମକ ଯୁବକକୁ ଗିରଫ କରିଛି। ଏଥିସହ ତା' ନିକଟରୁ ୩୦ ହଜାରରୁ ଅଧିକ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ପୂର୍ବରୁ ଶେଖ କୁର୍ବାନ ନାଁରେ ବିଭିନ୍ନ ଥାନାରେ ୧୨ଟି ମାମଲା ରହିଛି। ଶୁକ୍ରବାର ଉକ୍ତ ଅଞ୍ଚଳର ଶେଖ୍ କୁର୍ବାନ୍ ଅରଡ଼ ବଜାର ଅଞ୍ଚଳରେ ବ୍ରାଉନସୁଗର ବେପାର କରୁଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ସହେଦେବଖୁଣ୍ଟା ଥାନା ପୁଲିସ ଚଢ଼ାଉ କରିଥିଲା। ଏହି ମାମଲାରେ ପୁଲିସ୍ ଶେଖ୍ କୁର୍ବାନ୍‌କୁ ଗିରଫ କରିବା ସହ ତା' ନିକଟରୁ ୩୦ ହଜାର ୬୦୦ ଟଙ୍କା ଜବତ କରିଥିଲା। ଆଗାମୀ ଦିନରେ କିଭଳି ଭାବେ ବ୍ରାଉନସୁଗର ବେପାରୀଙ୍କ ଉପରେ କଡ଼ା ନଜର ରଖାଯିବ ଓ ବାଲେଶ୍ୱର ସହରକୁ ବ୍ରାଉନ୍‌ସୁଗର୍‌ମୁକ୍ତ କରାଯିବ, ସେନେଇ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

## ଝାରସୁଗୁଡ଼ାରେ ୨ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

ଝାରସୁଗୁଡ଼ା,୧୨।୪ (ସଂଚାର ବ୍ୟୁରୋ) : ଝାରସୁଗୁଡ଼ାରେ ୨ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର ହୋଇଛି। ଏହି ଦୁଇ ଅଭିଯୁକ୍ତ ହେଲେ ଶେଖ୍ ଆସିଫ୍ ଏବଂ ଅଭିଷେକ ବାରିକ୍। ଉଭୟଙ୍କୁ ବେଲପାହାଡ଼- ଝାରସୁଗୁଡ଼ା ରାସ୍ତାରେ ଏନ୍‌କାଉଣ୍ଟର କରାଯାଇଥିବା ସୂଚନା ମିଳିଛି। ଏନେ ସୂଚନା ଦେଇଛନ୍ତ ଉତ୍ତରାଞ୍ଚଳ ଆଇଜି ଏବଂ ଝାରସୁଗୁଡ଼ା ଏସ୍‌ପି। ସୂଚନାଯୋଗ୍ୟ, ଏକ ନାବାଳିକା ବଳାତ୍କାର ମାମଲାରେ ଫେରାର ଥିଲେ ଶେଖ୍ ଆସିଫ୍।। ପୋଲିସ ଧରିବାକୁ ଯାଇଥିବା ବେଳେ ଆକ୍ରମଣ କରିଥିଲା। ପୂର୍ବରୁ ଆସିଫଙ୍କ ନାଁରେ ୨ଟି ମାମଲା ରହିଛି। ବଳାତ୍କାର ମାମଲାରେ ଆସିଫଙ୍କ ସହଯୋଗୀ ଏବେ ବି ଫେରାର ରହିଥିବା ପୋଲିସ କହିଛି।

## ଭିଜିଲାନ୍ସ କୋର୍ଟରେ ପୂର୍ବତନ ସିଡିପିଓ

ଭବାନୀପାଟଣା,୧୨।୪ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲା ସିନାପାଲି ବ୍ଲକର ପୂର୍ବତନ ସିଡିପିଓ ବିଜୟା ଲକ୍ଷ୍ମୀ ମାରାଣ୍ଡି ଶୁକ୍ରବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଏହି ମାମଲାରେ ପୂର୍ବତନ ସିଡିପିଓ ମାରାଣ୍ଡିଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ହଜାର ଟଙ୍କାର ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ,ଗତ ୨୬।୯।୨୦୧୩ରେ ସିନାପାଲି ବ୍ଲକ ମାଣ୍ଡିଆରୁଚା ଗ୍ରାମର ସ୍ଥାନୀୟ ଏସ୍‌ଏଚ୍‌ଜି ସଭାପତି ଦ୍ରୌପଦୀ ସାହୁଙ୍କ୍‌ଠାରୁ ଅଙ୍ଗନୱାଡିକୁ ଯୋଗାଣ ହେଉଥିବା ଛତୁଆ ବିଲ୍ ପାସ କରିଦେବା ପାଇଁ ସମ୍ପୃକ୍ତା ସିଡିପିଓ ମାରାଣ୍ଡି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କଳାହାଣ୍ଡି ଓ ନୂଆପଡ଼ା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ିବସିଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ସୁଧୀର କୁମାର ପଣ୍ଡା, ଏପିପି ସରୂପ ରଞ୍ଜନ ରଥ ପରିଚାଳନା କରିଥିଲେ। ବର୍ତ୍ତମାନ ସମ୍ପୃକ୍ତା ସିଡିପିଓ ମାରାଣ୍ଡି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ କାର୍ଯ୍ୟରତ ରହିଥିବା ଜଣାପଡ଼ିଛି।

## କୋଇଲା ମାଲବାହୀ ଟ୍ରେନରେ ଲାଗିଲା ନିଆଁ



ବାଲୁଗାଁ,୧୨।୪ (ସଂଚାର ବ୍ୟୁରୋ) : ଟ୍ରେନରେ ଲାଗିଲା ନିଆଁ। ଖୋର୍ଦ୍ଧା ବାଲୁଗାଁ ରେଳଷ୍ଟେସନ ୪ ନମ୍ବର ପ୍ଲାଟଫର୍ମରେ ମାଲବାହୀ କୋଇଲା ଟ୍ରେନରେ ନିଆଁ। ବିଶାଖାପାଟଣାରୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ଗୋଟିଏ ବଗିରେ ନିଆଁ ଲାଗି ଧୂଆଁ ବାହାରିଥିଲା। ଚିଲିକା ଷ୍ଟେସନରୁ ଖବର ପାଇ ବାଲୁଗାଁ ୪ ନମ୍ବର ପ୍ଲାଟଫର୍ମରେ ଟ୍ରେନଟି ଅଟକି ଥିଲା। ବାଲୁଗାଁ ଅଗ୍ନିଶମ ବାହିନୀ ସହାୟତାରେ ନିଆଁ ଲିଭା ଯାଇଛି। ମାଲବାହୀ ଟ୍ରେନର ଗୋଟିଏ ବଗିରେ ନିଆଁ ଏହି ନିଆଁ ଲାଗିଥିବା ସୂଚନା ମିଳିଛି। ଅତ୍ୟଧିକ ଖରା ଯୋଗୁ କୋଇଲାକୁ କୋଇଲା ଘସି ହୋଇ ନିଆଁ ଲାଗିଥିବା ଅନୁମାନ।

ପୁତୁରାର ଟାଙ୍ଗିଆ ଚୋଟରେ ଦାଦା ମୃତ

## କଟାମୁଣ୍ଡ ଧରି ଫାଣ୍ଡିରେ ଆତ୍ମସମର୍ପଣ

କେନ୍ଦୁଝର,୧୨।୪ (ସଂଚାର ବ୍ୟୁରୋ) : ଦାଦାର କଟାମୁଣ୍ଡ ଧରି ଫାଣ୍ଡିରେ ପୁତୁରାର ଆତ୍ମସମର୍ପଣ। କେନ୍ଦୁଝର ଜିଲ୍ଲା ସଦର ଥାନା ତଳକଇଁସାରି ଗାଁରେ ବୀଭତ୍ସ ହତ୍ୟାକାଣ୍ଡ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ପୁତୁରାର ଟାଙ୍ଗିଆ ଚୋଟରେ କକା ମୃତ। ଜମି ବାଡ଼ି ବିବାଦ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ଧରି କଳହ ଲାଗିରହିଥିଲା। ଆଜି ସକାଳେ ପୁଣି ଜମିବାଡ଼ି ବିବାଦ ନେଇ କକା ଓ ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ କକାକୁ ଅଭିଯୁକ୍ତ ପୁତୁରା କବି ଦେହୁରୀ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ଏହାପରେ କଟା ମୁଣ୍ଡ ନେଇ ଶୁଆକାଟି ଫାଣ୍ଡିରେ ଆତ୍ମସମର୍ପଣ କରିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

## ଏମ୍‌ଆଇପି ଓ ଚେକ୍ ଡ୍ୟାମ୍ ନିର୍ମାଣ ନେଇ ଆଲୋଚନା



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଜଳ ସଂରକ୍ଷଣ ଓ ପରିଚାଳନାକୁ ପ୍ରାଥମିକତା ଦେବା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। କେନାଲର ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ପାଖରେ ଯେପରି ପାଣି ପହଞ୍ଚିବ ସେଥିପାଇଁ ପ୍ରୟାସ ଜାରି ରହିଛି। ବୃହତ୍, କ୍ଷୁଦ୍ର, ମଧ୍ୟମ, ଉଠା ଜଳ ସେଚନ, ମେଗା ଲିଫ୍ଟ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ଜଳ ସେଚନ ଓ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରାଜ୍ୟର ସେଚ ସାମର୍ଥ୍ୟ ବୃଦ୍ଧିରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ(ଏମଆଇପି) ଗୁଡ଼ିକର ଉଲ୍ଲେଖନୀୟ ଯୋଗଦାନ ରହିଛି। ଆଗାମୀ ଦିନରେ ଅଧିକରୁ ଅଧିକ ଏମଆଇପି ଏବଂ ଚେକ୍ ଡ୍ୟାମ୍ ଜରିଆରେ ରାଜ୍ୟର ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି।

ଜଳସମ୍ପଦ ବିଭାଗରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଚେକ୍ ଡ୍ୟାମ୍ ନିର୍ମାଣ ମାଧ୍ୟମରେ ରାଜ୍ୟରେ ସେଚ ସାମର୍ଥ୍ୟ ବୃଦ୍ଧି ସମ୍ପର୍କିତ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପୂର୍ବକ ରାଜ୍ୟରେ ଜଳସେଚନ କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କ୍ଷମତା ସୃଷ୍ଟି କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବଜେଟ୍ ଅଭିଭାଷଣରେ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନ ନିର୍ଦ୍ଦିଷ୍ଟ ସମ୍ଭାବ୍ୟତା ଆଧାରରେ ଆଗାମୀ ୫ ବର୍ଷ ମଧ୍ୟରେ ୮୦ଟି ନୂତନ ଏମ୍‌ଆଇପି ଏବଂ ୩ ହଜାର ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ରୋଡ୍ ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଜ୍ୟରେ ଯେଉଁ ଯେଉଁ ସ୍ଥାନରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ସୁବିଧା ସୁଯୋଗ ରହିଛି, ବିଶେଷ କରି ସେସବୁ ଅଞ୍ଚଳରେ ଜଳର ଉପଲବ୍ଧତା, ମାଟିର ପ୍ରକାର, ଫସଲ ଢାଞ୍ଚା ଓ ସାମୂହିକ ଆବଶ୍ୟକତା ସମେତ ଅଞ୍ଚଳର ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡ଼ିକର ଆକଳନ, ଅନ୍ୟ ଜଳସେଚନ ପଦ୍ଧତି ସହିତ କ୍ଷୁଦ୍ର ଜଳସେଚନ ପଦ୍ଧତିକୁ ସମନ୍ୱିତ କରିବା ଏବଂ ଦକ୍ଷ ଜଳ ପରିଚାଳନା ପାଇଁ ଜ୍ଞାନକୌଶଳର ଉପଯୋଗ କରିବାର ସମ୍ଭାବନା ଭଳି ବିଷୟ ଉପରେ ଧ୍ୟାନ ଦିଆଯାଇ ଏମଆଇ ପ୍ରକଳ୍ପ ଏବଂ ଚେକ୍ ଡ୍ୟାମ ନିର୍ମାଣ କରାଯିବା ନେଇ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇଥିଲେ।

● ଦିନକ ପରେ ପଣା ସଂକ୍ରାନ୍ତି

## କଟକରେ କଟକଣା ; ଗାଇଡ୍‌ଲାଇନ୍ ଜାରି

କଟକ,୧୨।୪(ସଂଚାର ବ୍ୟୁରୋ): ସୋମବାର ପଣା ସଂକ୍ରାନ୍ତି ପାଳିତ ହେବାକୁ ଥିବା ବେଳେ ଏଥିସକାଶେ କଟକରେ କଟକଣା ଜାରି କରାଯାଇଛି। ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ କମିଶନରେଟ ପୁଲିସ ପକ୍ଷରୁ ଆଜି ଗାଇଡଲାଇନ ଜାରି ହୋଇଛି। ଏହି ଗାଇଡ୍‌ଲାଇନ୍ ଅନୁସାରେ ଉକ୍ତ ଦିନ ସହରର ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିର ଆଖପାଖ ଅଞ୍ଚଳରେ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ସେହିପରି ନିଶାଦ୍ରବ୍ୟ ସେବନ କରି ରାସ୍ତାଘାଟରେ କୌଣସି ପ୍ରକାର ଗଣ୍ଡଗୋଳ ନ କରିବା ସକାଶେ କଟକ ଡିସିପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଉକ୍ତ ଦିନ ସମସ୍ତ ଥାନାର କର୍ମଚାରୀମାନେ ସଜାଗ ରହିବାକୁ ମଧ୍ୟ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଶୋଭାଯାତ୍ରା ରୁଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଘରର ବରିଷ୍ଠ ସଦସ୍ୟ ବା ମୁରବୀମାନେ ନିଜ ପିଲାମାନଙ୍କୁ ଶୃଙ୍ଖଳିତ ଆଚରଣ କରି ସଂଯମତାର ସହ ପର୍ବ ପାଳନ ନିମନ୍ତେ ପରାମର୍ଶ ଦେବା ସକାଶେ ଡିସିପି ନିବେଦନ କରିଛନ୍ତି। ସହରର ଆଇନଶୃଙ୍ଖଳା ପାଇଁ ଉକ୍ତ ଦିନ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଡିସିପି କହିଛନ୍ତି।

## ଅବକାରୀ ଗାଡ଼ିକୁ ଗୁଳିମାଡ଼, ବର୍ତ୍ତିଲେ କର୍ମଚାରୀ

ସୁନ୍ଦରଗଡ଼,୧୨।୪(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଲେଫ୍ରିପଡ଼ା ଥାନା ଅଞ୍ଚଳରେ ଅବକାରୀ ବିଭାଗ ଗାଡ଼ି ଉପରକୁ ଗୁଳି ମାଡ଼ ହୋଇଛି। ଗୋରୁ ଚାଲାଣ କରୁଥିବା କେତେକ ଦୁର୍ବୃତ୍ତ ଅବକାରୀ ଟିମ୍ ଉପରକୁ ଏହି ଗୁଳି ମାଡ଼ କରିଛନ୍ତି। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ୨ ଜଣ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ଏଥିସହ ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ମିଳିଥିବା ସୂଚନାନୁସାରେ, ହେମଗିର ଅଞ୍ଚଳରୁ ମଦ ଆସୁଥିବା ସନ୍ଦେହରେ ଏକ ପିକଅପ୍ ଭ୍ୟାନକୁ ଅବକାରୀ ବିଭାଗ କର୍ମଚାରୀମାନେ ପିଛା କରିଥିଲେ। ତେବେ ଏହି ସମୟରେ ଅବକାରୀ କର୍ମଚାରୀଙ୍କ ଉପରକୁ ଦୁର୍ବୃତ୍ତମାନେ ଗୁଳି ମାଡ଼ କରି ଖସିଯିବା ସକାଶେ ଉଦ୍ୟମ କରିଥିଲେ। ଅବକାରୀ ବିଭାଗ ଗାଡ଼ିରେ ଗୁଳି ବାଜିଥିଲେ ହେଁ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ରୋକିବା ପରେ ସେଥିରେ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପିକଅପ୍ ଭ୍ୟାନରେ ଥିବା ୫ ଗୋରୁଙ୍କୁ ଅବକାରୀ ବିଭାଗର କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ପିକଅପ୍ ଭ୍ୟାନକୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ଜଣକୁ ଗିରଫ କରାଯାଇଛି। ଦୁର୍ବୃତ୍ତମାନେ ୩ ରାଉଣ୍ଡ ଗୁଳିଚାଳନା କରିଥିବା ବେଳେ ଅବକାରୀ ବିଭାଗର କର୍ମଚାରୀ ଏଥିରୁ ବର୍ତ୍ତିଯାଇଥିଲେ।

# ଗୋଷ୍ଠୀସ୍ତରୀୟ ସଂଘ ପଞ୍ଜିକରଣ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ିବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଥିବା ବେଳେ ୨୦୧୨-୧୩ରୁ ସରକାର ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଓଡ଼ିଶାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ବିଭିନ୍ନ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ଯଥା ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ (ସିଏଲ୍‌ଏଫ୍) ଓ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘ (ଜିପିଏଲ୍‌ଏଫ୍)ମାନ ଗଠିତ ହୋଇ ଦୁର୍ବଳ ଶ୍ରେଣୀର ମହିଳାଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଏହିସବୁ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ମଧ୍ୟରୁ ଜିପିଏଲ୍‌ଏଫ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସଂଘ ମାଧ୍ୟମରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସେମାନଙ୍କ ବ୍ୟବସାୟ ପାଇଁ ବିଭିନ୍ନ ପ୍ରକାର ପାଣ୍ଠି ଯୋଗାଇ ଦିଆଯାଇଥାଏ। ଏହାଛଡ଼ା କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାରିଶ୍ରମିକ ଓ ଗୋଷ୍ଠୀର ସଦସ୍ୟାମାନଙ୍କର ବିଭିନ୍ନ ପ୍ରଶିକ୍ଷଣ ବାବଦକୁ ମଧ୍ୟ ପ୍ରତିବର୍ଷ ପାଣ୍ଠି ପ୍ରଦାନ କରାଯାଇଆସୁଛି। ଏ ସମସ୍ତ ଅର୍ଥରାଶିର ସୁପରିଚାଳନା ପାଇଁ ସଂଘର ସଭାପତି ଓ ସମ୍ପାଦକ ଉତ୍ତରଦାୟୀ ରହିଥାନ୍ତି। ସେଥିପାଇଁ ଏହି ସଂଘଗୁଡିକ ଉପଯୁକ୍ତ ନିୟମ ଆଧାରରେ ପଞ୍ଜିକୃତ ହେବା ଜରୁରୀ। ଏହି ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବ୍ଲକସ୍ତରୀୟ ମହାସଂଘ (ବିଏଲ୍‌ଏଫ୍), ଜିଲ୍ଲାସ୍ତରୀୟ ମହାସଂଘ (ଡିଏଲ୍‌ଏଫ୍) ଏବଂ ଅଞ୍ଚଳ ସ୍ତରୀୟ ମହାସଂଘ (ଏଏଲ୍‌ଏଫ୍) ପରି ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଦ୍ୟାବଧି ପଞ୍ଜିକୃତ ହୋଇନାହାନ୍ତି। ଫଳସ୍ୱରୂପ ସେମାନଙ୍କ କ୍ଷେତ୍ରରେ ଆର୍ଥିକ ଅନିୟମିତତା ସାମ୍ନାକୁ ଆସୁଛି। ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ ସମ୍ଭବପର ହୋଇପାରନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏଦିଗରେ ସ୍ୱତନ୍ତ୍ର ଆଇନ୍ କାର୍ଯ୍ୟକାରୀ କରିବା ସକାଶେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମିଶନ ଶକ୍ତି ବିଭାଗକୁ ଏହି ଅନୁଷ୍ଠାନଗୁଡ଼ିକର ଆନୁଷ୍ଠାନିକ ପଞ୍ଜିକରଣ ଆରମ୍ଭ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଗୋଷ୍ଠୀ ସଂଘ ସଂରଚନାର ପ୍ରତ୍ୟେକ ସ୍ତରକୁ ଆଇନଗତ ଭାବେ ସ୍ୱୀକୃତ ଓ ଉତ୍ତରଦାୟୀ ଢାଞ୍ଚା ଅଧୀନକୁ ଅଣାଯାଇପାରିବ।

### ମିଶନ୍ ଶକ୍ତି ଟିମ୍‌ର ୩ ରାଜ୍ୟ ଆଇନ ଅଧ୍ୟୟନ

ରାଜ୍ୟରେ ଗୋଷ୍ଠୀସ୍ତରୀୟ ସଂଘମାନଙ୍କ ପଞ୍ଜିକରଣ ପାଇଁ ଉପଯୁକ୍ତ ଆଇନ ସୁପାରିସ କରିବା ପାଇଁ ଆସାମ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ଭଳି ରାଜ୍ୟର ଗୋଷ୍ଠୀଭିତ୍ତିକ ସଂଘଗୁଡ଼ିକର ପଞ୍ଜିକରଣ ବ୍ୟବସ୍ଥାକୁ ଅଧ୍ୟୟନ ନିମନ୍ତେ ୩ଟି ରାଜ୍ୟସ୍ତରୀୟ ପ୍ରତିନିଧି ଦଳକୁ ପଠାଯାଇଥିଲା। ଏହି ଅଧ୍ୟୟନ ଦଳଗୁଡ଼ିକରେ ଓଡ଼ିଶା ଜୀବିକା ମିଶନର ମିଶନ ନିର୍ଦ୍ଦେଶକ, ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଓ ଓଡ଼ିଶା ଜୀବିକା ମିଶନର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରି ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ପ୍ରାପ୍ତ ସୁପାରିସ ଆଧାରରେ ବିସ୍ତୃତ ଆଲୋଚନା ପରେ ରାଜ୍ୟ ସରକାର ଖୁବଶୀଘ୍ର ରାଜ୍ୟର ସମସ୍ତ ଗୋଷ୍ଠୀସ୍ତରୀୟ ସଂଘମାନଙ୍କର ପଞ୍ଜିକରଣ ଆରମ୍ଭ କରିବେ। ପଞ୍ଜିକୃତ ହେବା ପରେ ଏହି ଅନୁଷ୍ଠାନଗୁଡ଼ିକୁ ଅଡିଟ୍ ପ୍ରକ୍ରିୟା ଅଧୀନକୁ ଅଣାଯିବ, ଯାହା ସ୍ୱଚ୍ଛତା, ଉନ୍ନତ ଜବାବଦାରୀ ଓ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଦୁର୍ବଳ ହେଲା ଡଲାର, ବଢ଼ିଲା ଦେଶର ଫରେକ୍ସ



**ନୂଆଦିଲ୍ଲୀ, ୧୨।୪:** ଏପ୍ରିଲ୍ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ଦୁନିଆର ଅନେକ ଦେଶ ଉପରେ ଯେସାକୁ ତେସା ଟାରିଫ୍ ଲାଗୁ କରିଥିଲେ। ଏହାପରେ ସାରା ଦୁନିଆର ବାଣିଜ୍ୟିକ ଯୁଦ୍ଧର ଆଶଂକା ବଢ଼ିଥିଲା। ବିଶ୍ୱ ବଜାରରେ ହାହାକାର ସୃଷ୍ଟି ହୋଇଥିଲା। ଏହାରି ଭିତରେ ଆମେରିକୀୟ ଡଲାର ମଧ ବେଶ ଦୁର୍ବଳ ହୋଇଛି। ଏହି ଅବଧିରେ ଭାରତରେ ବିଦେଶୀ ନିବେଶକଙ୍କ ଇନଫ୍ଲୋ ମଧ ବଢ଼ିଛି। ଏହି କାରଣରୁ ଏପ୍ରିଲ୍ ୪ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୧୦ ବିଲିୟନ୍ ଡଲାର ବଢ଼ିଛି। ଏହାସହ ଦେଶର ଫରେକ୍ସ ରିଜର୍ଭ ପାଞ୍ଚ ମାସର ସର୍ବୋଚ୍ଚ ସ୍ତର ୬୭୬.୨୬୮ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଶୁକ୍ରବାର ଜାରି ଡାଟା ଅନୁସାରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୧୦.୮୭୨ ବିଲିୟନ ଡଲାର ବଢ଼ିଛି। ଗତ ସପ୍ତାହରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମଜଭୁତ ହୋଇଛି। ଏହା ପୂର୍ବରୁ ମାର୍ଚ୍ଚ ୨୬ରେ ୬.୫୯ ବିଲିୟନ ଡଲାର ବୃଦ୍ଧି ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଡିସେମ୍ବର ୨୭ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ନିଜର ସର୍ବକାଳୀନ ଉଚ୍ଚ ସ୍ତର ୭୦୪.୮୮୫ ବିଲିୟନ ଡଲାରରେ ପହଞ୍ଚିଛି।

## ୫ ମାସର ସର୍ବୋଚ୍ଚ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ସାପ୍ତାହିକ ଡାଟା ଅନୁସାରେ ଆଲୋଚ୍ୟ ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ସମ୍ପତ୍ତିରେ ଅଧିକ ଅଭିବୃଦ୍ଧି ଘଟିଛି। ୨୦୨୫ ଏପ୍ରିଲ ୪ରେ ଶେଷ ସପ୍ତାହରେ ଫରେନ୍ କରେନ୍ସି ଆସେଟ୍ ୯.୦୭୪ ବିଲିୟନ ଡଲାର ବଢ଼ିଛି। ଉଲ୍ଲେଖଯୋଗ୍ୟ ଯେ ଦେଶର ମୋଟ ବିଦେଶୀ ମୁଦ୍ରା ଭଣ୍ଡାରରେ ଫରେନ୍ କରେନ୍ସି ଆସେଟ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ।

ଗତ ସପ୍ତାହରେ ଦେଶର ସ୍ୱର୍ଣ୍ଣ ଭଣ୍ଡାରରେ ମଧ ବୃଦ୍ଧି ଦେଖିବାକୁ ମିଳିଥିଲା। ରିଜର୍ଭ ବ୍ୟାଙ୍କ ଅନୁସାରେ ୨୦୨୫ ଏପ୍ରିଲ୍ ୪ରେ ଶେଷ ହୋଇଥିବା ସପ୍ତାହରେ ଗୋଲ୍ଡ ରିଜର୍ଭରେ ୧.୫୬୭ ବିଲିୟନ ଡଲାର ବଢ଼ିଛି। ଏହାସହ ଦେଶର ସୁନା ଭଣ୍ଡାର ଏବେ ବଢ଼ି ୭୯.୩୬୦ ବିଲିୟନ ଡଲାର ହୋଇଛି। ସେହି ଆଲୋଚ୍ୟ ସପ୍ତାହରେ ଏସଡିଆର ୧୮୬ ମିଲିୟନ ଡଲାର ବଢ଼ିଛି। ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠିରେ ଦେଶର ରିଜର୍ଭ ୪୬ ମିଲିୟନ ଡଲାର ବଢ଼ି ୪.୪୫୯ ବିଲିୟନ ଡଲାର ହୋଇଛି।



## ଆଜିର ସୁନା ଦର

ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫ ହଜାର ୬୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୭୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୬୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୮୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୬୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୬୭୦ ଓ ୮୭ ,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦,୦୦ ଟଙ୍କା ହୋଇଛି।

### ଥମୁନି ଜବାବ-ପ୍ରତିଜବାବ ଧାରା

## ୧୨୫%କୁ ବଢ଼ିଲା ଚୀନ୍ ଶୁଳ୍କ

**ବେଜିଂ, ୧୨।୪:** ଆମେରିକା ଓ ଚୀନ୍ ମଧରେ ଆମଦାନୀ ଶୁଳ୍କ ଯୁଦ୍ଧ ଥମିବାର ନାଁ ଧରୁନାହିଁ। ଆମେରିକା ପ୍ରଶାସନ ଚୀନ୍ ପାଇଁ ଆମଦାନୀ ଶୁଳ୍କକୁ ୧୨୫ ପ୍ରତିଶତରୁ ୧୪୫ ପ୍ରତିଶତକୁ ବଢ଼ାଇଛି। ଗତ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ୧୨୫ ପ୍ରତିଶତ ଆମଦାନୀ ଶୁଳ୍କ ଘୋଷଣା କରିବା ସମୟରେ ସେଥିରେ ଚୀନ୍ ଉପରେ ଫେଣ୍ଟାନିଲ୍ ଉତ୍ପାଦନ ପାଇଁ ଲାଗୁ ହୋଇଥିବା ୨୦ ପ୍ରତିଶତ ଶୁଳ୍କକୁ ସାମିଲ କରି ନଥିଲେ। ପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଥିଲା। ଏଥିଯୋଗୁ ଚୀନ୍ ଉପରେ ଆମେରିକାର ଶୁଳ୍କ ୧୪୫ ପ୍ରତିଶତକୁ ବଢ଼ିଥିଲା। ଏହାର ପାଲଟା ଜବାବ ଦେଇଛି ଚୀନ୍। ଚୀନ୍ ଆମେରିକା ଉପରେ ଆମଦାନୀ ଶୁଳ୍କକୁ ୮୪ ପ୍ରତିଶତରୁ ୧୨୫ ପ୍ରତିଶତକୁ ବଢ଼ାଇଛି। ଆମେରିକା ବିଶ୍ୱର ଅନ୍ୟ ଦେଶଗୁଡ଼ିକ ପାଇଁ ଲାଗୁ କରିଥିବା ବର୍ଦ୍ଧିତ ଆମଦାନୀ ଶୁଳ୍କକୁ ୯୦ ଦିନ ପାଇଁ ସ୍ଥଗିତ ରଖିଥିଲେ ମଧ ଚୀନ୍ କ୍ଷେତ୍ରରେ ଟକରା ଟକରି ଚାଲିଛି। ସେପଟେ ଚୀନ୍ ଅର୍ଥ ମନ୍ତ୍ରାଳୟର ପ୍ରବକ୍ତା ନୂଆ ଶୁଳ୍କକୁ ସମାଲୋଚନା କରିଛନ୍ତି। ବିଶ୍ୱ ଇତିହାସରେ ଏହା ଏକ ପରିହାସର ବିଷୟ ହୋଇ ରହିବ ବୋଲି ସେ କହିଛନ୍ତି। ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟ କହିଛି ତାଙ୍କ ଦେଶ ଆମେରିକାର ଶୁଳ୍କ ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଆଉ ଏକ ମାମଲା ରୁଜୁ କରିବ। ଶୁଳ୍କ ଯୁଦ୍ଧରେ କାହାରି ବିଜୟ ହୁଏ ନାହିଁ ବୋଲି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ କହିଛନ୍ତି।

## ଟାରିଫ୍ ୱାରର ସାଇଡ୍ ଇଫେକ୍ଟ, ରେକର୍ଡ ଭାଙ୍ଗୁଛି ସୁନା ଦର



**ନୂଆଦିଲ୍ଲୀ ୧୨।୪:** ତିକ୍ତ ହେବାରେ ଲାଗିଛି ଆମେରିକା ଓ ଚୀନ୍ ମଧରେ ବିବାଦ।ଆଉ ଟାରିଫ୍ ଓ୍ୱାରକୁ ନେଇ ବିଶ୍ୱରେ ବି ଉତ୍ତେଜନା ଦେଖିବାକୁ ମିଳିଛି।ଖାସ୍ କରି ସୁନା ଉପରେ ପଡିଛି ପ୍ରଭାବ।ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଶୁକ୍ରବାର ଭାରତରେ ସୁନାର ମୂଲ୍ୟ ୬,୨୫୦ ଟଙ୍କା ବୃଦ୍ଧି ପାଇଛି। ଏହା ସହିତ, ଜାତୀୟ ରାଜଧାନୀ ଦିଲ୍ଲୀରେ ୧୦ ଗ୍ରାମ ସୁନାର ମୂଲ୍ୟ ସର୍ବକାଳୀନ ସର୍ବୋଚ୍ଚ ସ୍ତର ୯୬,୪୫୦ ଟଙ୍କାରେ ପହଞ୍ଚିଛି। ନ୍ୟୁଜ୍ ଏଜେନ୍ସି ପିଟିଆଇର ରିପୋର୍ଟ ଅନୁଯାୟୀ, ଚାରି ଦିନର ହ୍ରାସ ପରେ, ୯୯.୫ ପ୍ରତିଶତ ଶୁଦ୍ଧ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୯୬,୦୦୦ ଟଙ୍କାରେ ପହଞ୍ଚିଛି।ଯେତେବେଳେ ବୁଧବାର ଏହା ୮୯,୭୫୦ ଟଙ୍କାରେ ବନ୍ଦ ହୋଇଥିଲା।ଏହା ଏପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର। ସେହିପରି, ଯଦି ଆମେ ୯୯.୯ ପ୍ରତିଶତ ଶୁଦ୍ଧ ସୁନା ବିଷୟରେ କଥା ହେବା, ତେବେ ଏହାର ମୂଲ୍ୟ ମଧ ବୃଦ୍ଧି ପାଇଛି। ଆଜି ଏହାର ମୂଲ୍ୟ ପୂର୍ବ ଦିନର ୯୦,୨୦୦ ଟଙ୍କା ତୁଳନାରେ ୯୬,୪୫୦ଟଙ୍କାରେ ବନ୍ଦ ହୋଇଛି। ସୁନା ସହିତ ରୂପାର ମୂଲ୍ୟ ମଧ ବୃଦ୍ଧି ପାଇଛି। ୨,୩୦୦ ଟଙ୍କା ବୃଦ୍ଧି ପାଇ ଏହା କିଲୋଗ୍ରାମ ପିଛା ୯୫,୫୦୦ ଟଙ୍କାରେ ପହଞ୍ଚିଛି, ଯେତେବେଳେ ପୂର୍ବରୁ ଏହା ୯୩,୨୦୦ ଟଙ୍କାରେ ବନ୍ଦ ହୋଇଥିଲା। ଏହା ବିଶ୍ୱ ବଜାରରେ ସୁନାର ଚାହିଦା ବୃଦ୍ଧିକୁ ପ୍ରତିଫଳିତ କରେ। କହିରଖୁଛୁ ଯେ ମହାବୀର ଜୟନ୍ତୀ ଅବସରରେ, ଗୁରୁବାର ଘରୋଇ ସୁନା ବଜାର ବନ୍ଦ ରହିଥିଲା।

ଏମସିଏକ୍ସରେ ଫ୍ୟୁଚର୍ସ ଟ୍ରେଡିଂରେ, ଜୁନ୍ ଡେଲିଭରି ପାଇଁ ସୁନା କଣ୍ଟ୍ରାକ୍ଟ ମୂଲ୍ୟ ୧,୭୦୩ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୩,୭୩୬ ଟଙ୍କାରେ ପହଞ୍ଚିଛି।ଅନ୍ତର୍ଜାତୀୟ ସ୍ତରରେ, ସ୍ପଟ୍ ସୁନା ଆଉନ୍ସ ପ୍ରତି $୩,୨୩୭.୩୯ ସ୍ତରକୁ ଛୁଇଁଛି। ଏସୀୟ ବଜାରରେ ମଧ ସୁନାର ମୂଲ୍ୟରେ ବୃଦ୍ଧି ଘଟିଥିଲା। ଏସୀୟ ବଜାରରେ, କମେକ୍ସ ସୁନା ଫ୍ୟୁଚର୍ସ ଆଉନ୍ସ ପ୍ରତି $୩,୨୪୯.୧୬ର ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି। ଏହା ସୁରକ୍ଷିତ ନିବେଶ ସନ୍ଧାନରେ ସୁନାର ଚାହିଦା ବୃଦ୍ଧି ପାଉଥିବାର ଏକ ସୂଚନା।



## ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## କୋଭିଡ୍ ପରବର୍ତ୍ତୀ ଅର୍ଥନୈତିକ ସୁଧାର: ସବୁଠୁ ଆଗରେ ଓଡ଼ିଶା



**ଭୁବନେଶ୍ୱର, ୧୨।୪:** ଦେଶରେ ୨୦୨୦ରେ କୋଭିଡ୍ ମହାମାରୀ ବ୍ୟାପିବା ପରେ ଅର୍ଥନୈତିକ କାର୍ଯ୍ୟକଳାପ ଗୁରୁତର ପ୍ରଭାବିତ ହୋଇଥିଲା। ବର୍ଷକ ପରେ କୋଭିଡ୍‌ର ଦ୍ୱିତୀୟ ଲହର ସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଥିଲା। ମହାମାରୀ ପରବର୍ତ୍ତୀ ସମୟରେ ନିଜ ଅର୍ଥନୀତିରେ ସୁଧାର ଆଣିବାରେ ଓଡ଼ିଶା ଦେଶର ଅନ୍ୟ ସମସ୍ତ ରାଜ୍ୟକୁ ପଛରେ ଛାଡ଼ି ଦେଇଛି। ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧରେ ଓଡ଼ିଶା ୭.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ବୋଲି ଇଣ୍ଡିଆ ରେଟିଂସ୍ ଆଣ୍ଡ୍ ରିସର୍ଚ୍ଚର ଏକ ରିପୋର୍ଟରୁ ଜଣାପଡ଼ିଛି। ଭାରତ ୨୮ଟି ପ୍ରମୁଖ ରାଜ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି ଯେ ମହାମାରୀ ପରବର୍ତ୍ତୀ ସମୟରେ ହୋଇଥିବା ସୁଧାରରେ ଓଡ଼ିଶା, ଆସାମ, ତାମିଲନାଡୁ ଓ କର୍ଣ୍ଣାଟକର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ସେଥିପାଇଁ ଏହି ରାଜ୍ୟଗୁଡ଼ିକୁ 'ଉଚ୍ଚ ସୁଧାର ରାଜ୍ୟ'ର ମାନ୍ୟତା ଦିଆଯାଇଛି। ଆଲୋଚ୍ୟ ସମୟ ଖଣ୍ଡରେ ଭାରତର ହାରାହାରି ଅଭିବୃଦ୍ଧି ୫.୩ ପ୍ରତିଶତ ରହିଥିଲା। କିନ୍ତୁ ଓଡ଼ିଶା ତା'ଠାରୁ ଯଥେଷ୍ଟ ଅଧିକ, ଅର୍ଥାତ ୭.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ମହାମାରୀ ପରବର୍ତ୍ତୀ ସମୟରେ ନିଜ ଅର୍ଥନୀତିରେ ସୁଧାର ଆଣିବାରେ ପଛୁଆ ଥିବା ରାଜ୍ୟଗୁଡ଼ିକ ହେଉଛି ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ, ପଞ୍ଜାବ ଓ ବିହାର। ଉତ୍ତରାଖଣ୍ଡର ଅଭିବୃଦ୍ଧି ହାର ସର୍ବନିମ୍ନ ୨.୮ ପ୍ରତିଶତ ରହିଛି। ୨୦୧୯-୨୦ରୁ ୨୦୨୩-୨୪ ମଧରେ ଓଡ଼ିଶା ସମେତ ଦେଶର ଆଠଟି ରାଜ୍ୟରେ ବାସ୍ତବ ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ପ୍ରତି ମାନୁଫାକ୍‌ଚରିଂ (ବିନିର୍ମାଣ)ର ଅବଦାନ ବଢ଼ିଥିଲା। ୨୦୧୯-୨୦ରେ ବାସ୍ତବ ଜିଭିଏ ପ୍ରତି ବିନିର୍ମାଣର ଅବଦାନ ଓଡ଼ିଶାରେ ୨୨.୮ ପ୍ରତିଶତ ଥିଲା। ୨୦୨୩-୨୪ ସୁଦ୍ଧା ତାହା ୨୬.୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ପାରମ୍ପରିକ ଧାତବ ଓ ପେଟ୍ରୋଲିୟମ୍ ଉତ୍ପାଦ ଉତ୍ପାଦନ ବ୍ୟତୀତ ରାଜ୍ୟରେ ପୋଷାକ, ମେସିନ ଓ ଉପକରଣ, ରସାୟନ ଓ କାଗଜ ଉତ୍ପାଦନ ଯଥେଷ୍ଟ ବଢ଼ିଥିଲା ବୋଲି ଇଣ୍ଡିଆ ରେଟିଂସ୍‌ର ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଉତ୍ତରପ୍ରଦେଶ ଓ ବିହାର ବ୍ୟତୀତ ଅନ୍ୟ କୌଣସି ରାଜ୍ୟ ବାସ୍ତବ ଜିଭିଏ ପ୍ରତି କୃଷି କ୍ଷେତ୍ରର ଅବଦାନ ବଢ଼ାଇବାରେ ସଫଳ ହୋଇନାହାନ୍ତି। ସେବା କ୍ଷେତ୍ରରେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ ଓ ତେଲେଙ୍ଗାନାର ପ୍ରଦର୍ଶନ ଭଲ ରହିଛି।

## ଆଗାମୀ ସପ୍ତାହରେ ମାତ୍ର ୩ ଦିନ ଟ୍ରେଡିଂ ଶେୟାର ବଜାରରେ ଦୁଇଦିନ ଛୁଟି



ମୁମ୍ବାଇ ୧୨।୪: ଗତ ସପ୍ତାହରେ ଆମେରିକା ଓ ଚୀନ୍ ମଧରେ ଟାରିଫ ୱାର ଭାରତୀୟ ବଜାରକୁ ହଲଚଲ କରିଥିଲା। ଏବେ ଆଗାମୀ ସପ୍ତାହରେ ବଜାରର ମିଜାଜ କିପରି ରହିବ ତାହା ଦେଖିବାର କଥା। ତେବେ ଆଗାମୀ ସପ୍ତାହରେ ସେୟାର ବଜାରରେ ଟ୍ରେଡିଂ ଡେ ସଂଖ୍ୟା କମ ରହିବ। ଏହି ସପ୍ତାହରେ ୨ ଦିନ ଛୁଟି ଯୋଗୁ ସେୟାର ବଜାର ବନ୍ଦ ରହିବ। ବିଏସଇ ଓ ଏନଏସଇ ୱେବସାଇଟ ରେ ସେୟାର ବଜାର ୨୦୨୫ ଛୁଟି ଅନୁସାରେ ସୋମବାର ଓ ଶୁକ୍ରବାର କାରବାର ବନ୍ଦ ରହିବ। ସୋମବାର ଡ.ବାବାସାହେବ ଆମ୍ବେଦକର ଜୟନ୍ତୀ ଲାଗି ଛୁଟି ରହିବ। ସେହିପରି ଗୁଡ ଫ୍ରାଇଡେ ଲାଗି ଆଗାମୀ ଶୁକ୍ରବାର ସେୟାର ବଜାରରେ କାରବାର ହେବ ନାହିଁ। ଏନଏସଇ ଓ ବିଏସଇରେ ସୋମବାର ଓ ଶୁକ୍ରବାର ବ୍ୟାପାରିକ ଗତିବିଧି ନିଲମ୍ବିତ ରହିବ। ସେହିପରି ଇଲେକ୍ଟ୍ରୋନିକ ଗୋଲ୍ଡ ରିସିଟସ୍ (ଇଜିଆର) ସେଗମେଣ୍ଟରେ ମଧ ଟ୍ରେଡିଂ ବନ୍ଦ ରହିବ। ୨୦୨୫ ସେୟାର ବଜାର ଛୁଟି ଅନୁସାରେ ମୋଟ ୧୪ଟି ବ୍ୟବସାୟୀକ ଛୁଟି ରହିଛି। ଏହି ୧୪ଟି ବ୍ୟବସାୟୀକ ଛୁଟି ମଧରୁ ଶେଷ ଛୁଟିଟି ୧୦ ଏପ୍ରିଲ ୨୦୨୫ରେ ମହାବୀର ଜୟନ୍ତୀରେ ପଡିଥିଲା। ୧୪ ଏପ୍ରିଲ ୨୦୨୫ ପରେ ଜାରି ବର୍ଷରେ ସେୟାର ବଜାରର ଆଉ ୯ଟି ଛୁଟି ରହିବ। ଗତ ଶୁକ୍ରବାର ବିଏସଇର ୩୦ ସେୟାରର ସୂଚକାଙ୍କ ସେନସେକ୍ସ ୧,୩୧୦.୧୧ ପଏଣ୍ଟ ଅର୍ଥାତ ୧.୭୭ ପ୍ରତିଶତ ବୃଦ୍ଧି ସହ ୭୫,୧୫୭.୨୬ରେ ବନ୍ଦ ହୋଇଥିଲା। ସେହିପରି ଏନଏସଇ ସୂଚକାଙ୍କ ୧.୯୨ ପ୍ରତିଶତ ବଢ଼ି ୨୨,୮୨୮.୫୫ରେ ପହଞ୍ଚିଥିଲା।

### ବ୍ୟାବସାୟିକ ଯୁଦ୍ଧର ପ୍ରଭାବ

# ଚୀନରେ ଆମେରିକୀୟ କାର୍‌ଗୁଡିକର ସେଲ୍ ବନ୍ଦ କରିଛି ଟେସଲା



**ନୂଆଦିଲ୍ଲୀ, ୧୨।୪:** ଇଲେକ୍ଟ୍ରିକାଲ୍ କାର୍ କମ୍ପାନୀ ଟେସ୍‌ଲା ଏକ ବଡ଼ ନିଷ୍ପତ୍ତି ନେଇଛି। ଯାହା ଚୀନରେ ଏହାର ମଡେଲ୍ ମଡେଲ୍ ଏସ ଏବଂ ମଡେଲ ଏକ୍ସ କାରର ସେଲ୍ ବନ୍ଦ କରିଦେଇଛି। ଚୀନରେ ଏହି ଦୁଇଟି ମଡେଲକୁ ଏପରି ସମୟରେ ବନ୍ଦ କରିଦିଆଯାଇଛି, ଯେତେବେଳେ ଦୁଇ ଦେଶ ମଧରେ ବ୍ୟବସାୟିକ ଯୁଦ୍ଧ ପୁଣି ଥରେ ବୃଦ୍ଧି ପାଇବା ଆରମ୍ଭ କରିଛି ଏବଂ ଉଭୟ ଦେଶ ପ୍ରଡକ୍ଟ ଉପରେ ଟାରିଫ୍ ମଧ ବଢ଼ାଇ ଦେଇଛନ୍ତି।

ବାସ୍ତବରେ, ଟେସଲା ଏହାର ଚୀନ୍ ୱେବସାଇଟ୍ ଏବଂ ୱିଚାଟ୍ ଆପରୁ ମଡେଲ୍ ଏସ ଏବଂ ମଡେଲ ଏକ୍ସ ଅର୍ଡର କରିବାର ଅପ୍ସନକୁ ହଟାଇ ଦେଇଛି। ପୂର୍ବରୁ ଗ୍ରାହକମାନେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହି ଲଗଜରୀ କାରଗୁଡିକ ବୁକ୍ କରିପୋରିବେ। କିନ୍ତୁ ଏବେ ନୂଆ ପର୍ଡର ନିଆଯାଇପାରିବ ନାହିଁ। ଯଦି ଏହି ଦୁଇଟି ମହେଲର ସେଲ ବିଷୟରେ କହିବା, ତେବେ ୨୦୨୪ ମସିହାରେ ଏହି ଦୁଇଟି ମଡେଲର ସେଲ୍ ୨ ହଜାର ୟୁନିଟ୍ ଥିଲା। ଯେତେବେଳେ ମଡେଲ ୩ ଏବଂ ମଡେଲ ୱାଇ ଭଳି ଲୋକାଲ୍ ପ୍ରଡକ୍ସନ୍ ମଡେଲ୍ ୬.୬ ଲକ୍ଷ ୟୁନିଟ୍ ସେଲ୍ ହୋଇଥିଲା। ଏକ୍ସପର୍ଟମାନେ ବିଶ୍ୱାସ କରନ୍ତି ଯେ ଏହି ନିଷ୍ପତ୍ତି ଆମେରିକା ଏବଂ ଚୀନ୍ ମଧରେ ବ୍ୟବସାୟିକ ଯୁଦ୍ଧର ପରିଣାମ। ଆମେରିକା ଏବଂ ଚୀନ୍ ଉଭୟ ପରସ୍ପର ପ୍ରଡକ୍ଟସ୍ ଉପରେ ଟାରିଫ୍ ଲଗାଇଛନ୍ତି। ଏହା ଇମ୍ପୋର୍ଟକୁ ମହଙ୍ଗା ଏବଂ କ୍ଷତିକାରକ କରିଥିଲା। ଯଦିଓ ଟେସଲା ଏହି ପ୍ରସଙ୍ଗରେ କୌଣସି ସରକାରୀ ବୟାନ୍ ଦେଇନାହିଁ, ତଥାପି ଏହା ବିଶ୍ୱାସ କରାଯାଉଛି ଯେ ବର୍ଦ୍ଧିତ ଖର୍ଚ୍ଚ ଏବଂ କମ୍ ସେଲ୍ ଯୋଗୁଁ କମ୍ପାନୀ ଏହି ପଦକ୍ଷେପ ନେଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ ୧୪୫% ଟାରିଫ୍ ଲାଗୁ କରିଛନ୍ତି। ଯାହାର ଜବାବ୍ ଚୀନ୍ ଦେଇଛି। ଚୀନ୍ ଆମେରିକୀୟ ପ୍ରଡକ୍ଟ ଉପରେ ଟାରିଫ୍ ୮୪%ରୁ ୧୨୫%କୁ ବଢ଼ାଇଦେଇଛି। ଯାହା ଆଜି ଅର୍ଥାତ୍ ଏପ୍ରିଲ୍ ୧୨ରୁ ଲାଗୁ ହେବ।

## ୟୁପିଆଇ ପେମେଣ୍ଟ୍ ଠପ୍: ସମସ୍ୟାରେ ପଡ଼ିଲେ ବ୍ୟବହାରକାରୀ




**ମୁମ୍ବାଇ, ୧୨।୪:** ଆଜିକାଲି ଲୋକେ ୟୁପିଆଇ ପେମେଣ୍ଟ୍ ଉପରେ ଅଧିକ ନିର୍ଭର ହୋଇ ପଡ଼ିଥିବା ବେଳେ ଶନିବାର ଭାରତରେ ଅନେକ ଉପଭୋକ୍ତା ଡିଜିଟାଲ୍ ପେମେଣ୍ଟ କରିବାକୁ ଚେଷ୍ଟା କଲା ବେଳେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ଏକ ବଡ଼ ବ୍ୟାଘାତର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ଅନେକ ଉପଭୋକ୍ତା ସୋସିଆଲ ମିଡିଆରେ ପେଟିଏମ୍, ଫୋନପେ ଏବଂ ଗୁଗୁଲପେ ଭଳି ଲୋକପ୍ରିୟ ଆପ୍ କାମ କରୁନଥିବା ରିପୋର୍ଟ କରିଛନ୍ତି। ଲୋକେ କଣାକିଣି, ବିଲ୍ ପେମେଣ୍ଟ ଏବଂ ଟଙ୍କା ସ୍ଥାନାନ୍ତର ସମେତ ଦୈନନ୍ଦିନ ପେମେଣ୍ଟ ପାଇଁ ୟୁପିଆଇ ଉପରେ ନିର୍ଭର କରୁଥିବା ଅନେକଙ୍କ ପାଇଁ ଅସୁବିଧା ସୃଷ୍ଟି କରିଥିଲା। ଏହି ବିଭ୍ରାଟ ସୋସିଆଲ ମିଡିଆରେ ବ୍ୟାପକ ଭାବରେ ରିପୋର୍ଟ କରାଯାଇଥିଲା ଏବଂ ୱେବସାଇଟ୍ ମନିଟରିଂ ଦ୍ୱାରା ରିଅଲ୍ ଟାଇମରେ ଟ୍ରାକ୍ ମଧ କରାଯାଇଥିଲା। ବର୍ତ୍ତମାନ ଦିନକୁ ଦିନ ଇ-ବ୍ୟାଙ୍କିଙ୍ଗ୍ ସେବା ବଢ଼ି ବଢ଼ି ଚାଲିଛି । ସାଧାରଣତଃ ପରିବା ଦୋକାନିଠୁ ନେଇ ସପିଙ୍ଗ୍ ମଲ୍ ପର୍ଯ୍ୟନ୍ତ ସବୁଠି ୟୁପିଆଇ ସ୍କାନରର ବ୍ୟବସ୍ଥା ରହିଛି । ଲୋକମାନେ ପାଖରେ କ୍ୟାସ୍ ରଖିବାକୁ ଆଉ ପସନ୍ଦ କରୁନାହାଁନ୍ତି । ଗୋଟିଏ କ୍ଲିକ୍‌ରେ ପେମେଣ୍ଟ କରିବା ସମସ୍ତଙ୍କର ପସନ୍ଦ ପାଲଟିଛି । ତେଣୁ ହଠାତ୍ ଏହି ସେବାରେ ବାଧା ସୃଷ୍ଟି ହେବାରୁ ବ୍ୟବହାରକାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଡାଉନ୍‌ଡିଟେକ୍ଟରର ସୂଚନା ଅନୁସାରେ ଏହି ସମସ୍ୟା ପାଖାପାଖି ଆଜି ଦିନ ୧୨ଟାରୁ ଆରମ୍ଭ ହୋଇଛି।

# ଏଟିଏମ କାର୍ଡ ବଦଳାଇ ୫୦ ହଜାର ଟଙ୍କା ଲୁଟ, ଥାନାରେ ଅଭିଯୋଗ



**କଳିଙ୍ଗନଗର,୧୨।୪ (ସଂଚାର ବ୍ୟୁରୋ):** ଦାନଗଦୀ ଷ୍ଟେଟ ବ୍ୟାଙ୍କ ଏଟିଏମ ରେ ଜଣେ ଯୁବକଙ୍କୁ ସାହାଯ୍ୟ କରିବା ବାହାନାରେ ଚଞ୍ଚକତା କରି କାର୍ଡ ବଦଳାଇ ପଚାଶ ହଜାର ଟଙ୍କା ଲୁଟି ନେଇଥିବା ଦାନଗଦି ଫାଣ୍ଡିରେ ଅଭିଯୋଗ ହୋଇଛି, ଖବର ମତେ କଳିଙ୍ଗନଗର ଥାନା ଅନ୍ତର୍ଗତ କଇଥା ଗାଁର ବଳରାମ ବାରିକଙ୍କ ପୁଅ ଶ୍ରୀକାନ୍ତ ବାରିକ (୨୯) ଗତ ୧୦ ତାରିଖ ଅପରାହ୍ନ ସମୟରେ ଦାନଗଦିରେ ଥିବା ତାଙ୍କ ଭଉଣୀ ଘରକୁ ଆସିଥିଲେ, ଅପରାହ୍ନ ୫ ଟା ସମୟରେ ଷ୍ଟେଟ ବ୍ୟାଙ୍କରେ ଥିବା ଏଟିଏମ କାଉଣ୍ଟରରେ ଟଙ୍କା ଉଠାଇବା ପାଇଁ ଯାଇ ତାଙ୍କର କାର୍ଡ ଟିକୁ ଭର୍ତ୍ତି କରିଥିବା ସମୟରେ ଟଙ୍କା ଉଠିବାରେ ବିଳମ୍ବ ହୋଇଥିଲା, ସେହି ଏଟିଏମରେ ତାଙ୍କ ପଛରେ ଠିଆ ହୋଇଥିବା ଜଣେ ଯୁବକ ପାଖାପାଖି ତିରିଶ ବର୍ଷ ବୟସ ପତଳା ଗୋରା ରଙ୍ଗର କହିଥିଲେ ଭାଇ କଣ ହୋଇଛି ଦେଖିବା, କହି ତାଙ୍କ କାର୍ଡଟିକୁ ଆଣି ସାହାଯ୍ୟ କରିବା ବାହାନାରେ ଏଟିଏମ ରେ ଭର୍ତ୍ତି କରି କହିଲେ ତମର ଟଙ୍କା ନାହିଁ, ତାପରେ ତରବରିଆ ଭାବେ କାର୍ଡ ଟିକୁ ଦେଇଦେଲେ ଚମ୍ପଟ ମାରିଥିଲେ, ତାପରେ ଶ୍ରୀକାନ୍ତ ପାଖରେ ଥିବା ୟୁକୋ ବ୍ୟାଙ୍କକୁ ଜମାଟଙ୍କା ଚେକ କରିବା ପାଇଁ ଗଲାବେଳକୁ ପାଞ୍ଚ ମିନିଟ ଭିତରେ ଦେଖିଲା ବେଳକୁ ସେ ଯୁବକ ନାହିଁ, ଏବଂ କାର୍ଡ ଟିକୁ ଦେଖିଲା ବେଳେକୁ ସେ କାର୍ଡ ଟି ବଦଳ ହୋଇଯାଇଛି, କାର୍ଡର ରଙ୍ଗ ସମାନ କିନ୍ତୁ ସେ କାର୍ଡ ଉପରେ ରବୀନ୍ଦ୍ର ଆଚାର୍ଯ୍ୟ ବୋଲି ନାଁ ଲେଖା ଯାଇଛି, ଆକାଉଣ୍ଟ ବ୍ଲକ କରିବା ସମୟ ଭିତରେ ସେ ଦେଖିଲେ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ପାଞ୍ଚ ଥରରେ ପଚାଶ ହଜାର ଉଠିଯାଇଛି, ଏ ଠକେଇ ପରେ ସିସିଟିଭି ଫୁଟେଜ ବାହାର କରି ଦାନଗଦି ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

# ଓଡ଼ିଶାର ବରପୁତ୍ରଙ୍କ ସମ୍ପର୍କରେ ଆଲୋଚନାଚକ୍ର

**ଖଲ୍ଲିକୋଟ,୧୨।୪(ସଂଚାର ବ୍ୟୁରୋ):** ଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ତଥା କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ 'ଓଡ଼ିଶାର ବରପୁତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ସାହୁ ଓଡ଼ିଶାର ବିଶେଷ




କରି ଗଞ୍ଜାମର ବରପୁତ୍ରମାନଙ୍କ ସ୍ମୃତିଚାରଣ କରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଦ୍ୱାରା ଅନୁପ୍ରେରିତ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ଡ. ଦୀପକ କୁମାର ମିଶ୍ର ଓଡ଼ିଶାର ସ୍ୱନାମଧନ୍ୟ ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ତଥା ପରୀକ୍ଷା ନିୟନ୍ତ୍ରକ ଡ. ମନୋଜ କୁମାର ପଟ୍ଟନାୟକ ମନ ପ୍ରାଣରେ ଓଡ଼ିଆ ହେବା ଓ ଦୈନନ୍ଦିନ ଜୀବନର ଅଂଶ ଭାବରେ ଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ କ୍ଷଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ' ଓଡ଼ିଶାର ବରପୁତ୍ର ' ଶୀର୍ଷକ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ର ଶକ୍ତି କପୁର, ସୁମନ ଓ ବନ୍ଦିତା 'ବନ୍ଦେ ଉତ୍କଳ ଜନନୀ 'ସଙ୍ଗୀତ ଗାନ କରିଥିଲେ। ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ଛାତ୍ର ଅମ୍ବିକା ପ୍ରସାଦ ମହାପାତ୍ର, ଛାତ୍ରୀ ଶୁଭ୍ରମଣି ନାହାକ, ଓଡ଼ିଆ ବିଭାଗର ଛାତ୍ର ସୁମନ ଦାଶ, ପ୍ରିନ୍ସ ଜେନା ଓ ବିକାଶ ମହାନ୍ତି, ଛାତ୍ରୀ ଅପରାଜିତା ଆଦି ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମ ଶେଷରେ ସ୍ନାତକୋତ୍ତର ଛାତ୍ର ସାଗର ଖରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ଆଲବମ 'ତୋ ପାଖରେ ମନ ହଜେଇ'ର ଅଡିଓ ରିଲିଜ




**ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ):** ମା' ସୁନଦେଇ ପ୍ରଡକ୍ସନ ଓ ବି.କେ କ୍ରିଏସନ ଓଡ଼ିଆ ତରଫରୁ ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ଡି ବ୍ରେକ କାଫେରେ ଏକ ସୁନ୍ଦର ଓଡ଼ିଆ ଆଧୁନିକ ଆଲବମ୍ 'ତୋ ପାଖରେ ମନ ହଜେଇ'ର ଅଡ଼ିଓ ରିଲିଜି ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ପ୍ରଯୋଜକ ବିବେକାନନ୍ଦ ବାରିକ, ପ୍ରଭାତୀ ବାରିକ, ଗାୟକ ସ୍ମୃତିପ୍ରତୀକ ଓ ସୁଜନ୍ୟା ରଥ, ସଙ୍ଗୀତ ଓ ଲେଖକ ରାଗ ନାୟକଙ୍କ ସମେତ ବହୁ ଜ୍ଞାନୀଗୁଣି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଯୋଜକ ନନ୍ଦ ବାରିକ କାର୍ଯ୍ୟକ୍ରମ ପରି•ଳନା କରିବା ସହ ଆଗକୁ ଆହୁରି ସୁନ୍ଦର ଭଜନ ଓ ହାସ୍ୟରସ ଆଲବମ ଭେଟି ଦେବେ ବୋଲି ପ୍ରଯୋଜକ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ଜଙ୍ଗଲ ଜମି ଧ୍ୱଂସକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

**କଳାହାଣ୍ଡି,୧୨।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜଙ୍ଗଲ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ଦିନକୁ ଦିନ ଜଙ୍ଗଲ ଧ୍ୱଂସ ପାଇବାକୁ ଯାଉଛିବୋଲି ସ୍ଥାନୀୟ ଲୋକମାନେ କେ ଗାଁ ରେଂଜର ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ଜଙ୍ଗଲରେ ଥିବା ଜୀବ ଜନ୍ତୁ ଖାଦ୍ୟ ନ ପାଇ ଗାଁ ମୁଖା ହେଉଛନ୍ତି, ଜଙ୍ଗଲ ନିକଟରେ ଥିବା ଆଦିବାସୀ, ହରିଜନ ସମ୍ପ୍ରଦାୟର କେତେକ ଲୋକେ ଜଙ୍ଗଲରେ ଥିବା ବୃକ୍ଷ କୁ ବଳ ପୂର୍ବକ ଭାବେ କାଟି ଜମି ତିଆରି କରି ଧାନ, ମାଣ୍ଡିଆ ଓ କପା ଚାଷ କରି ଜୀବିକା ନିର୍ବାହ କରୁଛନ୍ତି, ଏହି ଅବସରରେ କେତେକ ଲୋକେ ଜଙ୍ଗଲ ସୁରକ୍ଷା ପାଇଁ ନୂତନ ଗଛ ରୋପଣ କରାଯିବା ଜରୁରୀ ମନେ କରି କେଗାଁ ରେଞ୍ଜର ଙ୍କ ନିକଟରେ ଅଭିଯୋଗ କରିଥିଲେ, ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, କଳାହାଣ୍ଡି



ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ରେଞ୍ଜ ଅଧିନରେ ଥିବା ସଂକ୍ରୀପାଳି ଗ୍ରାମର କେତେକ ଆଦିବାସୀ ହରିଜନ ସମ୍ପ୍ରଦାୟର ଲୋକେ ଜଙ୍ଗଲର ବୃକ୍ଷ କାଟି ଜମି ତିଆରି କରି ଚାଷ କରି ଜୀବିକା ନିର୍ବାହ କରୁଥିଲେ, ଏହି ପରିପ୍ରେକ୍ଷୀରେ ସେହି ଗ୍ରାମର କେତେକ ବ୍ୟକ୍ତି ଜଙ୍ଗଲ ସୁରକ୍ଷା ପାଇଁ ଓ ନୂତନ ବୃକ୍ଷ ରୋପଣ କରିବା ପାଇଁ କେ ଗାଁ ରେଞ୍ଜର ଙ୍କ ନିକଟରେ ଅଭିଯୋଗ କରିଥିଲେ, ଏହି ଅଭିଯୋଗ କୁ କେନ୍ଦ୍ର କରି ଗତ କାଲି ଶୁକ୍ରବାର ଦିନ ବନପାଳ ରୁଦ୍ରପ୍ରସାଦ ଗହିରଙ୍କ ନେତୃତ୍ୱରେ ଥିବା ବେଳେ, ବନ ରକ୍ଷୀ ସୁଶୀଲ ମହାନନ୍ଦ, ନିର୍ମୁଖି ପୂଝାରୀ ଓ ଗୋଲାମୁଣ୍ଡା ବ୍ଲକ ଜନ କଲ୍ୟାଣ ସାମ୍ବାଦିକ ସଂଘର ସଭାପତି ରାମ କୁମାର ସେନାପତି ଓ ସାମ୍ବାଦିକ ବନ୍ଧୁ ଙ୍କ ଉପସ୍ଥିତିରେ ସଂକ୍ରୀପାଳି ଗ୍ରାମର ଦୁଇ ଗୋଷ୍ଠି ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଜଙ୍ଗଲ ସୁରକ୍ଷା କରିବା ପାଇଁ ଜଙ୍ଗଲ ନଷ୍ଟ ନ କରିବା ସହ ଯେଉଁ ମାନେ ଜଙ୍ଗଲ କାଟି ଜମି ତିଆରି କରି ଛନ୍ତି ସେହି ଜାଗାରେ ବୃକ୍ଷ ରୋପଣ କରିବା ପାଇଁ ଅନୁରୋଧ କରିଥିଲେ, ହେଲେ ଯେଉଁ ମାନେ ଜଙ୍ଗଲ ଜମି ତିଆରି କରି ଚାଷ କରୁଛନ୍ତି ସେହିମାନେ ସେହି କଥାକୁ ଗ୍ରହଣ ନ କରି ଦୁଇ ଗୋଷ୍ଠି ଙ୍କ ମଧ୍ୟରେ ବୁଝାମଣା ହେଲା ଭଳି ଦେଖା ଦେଇ ନ ଥିବାରୁ ସଭା ବାତିଲ କରି ଅନ୍ୟ ଦିନ ଆଉ ଏକ ବୈଠକ ରଖି ଜଙ୍ଗଲ ନଷ୍ଟ କରି ଥିବା ଜାଗା କୁ ତଦନ୍ତ କରିବା ପାଇଁ ସ୍ଥିରୀକୃତ କରିଥିଲେ।

# ଚିତା ଚମଡ଼ା ଜବତ, ଅଭିଯୁକ୍ତ ଗିରଫ



**ଖପ୍ରାଖୋଲ,୧୨।୪ (ସଂଚାର ବ୍ୟୁରୋ):** ଦିନକୁ ଦିନ ଜଙ୍ଗଲ ରୁ ପ୍ରାଣ୍ୟଜନ୍ତୁ ପ୍ରାୟ ବିଲୁପ୍ତ ହେଉଥିବା ବେଳେ ବନ ବିଭାଗ ଦ୍ୱାରା ବାଘ ଚମଡ଼ା ଜବତ କରିବା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ବନାଞ୍ଚଳ ଅଧିନସ୍ଥ ତେଲେନପାଲି ପଞ୍ଚାୟତ ଯମୁନାପାଲି ଗ୍ରାମର ସର୍ଗିପଡା ଠାରେ ୪ ଫୁଟ ୮ଇଞ୍ଚ ଲମ୍ବ ଏବଂ ୧ ଫୁଟ ୮ ଇଞ୍ଚ ଚଉଡା ଗୋଟିଏ ଚିତା ବାଘ ର ଚମଡା ଜବତ ହୋଇଥିବା ବେଳେ ବାହାର ରାଜ୍ୟ କୁ ବ୍ୟବସାୟ ଉଦ୍ଦେଶ୍ୟ ରେ ନା ଅନ୍ୟ କୌଣସି ଉଦେଶ୍ୟ ରେ ରଖାଯାଇଥିଲା ତାହ ଜଣା ପଡ଼ିନଥିବା ବେଳେ ଖପ୍ରାଖୋଲ ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଚିତା ବାଘ ଚମଡ଼ା ଚାଲାଣ ସମ୍ପର୍କରେ ଖବର ପାଇ ଖପ୍ରାଖୋଲ ଥାନା ଅନ୍ତର୍ଗତ ଯମୁନାପାଲି ଗ୍ରାମର ସର୍ଗିପଡା ର କୈଳାଶ କଠାର କୁ ବନ ବିଭାଗର ଟିମ୍ କାବୁ କରିବା ସହ ଅଭିଯୁକ୍ତର ଘରୁ ଗୋଟିଏ ଚିତା ବାଘର ଚମଡା ଜବତ କରିଥିବା ସୂଚନା ମିଳିଛି। ଘଟଣାର ଅଧିକ ତଦନ୍ତ କରୁଥିବା ବେଳେ ବନବିଭାଗ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଦେଖିବାକୁ ବାକି ରହିଲା ଜଣକୁ ଗିରଫ କରି ବନ ବିଭାଗ ଚୁପ୍ ବସିବ ନାଁ ଅଧିକ ତଦନ୍ତ କରି ଆଉ କିଏ ସାମିଲ ଅଛି ତାକୁ ଗିରଫ କରିବ।

# ବଜାର ଯାଉଥିଲେ ଦମ୍ପତି: ରାସ୍ତାରେ ଜଳିଗଲା ବାଇକ



**ବାସୁଦେବପୁର,୧୨।୪ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମରା ବସ୍ ଷ୍ଟାଣ୍ଡ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ-ସ୍ୱାମୀ ଏକ ବାଇକ୍ ଯୋଗେ କୌଣସି କାମରେ ବାସୁଦେବପୁର ବଜାର ଆସୁଥିଲେ। ହେଲେ ଧାମରା ବସ୍ ଷ୍ଟାଣ୍ଡ ନିକଟରେ ବାଇକ୍‌ଟି ହଠାତ୍ ହୁତୁହୁତୁ ହୋଇ ଜଳି ଉଠିଥିଲା। ଅନ୍ୟପକ୍ଷେ ଦମ୍ପତି ତୁରନ୍ତ ବାଇକ୍‌ରୁ ଓହ୍ଲାଇ ପଡିଥିଲେ। ଫଳରେ ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।

# ବିଦ୍ୟାଳୟରେ ଏକାଡେମିକ ଏକ୍ସେଲେନ୍ସ ପୁରସ୍କାର ଦିବସ ଅନୁଷ୍ଠିତ



**ବେତନଟୀ,୧୨।୪ (ସଂଚାର ବ୍ୟୁରୋ):** ଶନିବାର ସିବିଏସଇ ବେତନଟୀ ବ୍ଲକ ଆଗ୍ରିଆ ସ୍ଥିତ ଦିବ୍ୟଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡାରୀ ସ୍କୁଲରେ ଅନୁଷ୍ଠିତ ଏକାଡେମିକ ଏକ୍ସେଲେନ୍ସ ପୁରସ୍କାର ବିତରଣୀ ଉତ୍ସବ ଆଜି ମହା ସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ସିଷ୍ଟର ଶ୍ୟାନି. ଭି. ଜୋସେଫଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ବେତନଟୀ ବ୍ଲକର ସହ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟ ପ୍ରସଙ୍ଗରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାର ପ୍ରଣାଳୀ ସହିତ ଜୀବନରେ ସଫଳତାର ମୂଳମନ୍ତ୍ର ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷା ସହିତ ନୃତ୍ୟ, ସଂଗୀତ, କ୍ରୀଡା, ହସ୍ତତନ୍ତ୍ର କାରିଗରୀ, ବକ୍ତୃତା, ଗଳ୍ପଲିଖନ ଗୋଟେ ଶିଶୁର ସାମଗ୍ରିକ ତଥା ଅନ୍ତର୍ନିହିତ ଗୁଣାବଳିର ବିକାଶ ଘଟାଇଥାଏ। ଏହି ଶିକ୍ଷାନୁଷ୍ଠାନ ଏ ଅଞ୍ଚଳର ଏକ ଅଗ୍ରଣି ଶିକ୍ଷାନୁଷ୍ଠାନ ଭାବେ କାର୍ଯ୍ୟରତ। ଯେଉଁଠି ଉଭୟ ଗୁଣାତ୍ମକ ଶିକ୍ଷାଦାନ ସହ କୋକରିକୁଲାର ଆକ୍ଟିଭିଟି ଉପରେ ସବୁବେଳେ ପ୍ରାଧାନ୍ୟ ଦିଆଯାଇ ଥାଏ। ତାପରେ ଶିକ୍ଷାବର୍ଷ ୨୦୨୪-୨୫ ର ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଓ ୧୦୦ ପ୍ରତିଶତ ଶ୍ରେଣୀରେ ଉପସ୍ଥାନ କରିଥିବା ନର୍ସରୀ ରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବଣ୍ଟନ କରି ଥିଲେ।

# ଓଡ଼ିଆ ପକ୍ଷ ପାଳନ,'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୨।୪ (ସଂଚାର ବ୍ୟୁରୋ):** ଓଡିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଆଜି 'ବନ୍ଦନୀୟ ବରପୁତ୍ର ' କାର୍ଯ୍ୟକ୍ରମରେ ଓଡିଶା ତଥା ସୁବର୍ଣ୍ଣପୁରର ବରପୁତ୍ର ମାନଙ୍କ ସ୍ମୃତି ଚାରଣ ଆଲୋଚନା ଚକ୍ର ଜିଲ୍ଲା ଗନ୍ଥାଗାର ଠାରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୁପେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପ-ଜିଲ୍ଲାପାଳ ଡକ୍ଟର ସୌମ୍ୟ ରୁପା ରଥ, ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀମତୀ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ପମୁଖ ମଞ୍ଚାସୀନ ଥିଲେ। ଲକ୍ଷ୍ମୀ ନାରାୟଣ ସାହୁ ଉଦଘାଟନୀ ଉତ୍ସବକୁ ସଂଯୋଜନା କରିଥିଲେ। ଏହା ପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବରପୁତ୍ର ବନ୍ଦନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ସନ୍ଥକବି ଭୀମ ଭୋଇ, ସନ୍ଥ ଚନ୍ଦ୍ରମଣି ଦାସ, ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ଶତପଥୀ, ମହାରାଜ ବିରମିତ୍ର ଦେବ ସିଂହଦେଓ ଏବଂ ଐତିହାସିକ ରାମଚନ୍ଦ୍ର ମଲ୍ଲିକ, ନାଟ୍ୟକାର ଅଟଳ ବିହାରୀ ପଣ୍ଡା, ସଂଗୀତଜ୍ଞ ଫକୀର ମୋହନ ପଟ୍ଟନାୟକ ତଥା ବିଧାୟକ କୁନ୍ଦୁରୁ କୁଶଳଙ୍କ ସ୍ମୃତି ଚାରଣ କରିବାକୁ ଯାଇ ଯଥାକ୍ରମେ ଅମ୍ବୁଜ ବିହାରୀ ଶତପଥୀ, ବ୍ରଜମୋହନ ଦାନୀ, ଡକ୍ଟର ଅନିରୁଦ୍ଧ କୁରୁକୁରିଆ, ଡକ୍ଟର ସୁଦାମ ଦୀପ, ସୁଦାମ ନାଏକ, ଡକ୍ଟର ଧୀରେନ୍ଦ୍ର କୁମାର ନାୟକ, ବେଣୁଧର ପ୍ରଧାନ ଓ ମଦନ ସୁନ୍ଦର ଖେତି ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ଡକ୍ଟର ସୌରଭ ରଞ୍ଜନ ଖମାରୀ ଅଧ୍ୟକ୍ଷତା କରିଥିବା ବେଳେ ଡ଼କ୍ଟର ପୁରୁଷୋତ୍ତମ ମିଶ୍ର ସଂଯୋଜନା କରିଥିଲେ। ତୃତୀୟ ପର୍ଯ୍ୟାୟରେ ଓଡିଆ ଅସ୍ମିତା ଆଧାରିତ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କବିଗଣ ସର୍ବଶ୍ରୀ ଶ୍ରୀଧର ବାଗ, ଡକ୍ଟର ନାୟକ, ଡକ୍ଟର ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ସୁଭେନ୍ଦୁ ମେହେର, ସସ୍ମିତା ମେହେର, ରଂଜିତା ପଣ୍ଡା, ହେମାଙ୍ଗୀନି ଦାଶ, ସନ୍ତୋଷିନୀ ନାୟକ, ସୁନନ୍ଦା ସାହୁ, ରୁବି ବେହେରା, ଆଶିଷ ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ପ୍ରତାପ ଦେହେରୀ, ପ୍ରଭୁଦତ୍ତ ରଥ, ଜଳଦେବ ଦେହେରିଆ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାହ୍ନୁଚରଣ ମେହେର ଦିବସ ଦେହୁରୀ ଓ ନିରାକାର ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିନା ଲାଇସେନ୍ସରେ ବେଆଇନ ମହୁଲ ଫୁଲ ସଂଗ୍ରହ



ପିକ୍‌ଅପ୍ ଜବତ, ଜଣେ ଗିରଫ

**ଦେବଗଡ଼,୧୨।୪(ସଂଚାର ବ୍ୟୁରୋ):** ବିନା ଲାଇସେନ୍ସରେ ବେଆଇନ ମହୁଲ ସଂଗ୍ରହ ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୪ କ୍ୱିଣ୍ଟାଲ ମହୁଲ ଜବତ କରାଯିବା ସହ ଏଥିରେ ବ୍ୟବହୃତ ଏକ ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ସେହିପରି ଜବତ ପିକ୍‌ଅପ୍ ଚାଳକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଦେବଗଡ଼ ଥାନା ଅନ୍ତର୍ଗତ ଧୋବଲିପଥର ଗ୍ରାମରେ ବେଆଇନ ଭାବେ ମହୁଲ ସଂଗ୍ରହ କରାଯାଉଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ଼ ମୋବାଇଲ ଅବକାରୀ ଇନ୍ସପେକ୍ଟର ଟେଲେସ୍ଫୋର ଲାକରା ଓ ସବ ଇନ୍ସପେକ୍ଟର ଶଶିକାନ୍ତ ରାଉତ ସେଠାରେ ସଦଳବଳ ଚଢ଼ାଉ କରିବା ସହ ମହୁଲ ସଂଗ୍ରହ କରୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ-ଓଡି-୧୫-ଆର୍-୮୭୪୯)ର ଚାଳକଙ୍କୁ ପଚରାଉଚରା କରିଥିଲେ। ତେବେ ଚାଳକ ଜଣକ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ମହୁଲ ସଂଗ୍ରହ ସମ୍ପର୍କିତ ବୈଧ କାଗଜପତ୍ର ମଧ୍ୟ ଦେଖାଇ ପାରି ନ ଥିଲା। ଫଳରେ ଅବକାରୀ ବିଭାଗ ଉକ୍ତ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ଟିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲା। ଗିରଫ ଚାଳକ ଜଣକ ରିଆମାଳ ଥାନା ଗୁଣ୍ଡିଆପାଲି ଗ୍ରାମର ଲିପୁନ ସାହୁ ବୋଲି ଜଣାପଡ଼ିଛି। ସେହିପରି ଜବତ ମହୁଲର ଓଜନ ୧୦ କ୍ୱିଣ୍ଟାଲ ବୋଲି ଜଣାପଡ଼ିଛି। ଗିରଫ ଚାଳକଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ




**ସୁବର୍ଣ୍ଣପୁର,୧୨।୪(ସଂଚାର ବ୍ୟୁରୋ):** ରାଜ୍ୟ ସ୍ତରରେ କଟକ ବାଲିଯାତ୍ରା ପଡ଼ିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଏକକ କାର୍ଡ ବିତରଣ ସହ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ଲୋକାର୍ପଣ ହୋଇ ଯାଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ସମସ୍ତ ବ୍ଲକ ଓ ସୋନପୁର ସହର ର ବିଭିନ୍ନ ୨୧ ଟି ସ୍ଥାନ ରେ ଏହି ଯୋଜନାର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ୍ ଅନ୍ତର୍ଗତ ହର୍ଡୋଖୋଲ ନିକଟ ସାହାଜପିଟା ପଥ ପ୍ରାନ୍ତ କେନ୍ଦ୍ର ଠାରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ, ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ, ଡ ପ୍ରଦୀପ କୁମାର ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଡ ବଣ୍ଟନର ଲୋକାର୍ପଣ କରିଥିଲେ।ସେହିପରି ସୁବର୍ଣ୍ଣପୁର ସହର ସ୍ଥିତ ଟାଉନ ହଲରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମ ରେ ଗୁହା ପୁନମ ତାପସ କୁମାର, ଆୟୁକ୍ତ ତଥା ସଚିବ, ହସ୍ତ ତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ ଅବକାରୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ପୌରପରିଷଦ ଅଧ୍ୟକ୍ଷା ତଥା ସ୍ଥାନୀୟ ଜନ ପ୍ରତିନିଧି ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାର ଅନ୍ୟ ଆୟୋଜିତ ସ୍ଥାନ ଗୁଡିକରେ ସ୍ଥାନୀୟ ଜନପ୍ରତିନିଧି ସହ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସହିତ ସଚେତନତା ରଥର ଶୁଭାରମ୍ଭ କରିଥିଲେ।ଏହି କାର୍ଡ ଦ୍ୱାରା ଦେଶର ବିଭିନ୍ନ ପଞ୍ଜିକୃତ ଚିକିତ୍ସାଳୟ ରେ ହିତାଧିକାରୀ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବାର ସୁଯୋଗ ଥିବା ବେଳେ ମହିଳା ହିତାଧିକାରୀ ଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସେବା ପାଇବାର ସୁଯୋଗ ରହିଛି। ୭୦ ବର୍ଷ କିମ୍ବା ତଦୁର୍ଦ୍ଧ ବୃଦ୍ଧ ବୃଦ୍ଧା ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ରେ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ ପାଇ ପାରିବେ। ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଯୋଜନା ର ବହୁଳ ପ୍ରଚାର ପ୍ରସାର ପାଇଁ ଆଜି ଅପରାହ୍ନରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଏହି ସମ୍ମିଳନୀ ରେ ଜିଲ୍ଲାପାଳ ଆୟୁଷ୍ମାନ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ନିଆଯାଇଥିବା ଯୋଜନା ଉପରେ ସୂଚନା ଦେଇଥିଲେ।

# ପ୍ରସ୍ତାବିତ ୪୦ ସମବାୟ ସମିତି ଖୋଲାଯାଇ କାର୍ଯ୍ୟକ୍ଷମ ଦାବି

**ନୂଆପଡ଼ା,୧୨।୪(ସଂଚାର ବ୍ୟୁରୋ):** ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିଥିବାବେଳେ ନୂଆପଡ଼ା ଜିଲାର ବରିଷ୍ଠ ଭାଜପା ନେତା ତଥା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ସାକ୍ଷାତକରି ଜିଲାର ସମବାୟ ସମିତି ସମସ୍ୟା ଉପରେ ଆଲୋଚନାକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ଓ ଗରିବ ଜନସାଧାରଣଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମବାୟ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। କଳାହାଣ୍ଡି ଜିଲାରୁ ନୂଆପଡା ଭାଗହୋଇ ନୂତନ ଜିଲା ହେଲା ପରେ ଜିଲାରେ ଏକ



ନୂତନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ଭବାନୀପାଟଣା କେନ୍ଦ୍ରୀୟ ସମବାୟ ବ୍ୟାଙ୍କରୁ ନୂଆପଡ଼ା ଜିଲାକୁ ପ୍ରତ୍ୟାହାରକରି ଏକ ନୂତନ ନୂଆପଡା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପ୍ରତିଷ୍ଠା କରିବା ପାଇଁ ପାଣିଗ୍ରାହୀ ଦାବି କରିଥିଲେ। ଦୀର୍ଘଦିନ ହେଲା ଜିଲାରେ ନୂତନ କରି ୪୦ଟି ନୂଆ ସମବାୟ ସମିତି ଗଠନ ପାଇଁ ପ୍ରସ୍ତାବିତ ହୋଇ ପଡ଼ିରହିଛି। ଏଣୁ ତୁରନ୍ତ ଏହି ପ୍ରସ୍ତାବିତ ସମିତି ଖୋଲାଯାଇ କାର୍ଯ୍ୟକ୍ଷମ କରିବାକୁ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ମନ୍ତ୍ରୀ ବଳସାମନ୍ତ ସମବାୟ ବ୍ୟାଙ୍କ ତଥା ସୋସାଇଟି ଖୋଲିବା

ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି ବୋଲି ପ୍ରକାଶ କରିଥିଲେ।

# କେସି ହାଇସ୍କୁଲରେ ପରିବେଶ ସଚେତନତା ଅଭିଯାନ




**କୈଶିଙ୍ଗା,୧୨।୪(ସଂଚାର ବ୍ୟୁରୋ):** କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁର ପରିସରରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ପୌରହିତ୍ୟ ରେ ' ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକଜନିତ ପରିବେଶ ପ୍ରଦୂଷଣ ଓ ଏହାର ନିରାକରଣ ' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସଚେତନତା ପାଇଁ ଅନୁଷ୍ଠିତ ଆଲୋଚନାଚକ୍ର ରେ ବିଶିଷ୍ଟ ଅତିଥି ଭାବେ ହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଅତିଥି ଏବଂ ପ୍ରଧାନଶିକ୍ଷକ ଙ୍କ ସମେତ ବରିଷ୍ଠ ଶିକ୍ଷକ ତୁଷାର କାନ୍ତ ପାତ୍ର ଓ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ମୁଖ୍ୟତଃ ପଲିଥିନ ଜନିତ ପରିବେଶ ପ୍ରଦୂଷଣ ର ଗମ୍ଭୀରତା ଓ ଏହାର ନିରାକରଣ ରେ ଆମ ସଭିଙ୍କର ଭୂମିକା ସମ୍ପର୍କ ରେ ଆଲୋଚନା କରିଥିଲେ। ବିଦ୍ୟାଳୟକୁ ଏହି ଅବସରରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିଲା। କ୍ରୀଡା ଶିକ୍ଷକ ଶରତ ବେହେରା ଙ୍କ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ସବୁଜ ଶପଥପାଠ କରାଯାଇଥିଲା।

SANCHAR
ସଂଚାର
ରବିବାର ୧୩ ଏପ୍ରିଲ ୨୦୨୫

# ବିଜ୍ଞାନ





ଆର୍ଜେଣ୍ଟିନା ସରକାର ଅପରାଧ ନିୟନ୍ତ୍ରଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ କରିବା ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଏଆଇ ୟୁନିଟ୍ ଦ୍ୱାରା ଅତୀତର ଅପରାଧ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରି ଭବିଷ୍ୟତରେ ଆପରାଧିକ ଘଟଣାର ପୁନରାବୃତ୍ତି ବାବଦରେ ସଠିକ୍ ଭବିଷ୍ୟବାଣୀ କରାଯାଇପାରିବ।

## ଅପରାଧର ପୂର୍ବାନୁମାନ ପାଇଁ ଏଆଇ ପ୍ରଯୁକ୍ତି!

ହଲିଉଡ୍ ସିନେମା 'ମାଇନରିଟି ରିପୋର୍ଟ'ର କାହାଣୀ ପରି ଆର୍ଜେଣ୍ଟିନା ସରକାର ଅପରାଧ ନିୟନ୍ତ୍ରଣ ପାଇଁ ଏକ ବିଚିତ୍ର ପଦକ୍ଷେପ ନେବାକୁ ଯାଉଛନ୍ତି। ଅପରାଧ ମାମଲାଗୁଡ଼ିକର ସମାଧାନ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ କରିବାକୁ ଘୋଷଣା କରିଛନ୍ତି। ଏହା ବଳରେ କୌଣସି ଅପରାଧର ପୂର୍ବାନୁମାନ କରାଯାଇ ତାହାକୁ ରୋକାଯାଇପାରିବ ବୋଲି ସରକାର ଆଶାବାଦୀ ଅଛନ୍ତି। ତେବେ ସରକାରଙ୍କର ଏଭଳି ଆଭିମୁଖ୍ୟ ଉପରେ ମାନବାଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ସୁରକ୍ଷା ବ୍ୟବସ୍ଥାରେ ନୂଆ କରି ସାମିଲ ହୋଇଥିବା ଏହି ଏଆଇ ୟୁନିଟ୍ ଦ୍ୱାରା ଅତୀତର ଅପରାଧ ତଥ୍ୟଗୁଡ଼ିକୁ ବିଶ୍ଳେଷଣ କରାଯାଇ ଭବିଷ୍ୟତରେ ଆପରାଧିକ ଘଟଣାର ପୁନରାବୃତ୍ତି ବାବଦରେ ସଠିକ୍ ଭବିଷ୍ୟବାଣୀ କରିହେବ ବୋଲି ଦାବି କରାଯାଇଛି। ଏଥିସହିତ ଏହା ଫେସ୍ ଡିଟେକ୍ସନ୍ ପ୍ରଯୁକ୍ତି ଉପଯୋଗ କରି କୌଣସି ପଳାତକ ବା ନିରୁଦ୍ଦିଷ୍ଟ ଅପରାଧୀକୁ ଠାବ କରିପାରିବ। ଖାଲି ସେତିକି ନୁହେଁ, ଏଆଇ ସାମାଜିକ ଗଣମାଧ୍ୟମ ଉପରେ ନିଘା ରଖି ଏବଂ ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ବିଶ୍ଳେଷଣ କରି ସନ୍ଦିଗ୍ଧ କାର୍ଯ୍ୟକଳାପକୁ ମଧ୍ୟ ଠଉରେଇ ପାରିବ। ଆର୍ଜେଣ୍ଟିନାର ସୁରକ୍ଷା ମନ୍ତ୍ରଣାଳୟର କହିବା କଥା, ଏ ପ୍ରକାର ଅଭିନବ ପଦକ୍ଷେପ କୌଣସି ଆସନ୍ନ ବିପଦକୁ ଚିହ୍ନିବା, ଅପରାଧୀ ଗୋଷ୍ଠୀର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବାର ଦକ୍ଷତା ବୃଦ୍ଧି କରିବ ଏବଂ କୌଣସି ପ୍ରକାର ଗଣ୍ଡଗୋଳ ବା ବିଶୃଙ୍ଖଳା ବାବଦରେ ମଧ୍ୟ ପୂର୍ବାନୁମାନ କରିପାରିବ। ତେବେ ସରକାରଙ୍କ ଏହି ପଦକ୍ଷେପକୁ ମାନବାଧିକାର ସଂଗଠନଗୁଡ଼ିକ ବିରୋଧ କରିଛନ୍ତି। ସେମାନଙ୍କର ଆଶଙ୍କା ହେଉଛି, ଏହି ପ୍ରଯୁକ୍ତିର ଉପଯୋଗ ନାଗରିକଙ୍କ ବ୍ୟକ୍ତିଗତ ଜୀବନ, ବିଶେଷ କରି ବାକ୍ ସ୍ୱାଧୀନତା ଉପରେ ଗୁରୁତର ହସ୍ତକ୍ଷେପ କରିବ ଏବଂ ନିର୍ଦ୍ଦିଷ୍ଟ ସାମାଜିକ ଗୋଷ୍ଠୀ ଏହାର ବେଶୀ ଶିକାର ହେବେ। ଏଭଳି ଜ୍ଞାନକୌଶଳର ଉପଯୋଗ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସହ ଭେଦଭାବ ସହ ଅସମାନୁପାତିକ ଭାବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି।

## ଏସସ୍‌ର ନୂଆ ୬୫ ୱାଟ୍ ଚାର୍ଜର



ବିଭିନ୍ନ ପ୍ରକାର ଇଲେକ୍ଟ୍ରୋନିକ୍ ସରଞ୍ଜାମ ନିର୍ମାଣ କରୁଥିବା ତାଇୱାନୀ କମ୍ପାନି 'ଏସସ୍' ଲାପ୍‌ଟପ୍ ଓ ସ୍ମାର୍ଟଫୋନ୍ ଚାର୍ଜ କରିବା ପାଇଁ ଏକ ଛୋଟ ୬୫ ୱାଟ୍ ଚାର୍ଜର ବଜାରକୁ ଛାଡ଼ିଛି। କମ୍ ଉତ୍ତପ୍ତ ହୋଇ ସୁଦକ୍ଷ ଭାବରେ ବୈଦ୍ୟୁତିକ ସରଞ୍ଜାମ ଚାର୍ଜ କରି ପାରୁଥିବା ଗାଲିଅମ୍ ନାଇଟ୍ରାଇଡ୍ ବା 'ଗାନ୍' ଜ୍ଞାନକୌଶଳ ଉପରେ ଆଧାରିତ ଏହି ଚାର୍ଜର୍‌ର ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟ ରହିଛି। ଏଥିରେ ଦୁଇଟି ୟୁଏସ୍‌ବି ସି-ପୋର୍ଟ ରହିଛି, ଯାହା ମାଧ୍ୟମରେ ଏକା ସାଙ୍ଗରେ ଦୁଇଟି ବୈଦ୍ୟୁତିକ ଉପକରଣ ଦ୍ରୁତ ବେଗରେ ଚାର୍ଜ ହୋଇପାରିବ। ଏହା ସହିତ ୫ ଆମ୍ପିଅର୍ ପର୍ଯ୍ୟନ୍ତ ବିଦ୍ୟୁତ୍ ସ୍ରୋତ ସମ୍ଭାଳି ପାରୁଥିବା ଏକ ଦେଢ଼ ମିଟରର ତାର ମଧ୍ୟ ମିଳିବ। ସବୁଠୁ ବଡ଼ କଥା ହେଲା, ଏହା ପାରମ୍ପରିକ ଚାର୍ଜରଠାରୁ ଯଥେଷ୍ଟ ଛୋଟ। ତେଣୁ ଏହାକୁ ସହଜରେ ପକେଟ୍ ଭିତରେ ରଖିହେବ। ୩୨x୬୪.୧x୩୦ ମି.ମି. ଆକାର ବିଶିଷ୍ଟ ଏହି ଚାର୍ଜରର ଓଜନ ହେଉଛି ମାତ୍ର ୧୨୦ ଗ୍ରାମ୍। କୌଣସି ବିଦ୍ୟୁତ୍ ସକେଟ୍‌ରେ ଲାଗିଥିଲା ବେଳେ ଏହାର ବର୍ଗାକୃତି କଳେବର ପାଖରେ ଲାଗିଥିବା ଅନ୍ୟ ଚାର୍ଜର ଉପରେ ଆଦୌ ହସ୍ତକ୍ଷେପ କରେନାହିଁ। ଏହି ଚାର୍ଜରଟି ୩,୦୦୦ ଥର କେବଲ୍ ବେଣ୍ଡିଂ ଓ ୧୦,୦୦୦ ଥର ପୋର୍ଟରେ ଭର୍ତ୍ତି କରିବା ଓ ବାହାର କରିବା ପରୀକ୍ଷାରେ ସଫଳ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି। ମାତ୍ର ୩୦ ମିନିଟ୍‌ରେ ଏହା କୌଣସି ଉପକରଣକୁ ୫୦ ପ୍ରତିଶତ ଚାର୍ଜ କରିପାରୁଛି। ବର୍ତ୍ତମାନ ପାଇଁ ଏସସ୍-ଇ-ଷ୍ଟୋର୍‌ରେ ଉପଲବ୍ଧ ଏହି ଚାର୍ଜରର ଦାମ୍ ୨,୭୯୯ ଟଙ୍କା ରଖାଯାଇଛି।




## ଇଣ୍ଡିଆନ୍ ସ୍କାଉଟ୍ କ୍ଲାସିକ୍

'ଇଣ୍ଡିଆନ୍' କମ୍ପାନି ଭିଣ୍ଟେଜ୍ ବର୍ଗର ବାଇକ୍ 'ସ୍କାଉଟ୍ କ୍ଲାସିକ୍' ବଜାରକୁ ଛାଡ଼ିଛି। ଏହାର ଏକ୍ସ ସୋ'ରୁମ୍ ମୂଲ୍ୟ ରହିଛି ୧୯.୨ ଲକ୍ଷ ଟଙ୍କା। ଏହା ସ୍କାଉଟ୍ କ୍ଲାସିକ୍, ସ୍କାଉଟ୍ କ୍ଲାସିକ୍ ଲିମିଟେଡ୍ ଓ ସ୍କାଉଟ୍ କ୍ଲାସିକ୍ ଲିମିଟେଡ୍+ଟେକ୍ ପରି ତିନିଟି ଭାରିଆଣ୍ଟରେ ଉପଲବ୍ଧ। ବ୍ଲାକ୍ ମେଟାଲିକ୍, ସିଲ୍‌ଭର୍ କ୍ୱାର୍ତଜ୍ ସ୍ମୋକ୍, ଘୋଷ୍ଟ୍ ହ୍ୱାଇଟ୍ ମେଟାଲିକ୍ ଓ ସନ୍‌ସେଟ୍ ରେଡ୍ ମେଟାଲିକ୍ ଆଦି ଚାରିଟି ରଂଗରେ ଏହା ମିଳୁଛି। ଏଥିରେ ୧୨୫୦ ସିସିର ଲିକ୍ୱିଡ୍-କୁଲ୍‌ଡ ଭି-ଟ୍ୱିନ୍ ଇଞ୍ଜିନ୍ ଥିବାବେଳେ ଏହାର ଓଜନ ୨୫୨ କେଜି। ତେଲଟାଙ୍କି ଧାରଣ କ୍ଷମତା ୧୩ ଲିଟର। ଏହାସହିତ ଏଥିରେ ରାଇଡ୍ କମାଣ୍ଡ୍ ଦ୍ୱାରା ପ୍ରଦତ୍ତ ୪ ଇଞ୍ଚର ଟଚ୍‌ସ୍କ୍ରିନ୍, ଅନ୍-ବୋର୍ଡ ନାଭିଗେସନ୍, ଟୋ/ବମ୍ପ ଆଲର୍ଟ, ଭେଇକିଲ୍ ଲୋକେଟର୍, ୬ ସ୍ପିଡ୍ ଟ୍ରାନ୍ସମିସନ୍, କ୍ରୁଜ୍ କଣ୍ଟ୍ରୋଲ୍, ଟ୍ରାକ୍‌ସନ୍ କଣ୍ଟ୍ରୋଲ୍, କି'ଲେସ୍ ଇଗ୍‌ନିସନ୍, ଟେକ୍‌ନୋଲୋଜି ଟ୍ରିମ୍ ଏବିଏସ୍, ଡିଜିଟାଲ୍ ଟାକୋମିଟର୍, ଓଡୋମିଟର୍ ଇତ୍ୟାଦି ବୈଶିଷ୍ଟ୍ୟ ରହିଛି।





## ସବୁଠାରୁ ସୁରକ୍ଷିତ ବିମାନଯାତ୍ରା

ମାନଯାତ୍ରା ଅନେକଙ୍କ ମନରେ ଆଶଙ୍କା ଓ ଆତଙ୍କ ଭରିଦେଇଥାଏ। କାରଣ ଆକାଶମାର୍ଗରେ ଦୁର୍ଘଟଣାର ଅର୍ଥ ମୃତ୍ୟୁ ବୋଲି ଅନେକଙ୍କର ଧାରଣା ରହିଛି। ହେଲେ ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ବିମାନଯାତ୍ରା ଦିନକୁ ଦିନ ଅଧିକରୁ ଅଧିକ ନିରାପଦ ହେବାରେ ଲାଗିଛି। ଏପରିକି ପ୍ରତି ଦଶନ୍ଧିରେ ବିମାନ ଦୁର୍ଘଟଣାଜନିତ ମୃତ୍ୟୁ ଆଶଙ୍କା ୫୦% କମିବାରେ ଲାଗିଛି। ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଦ୍ୱାରା ସଂଗୃହୀତ ତଥ୍ୟାନୁଯାୟୀ, ୨୦୦୮ରୁ ୨୦୧୭ ମସିହା ମଧ୍ୟରେ ପ୍ରତି ୭୮ ଲକ୍ଷରୁ ଜଣେ ବିମାନଯାତ୍ରୀଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିବା ବେଳେ ୨୦୧୮ରୁ ୨୦୨୨ ମସିହା ଭିତରେ ପ୍ରତି ୧୩୭ ଲକ୍ଷ ଯାତ୍ରୀଙ୍କ ଭିତରୁ ମାତ୍ର ଜଣେ ମୃତ୍ୟୁମୁଖରେ ପଡ଼ିଥିବା ଜଣାଯାଇଛି। ବ୍ୟାବସାୟିକ ବିମାନସେବା ଆରମ୍ଭ ସମୟଠାରୁ ଏହା ଅନେକ ଉନ୍ନତତର। କାରଣ ୧୯୬୮ରୁ ୧୯୭୭ ମସିହା ଭିତରେ ବିମାନଯାତ୍ରୀଙ୍କର ମୃତ୍ୟୁହାର ପ୍ରତି ସାଢ଼େ ୩ ଲକ୍ଷରେ 'ଏକ' ରହିଥିଲା। ସେହିପରି ୧୯୭୮ରୁ ୧୯୮୭ ମସିହା ମଧ୍ୟରେ ଏହି ମୃତ୍ୟୁହାର ସାଢ଼େ ୭ ଲକ୍ଷ ପିଛା 'ଏକ' ରହିଥିବା ବେଳେ ୧୯୮୮ରୁ ୧୯୯୭ ମସିହା ମଧ୍ୟରେ ତାହା ୧୩ ଲକ୍ଷ ପିଛା 'ଏକ'କୁ ଖସି ଆସିଥିଲା ଏବଂ ୧୯୯୮ରୁ ୨୦୦୭ ଭିତରେ ତାହା ପୂରାପୂରି ଅଧା ହୋଇଯାଇଥିଲା, ଅର୍ଥାତ୍ ୨୭ ଲକ୍ଷରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ତେବେ ବିଭିନ୍ନ ଦେଶର ବିମାନ ନିରାପତ୍ତା ସ୍ତର ଭିନ୍ନ ଭିନ୍ନ ରହିଛି। ନିରାପତ୍ତା ଦୃଷ୍ଟିରୁ ଆମେରିକା, ନରୱେ, ସ୍ୱିଜରଲାଣ୍ଡ, ୟୁକେ, ଅଷ୍ଟ୍ରେଲିଆ, କାନାଡ଼ା, ଚୀନ୍, ଜାପାନ ଓ ନ୍ୟୁଜିଲାଣ୍ଡ ଆଦି ଦେଶ ଶୀର୍ଷ ଶ୍ରେଣୀରେ ରହିଥିବା ବେଳେ ଭାରତ ସମେତ ବ୍ରାଜିଲ, ଚିଲି, ଜୋର୍ଡାନ୍, ମେକ୍ସିକୋ, କୁଏତ, ମାଲେସିଆ ଓ ଦକ୍ଷିଣ ଆଫ୍ରିକା ଆଦି ଦେଶ ଦ୍ୱିତୀୟ ଶ୍ରେଣୀରେ ରହିଛନ୍ତି। ଅନ୍ୟ ଦେଶଗୁଡ଼ିକ ତୃତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ଉନ୍ନତ ଟ୍ରାଫିକ୍ ପରିଚାଳନା ଯୋଗୁଁ ବିମାନସେବା ଦୂରଯାତ୍ରାର ସବୁଠାରୁ ସୁରକ୍ଷିତ ମାଧ୍ୟମ ବୋଲି ସ୍ପଷ୍ଟ ହୋଇଛି।



## ହୃତ୍‌ସ୍ପନ୍ଦନ ଦ୍ୱାରା ଖୋଲିବ ଆଇଫୋନ୍

ସ୍କ୍ରିନ୍ ଲକ୍ ହୋଇ ଥିବା କୌଣସି ସ୍ମାର୍ଟଫୋନ୍‌କୁ ଅନ୍‌ଲକ୍ କରିବାକୁ ହେଲେ ଆମକୁ ପାସ୍‌ୱାର୍ଡ, ପିନ୍ ବା ଏକ ନିର୍ଦ୍ଦିଷ୍ଟ ଶୈଳୀର ରେଖାଚିତ୍ର ଆଙ୍କିବାକୁ ହୋଇଥାଏ। ଆଜିକାଲି ବ୍ୟବହାରକାରୀଙ୍କ ମୁହଁରେ ମଧ୍ୟ ଫୋନ୍ ଅନ୍‌ଲକ୍ ହେଉଛି। ତେବେ ଫୋନ୍‌କୁ ଅଧିକ ସୁରକ୍ଷିତ ତଥା ବ୍ୟବହାରଯୋଗ୍ୟ କରିବା ଲାଗି ମାଲିକଙ୍କ ହୃତ୍‌ସ୍ପନ୍ଦନ ଶୈଳୀକୁ ଉପଯୋଗ କରାଯିବା କଥା କୌଣସି କାଳ୍ପନିକ ବିଜ୍ଞାନ ଉପକଥା ପରି ଲାଗିପାରେ। ମାତ୍ର ନିକଟ ଭବିଷ୍ୟତରେ ଆପଲ୍ କମ୍ପାନି ତାହାର ଆଇଫୋନ୍ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସରଞ୍ଜାମରେ ସେଭଳି ଏକ ନୂତନ ବୈଶିଷ୍ଟ୍ୟ ଖଞ୍ଜିବ ବୋଲି ଘୋଷଣା କରିଛି। ସେଥିପାଇଁ କମ୍ପାନି ପାଟେଣ୍ଟ ମଧ୍ୟ ହାସଲ କରିସାରିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରତ୍ୟେକ ବ୍ୟକ୍ତିର ନିର୍ଦ୍ଦିଷ୍ଟ ତଥା ସ୍ୱତନ୍ତ୍ର ହୃତ୍‌ସ୍ପନ୍ଦନ ଶୈଳୀ ରହିଛି, ଯାହାକୁ ଏକ ଜୈବିକ ଚିହ୍ନଟକାରୀ ଭାବେ ବ୍ୟବହାର କରାଯାଇପାରିବ। ଆଇଫୋନ୍ ଓ ଅନ୍ୟାନ୍ୟ ସରଞ୍ଜାମ ହାତରେ ଧରିବା ମାତ୍ରେ ତାହା ଅଙ୍ଗୁଳିରୁ ସୂକ୍ଷ୍ମ ହୃତ୍‌ସ୍ପନ୍ଦନ ବାରିନେବ ଏବଂ ତାହା ସର୍ବନିମ୍ନ ସମୟରେ ଅନ୍‌ଲକ୍ ହୋଇଯିବ। ଏହି ନୂଆ ଫିଚର୍ ବଳରେ ଜଣେ ବ୍ୟବହାରକାରୀ ନିଜର ହୃତ୍‌ସ୍ପନ୍ଦନ ମାଧ୍ୟମରେ ଆଇଫୋନ୍ ଉପରେ ମାଲିକାନା ଜାହିର କରିପାରିବେ। ହୃଦ୍‌ସ୍ପନ୍ଦନ ମାପିବା ପାଇଁ କମ୍ପାନି ତାହାର ସ୍ମାର୍ଟୱାଚ୍‌ରେ ଯେଉଁ ଇସିଜି (ଇଲେକ୍ଟ୍ରୋକାର୍ଡିଓଗ୍ରାମ୍) ଜ୍ଞାନକୌଶଳ ଖଞ୍ଜିଛି, ତାହାକୁ ଆଇଫୋନ୍‌ରେ ମଧ୍ୟ ଉପଯୋଗ କରିବାକୁ ଯାଉଛି। ପଟେଣ୍ଟ ଅନୁଯାୟୀ, ଏହି ସରଞ୍ଜାମ ହୃତ୍‌କ୍ରିୟା ଓ ହୃତ୍-ବୈଦ୍ୟୁତିକ ସଂକେତରୁ ତାହା ନିର୍ଦ୍ଦିଷ୍ଟ ବ୍ୟବହାରକାରୀର ବୋଲି ସୁନିଶ୍ଚିତ ହୋଇଥାଏ। ପୂର୍ବରୁ ଆପଲ୍ ସ୍ମାର୍ଟୱାଚ୍‌ରେ ଏହି ଜ୍ଞାନକୌଶଳ ବିନିଯୋଗ ହୋଇଥିବା ବେଳେ କମ୍ପାନି ତାହାକୁ ଆଇଫୋନ୍ ଓ ଅନ୍ୟାନ୍ୟ ସରଞ୍ଜାମରେ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି।



## ଆପଣ ବି ହୋଇପାରିବେ ଜ୍ୟୋତିର୍ବିଜ୍ଞାନୀ!

କୃଷ୍ଣଗର୍ତ୍ତ ବା ବ୍ଲାକ୍‌ହୋଲ୍ ହେଉଛି ଏପରି ଏକ ମହାଜାଗତିକ ପିଣ୍ଡ, ଯାହାର ବସ୍ତୁତ୍ୱ ତଥା ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ଯେ ତହିଁରୁ ଆଲୋକରଶ୍ମି ମଧ୍ୟ ଖସି ଯାଇପାରେନାହିଁ। ତେଣୁ ତାହା ଅଦୃଶ୍ୟପ୍ରାୟ ଜଣାପଡ଼େ। ସାଧାରଣତଃ କୌଣସି ବୃହତ୍ ତାରକାର ବିଲୟରୁ ହିଁ ବ୍ଲାକ୍‌ହୋଲ୍‌ର ସୃଷ୍ଟି ହୋଇଥାଏ। ବ୍ରହ୍ମାଣ୍ଡରେ ଏପରି ଅନେକ ବ୍ଲାକ୍‌ହୋଲ୍ ଅଛି। ତେବେ ଆମର ନିକଟତମ ବ୍ଲାକ୍‌ହୋଲ୍‌ଟି ହେଉଛି 'ଗାଲା ବିଏଚ୍-୧', ଯାହା ଆମଠାରୁ ୧,୫୦୦ ଆଲୋକବର୍ଷ ଦୂରରେ ଅବସ୍ଥିତ।

ଏମିତି ତ କଳା ରଙ୍ଗ ପାଇଁ ବ୍ଲାକ୍‌ହୋଲ୍‌କୁ ଠାବ କରିବା ମୁସ୍କିଲ, ତା' ସହିତ ସେଗୁଡ଼ିକ ଆମଠାରୁ ଏତେ ଦୂରରେ ଅବସ୍ଥିତ ଯେ କେବଳ ଅତ୍ୟାଧୁନିକ ଦୂରବୀକ୍ଷଣରେ ହିଁ ସେଗୁଡ଼ିକର ସ୍ଥିତି ଠଉରେଇବା ସମ୍ଭବ। ତେବେ ଖୁସିର କଥା, 'ଡବ୍ ବ୍ଲାକ୍‌ହୋଲ୍ କନ୍‌ସୋର୍ଟିଅମ୍' ନାମକ ଏକ ବୈଜ୍ଞାନିକ ଦଳ ସ୍ମାର୍ଟଫୋନ୍ ମାଧ୍ୟମରେ ବ୍ଲାକ୍‌ହୋଲ୍ ଠାବ କରିବା ପାଇଁ 'ବ୍ଲାକ୍ ହୋଲ୍ ଫାଇଣ୍ଡର୍' ନାମରେ ଏକ ଅଭିନବ ଆପ୍ ଗଢ଼ିଛନ୍ତି। ଏହି ମାଗଣା ଆପ୍ ଦ୍ୱାରା ପ୍ରତ୍ୟେକ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଜଣେ ଜ୍ୟୋତିର୍ବିଜ୍ଞାନୀର ଭୂମିକା ନିଭାଇପାରିବେ। ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପରିଚାଳିତ ଫୋନ୍‌ରେ ଉପଲବ୍ଧ ଏହି ଆପ୍ ଦ୍ୱାରା ଯେ କେହି ନୂଆ ବ୍ଲାକ୍‌ହୋଲ୍‌ର ଆବିଷ୍କାରରେ ସହାୟକ ହୋଇପାରିବେ। 'ବ୍ଲାକ୍ ହୋଲ୍ ଫାଇଣ୍ଡର୍' ଆପ୍ ବ୍ୟବହାର ସମ୍ପର୍କରେ ଅଳ୍ପ ସମୟର ପ୍ରଶିକ୍ଷଣ ନେବା ପରେ ହିଁ ତାହାକୁ ବ୍ୟବହାର କରିହେବ। ଏହି ଆପ୍‌ଟି ମୂଳତଃ ଇଂରେଜୀ ଭାଷାରେ ଥିବା ବେଳେ ପରେ ତାହା ସ୍ପାନିସ୍, ଜର୍ମାନ୍, ଚୀନୀ, ଇଟାଲୀୟ, ପୋଲାଣ୍ଡୀୟ ଓ ବଙ୍ଗଳା ଭାଷାରେ ମଧ୍ୟ ଉପଲବ୍ଧ। ଏଥିରେ ବିଶେଷ କରି ଚିଲିଠାରେ ସ୍ଥାପିତ 'ବ୍ଲାକ୍‌ଜେମ୍' ଦୂରବୀକ୍ଷଣ ସମୂହ ଦ୍ୱାରା ଉତ୍ତୋଳିତ ବିଭିନ୍ନ ଛବିକୁ ବିଶ୍ଳେଷଣ କରି ଅନ୍ତରୀକ୍ଷରେ ଘଟୁଥିବା 'କିଲୋନୋଭା' ନାମକ ମହାଜାଗତିକ ଘଟଣାକୁ ଅନୁଧ୍ୟାନ କରିହେବ। ଉଲ୍ଲେଖଯୋଗ୍ୟ, ଏକ ନବଜାତ ତାରକାକୁ ନୋଭା କୁହାଯାଏ, ଯାହାର କ୍ଷୀଣ ଆଲୋକ ତୀବ୍ର ଗତିରେ ଜାଜ୍ୱଲ୍ୟମାନ ହେବାକୁ ଲାଗିଥାଏ। 'କିଲୋନୋଭା' କହିଲେ ହଜାରେ ଗୁଣ ଆଲୋକ ବିଶିଷ୍ଟ ନୋଭାକୁ ବୁଝାଯାଏ, ଯାହା ଦୁଇଟି ନ୍ୟୁଟ୍ରିନୋ ତାରକା ମଧ୍ୟରେ ଧକ୍କାଜନିତ ବିସ୍ଫୋରଣରୁ ସୃଷ୍ଟି ହୋଇଥାଏ। ପରୋକ୍ଷରେ କହିଲେ ଏହା ହିଁ ତାରକାର ମୃତ୍ୟୁ ତଥା କୌଣସି ବ୍ଲାକ୍‌ହୋଲ୍‌ର ଜନ୍ମକୁ ସୂଚାଇଥାଏ। ତେବେ ଅନେକ ସମୟରେ କୃତ୍ରିମ ସାଟେଲାଇଟ୍‌ରୁ ଆସୁଥିବା ସିଗ୍‌ନାଲ୍ 'କିଲୋନୋଭା'ର ଭ୍ରମ ସୃଷ୍ଟି କରିଥାଏ। ତେଣୁ ସିଗ୍‌ନାଲ୍ ବାସ୍ତବ କି ନୁହେଁ ତାହା ଠାବ କରିବା ଲାଗି ମାନବ ହସ୍ତକ୍ଷେପ ଜରୁରି। ଏହି ଆପ୍ ଜରିଆରେ ଯେ କେହି ସାଟେଲାଇଟ୍ ଚିତ୍ର ଦେଖି ତାହା ବ୍ଲାକ୍‌ହୋଲ୍‌ର କି ନୁହେଁ ସୁନିଶ୍ଚିତ କରିପାରିବେ।





# ବିଦ୍ୟାଳୟ ଗୃହ ନିର୍ମାଣ କାମ ବନ୍ଦ କଲେ ଗ୍ରାମବାସୀ

**କଳିଙ୍ଗନଗର,୧୨।୪ (ସଂଚାର ବ୍ୟୁରୋ):** ଦାନାଗଦୀ ବ୍ଲକରେ ନିର୍ମାଣ ଚାଲୁଥିବା ବିଦ୍ୟାଳୟ ଗୃହ କାମ କୁ ନେଇ ଭିନ୍ନ ଭିନ୍ନ ଅଭିଯୋଗ ହେଉଛି, କେଉଁଠି ବିଦ୍ୟାଳୟ ନିର୍ମାଣରେ ଫଳକ ନାହିଁ ତ କେଉଁଠି ନିମ୍ନ ମାନର କାମ ହେଉଛି ଆଉ କେଉଁଠି କଳା ପାଉଁଶ ଭର୍ତ୍ତି ହେଲାଣି ତ କେଉଁଠି ରାତି ଅଧିଆ କାମ ହେଉଛି, ଏପରି କି ଜଣେ ଜଣେ ଠିକାଦାର କାମ ନେଇ ଅନ୍ୟକୁ ବିକି ଦେଉଛନ୍ତି, ଏପରି ଏକ ଘଟଣା ଦେଖିବାକୁ ମିଳିଛି ଶାଳୀଜଙ୍ଗା ପଞ୍ଚାୟତର ଉଲିବେଦା ଗାଁ ରେ, ସେହି ଗାଁରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ରୁ ଆସିଥିବା ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ଗ୍ରାମବାସୀ ମାନେ ମିଳିତ ଭାବେ ଦେଖାଶୁଣା କରି କରିବା ପାଇଁ ଏକ ବୈଠକ କରି ଯନ୍ତ୍ରୀଙ୍କୁ ଜଣାଇଥିଲେ, କିନ୍ତୁ ଆଜି ଜଣଙ୍କ ନାମ ରେ କାମ ନେଇ ଅନ୍ୟ ଜଣ ବାହାର ଲୋକଙ୍କୁ ରାଜନୀତି କରି ବିକି ଦେଇଥିବା ତାହା ଜଣା ପଡିଛି, ଆଜି ଅନ୍ୟ ଜଣେ ଠିକାଦାର ଜେସିବି ମେସିନ ଦ୍ୱାରା କାମ ଆରମ୍ଭ କରୁଥିବା ବେଳେ ଗ୍ରାମବାସୀ ମାନେ ଏକାଠି ହୋଇ ବିରୋଧ କରି କାମ ବନ୍ଦ କରିଛନ୍ତି, ସେମାନଙ୍କ ଅଭିଯୋଗ ହେଉଛି ଆଦିବାସୀ ପଲ୍ଲୀ ଅଞ୍ଚଳ ହୋଇଥିବାରୁ ଠିକାଦାର ମାନେ ନିମ୍ନ ମାନର କାମ କରି ଦେଇ ଠକି ଦେଉଛନ୍ତି, ତେଣୁ ଆମ ଗ୍ରାମବାସୀ କାମ କରିବୁ, ଆମେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବାରମ୍ବାର ଆମେ କାମ କରିବୁ ବୋଲି ସ୍ଥାନୀୟ ନେତା ଜାଣିଛନ୍ତି, ତାପରେ ଗ୍ରାମବାସୀ ମାନଙ୍କୁ ନ ପଚାରି କିପରି କାମ ହେବ.. ଏ ଘଟଣା ସ୍ଥଳରେ ଥିବା ବାହାର ପଞ୍ଚାୟତର ଲୋକଙ୍କୁ ପଚାରିବାରୁ କୁଆଡେ ଆସିଛ ସେମାନେ କହୁଛନ୍ତି ଆମକୁ ବି. ଡି. ଓ ପଠାଉଛନ୍ତି, ଲୋକଙ୍କ ପ୍ରଶ୍ନ ଏ ମାନେ ତ ଯନ୍ତ୍ରୀ ନୁହଁନ୍ତି, ଏମାନେ ଆମ ପଞ୍ଚାୟତ ରେ ଆସିକି କାହିଁକି ରାଜନୀତି କରୁଛନ୍ତି, ଗ୍ରାମବାସୀ ଙ୍କ ଅଭିଯୋଗ ତାଙ୍କ ନାଁ ରେ ମିଛ କେସ କରି ପୋଲିସ ଡାକି ଥାନାରେ ପୁରାଇ ଦେବାକୁ ଭୟ ଦେଖାଉଛନ୍ତି,ଏପରି ଭାବେ କାମ ବନ୍ଦ ଅଛି,ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।



## ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ



**ଖପ୍ରାଖୋଲ,୧୨।୪(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବାୟୋ ବନ୍ଦନ ଯୋଜନା ର ଶୁଭାରମ୍ଭ କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନ ରେ ଅନୁଷ୍ଠିତ ହୋଇଥିବା ବେଳେ ଖପ୍ରାଖୋଲ ବ୍ଲକ୍ ର ଧଣ୍ଡାମୁଣ୍ଡା ଜେଳ ପଡିଆ, ଲାଠୋର ରାଧା କୃଷ୍ଣ ମନ୍ଦିର, ନାନ୍ଦୁପାଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଓ ଲୁହାସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଲାଠୋର ଠାରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଧଣ୍ଡାମୁଣ୍ଡା ଠାରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ନିରୁପମା ପଟେଲ ଓ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପ, ନାନ୍ଦୁପାଲା ଠାରେ ଜିଡିଓ ପରମେଶ୍ୱର ନାଏକ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ଓ ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ଲୁହାସିଂହା ଠାରେ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ୧୫ ଜଣ ଙ୍କୁ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କରିଥିଲେ।

## ବାଳାଶ୍ରମରେ ଜନ୍ମଦିନ ପାଳିଲେ ବିଧାୟକ



**ଫୁଲବାଣୀ,୧୨।୪(ସଂଚାର ବ୍ୟୁରୋ):** ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଉତ୍କଳ ବା ବାଳାଶ୍ରମ ଅନ୍ତେବାସୀଙ୍କ ସହିତ ନିଜ ନିଜର ଜନ୍ମଦିନ ପାଳନ କରିଛନ୍ତି। କେନ୍ଦୁପଦର ସ୍ଥିତ ବାଳାଶ୍ରମରେ ବିଧାୟକ ପିଲାଙ୍କ ସମସ୍ୟା ବୁଝିଥିଲେ। ପରେ କେକ୍‌କାଟି କାଟି ଜନ୍ମଦିନ ପାଳିବା ସହିତ ପିଲାଙ୍କ ସହିତ ରାତ୍ରି ଭୋଜନ କରିଥିଲେ। ଅନ୍ୟମାନେ ମାନଙ୍କ ମଧ୍ୟରେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ନାରୀ ସାହୁ, ବାଳାଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ଶ୍ରଦ୍ଧାଞ୍ଜଳି ରାଉତ ଓ ଉତ୍ତ ଓ ଅଧିକାରୀ ଶରତ ଚନ୍ଦ୍ର ରାଉତ ଓ ବାଳାଶ୍ରମ କର୍ମଚାରୀ ଉପସ୍ଥିତ ଥିଲେ। ଏ ଅବସରରେ ବିଧାୟକ ଏ କହିଛନ୍ତି।

## କୁଳକିରା ବାଗିଲରେ ନାମ ସଙ୍କୀର୍ତ୍ତନ



**ବାଲିପାଟଣା,୧୨।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧାଜିଲ୍ଲା ବାଲିପାଟଣା ବ୍ଲକ କୁଳକିରାବାଗିଲୋ ଗ୍ରାମରେ ମା' ଭୁବାସିନି ଙ୍କ ୨୪ ତମ ନାମ ସଙ୍କୀର୍ତ୍ତନ ଶେଷ ହାଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଭୁବାସିନି ଙ୍କ ଅପାର ମହିମା, କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା'ଙ୍କ ପୀଠର ପ୍ରଚାର, ପ୍ରସାର ଓ ଗ୍ରାମର ମଙ୍ଗଳ ନିମନ୍ତେ ତିନି ଧରି ଏହି ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ମା ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ପ୍ରାୟଭନ ସ୍ୱାଇଁ ଙ୍କ ତତ୍ତ୍ୱାବଧାନ ରେ ଏହି ନାମ ସଙ୍କୀର୍ତ୍ତନ ଖୁବ୍ ଶାନ୍ତି ଶୃଙ୍ଖଳା ରେ ଶେଷ ହୋଇଥିଲା। ନାମ ସଙ୍କୀର୍ତ୍ତନ ର କର୍ତ୍ତା ଶଙ୍କର ଭୋଳ ହୋଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷୟ ଭୋଳ, ରବୀନ୍ଦ୍ର ଭୋଳ, ପ୍ରତାପ ସ୍ୱାଇଁ, ସୁଶାନ୍ତ ଭୋଳ, ସୁଜିତ୍ ଭୋଳ, ଅଜିତ ଭୋଳ, ଜଚିନ୍ଦ୍ର ଭୋଳ, ପ୍ରଶାନ୍ତ ଭୋଳ, ଜୀବନ ପଣ୍ଡା, ଆଲୋକ ଭୋଳ, ପ୍ରହ୍ଲାଦ ଭୋଳ, ପାପୁନ୍ ଭୋଳ, ଦୀପକ ଭୋଳ, ଆଡଭୋକେଟ ସୌମ୍ୟ, ଇନ୍ଦ୍ରମଣି ଜେନା ଓ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ।

## କାଠ ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଫେରାର



**ଫୁଲବାଣୀ,୧୨।୪ (ସଂଚାର ବ୍ୟୁରୋ):** ଟିକାବାଲି ବନାଞ୍ଚଳ ଅନ୍ତର୍ଗତ ଲାଇନପଡା ସଂରକ୍ଷିତ ଜଙ୍ଗଲ ର ମାଲାଙ୍ଗସାହି ବୃକ୍ଷରୋପିତ ଜଙ୍ଗଲ ରୁ ଏକ କାଠ ବୋଝେଇ ଟ୍ରାକ୍ଟର ଜବତ ହୋଇଛି।ସୂଚନା ଅନୁସାରେ ଟିକାବାଲି ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ ଙ୍କ ସମେତ ଫୋରେଷ୍ଟର କମଳକାନ୍ତ ପ୍ରଧାନ, ଓ ବନ ରକ୍ଷି ଅରୁଣ ପାତ୍ର ଓ ପାରା ଷ୍ଟାଫ ପେଟ୍ରୋଲିଙ୍ଗ ଯାଉଥିବା ବେଳେ ମାଲାଙ୍ଗସୁଗା ସଂରକ୍ଷିତ ଜଙ୍ଗଲ ଭିତରେ ଟ୍ରାକ୍ଟର ଶବ୍ଦ ଶୁଣି ଭିତର କୁ ପଶିଲେ ବନବିଭାଗ। ଟ୍ରାକ୍ଟର ଗାଡି ଚାଳକ ବନ ବିଭାଗ କର୍ମଚାରୀ ଙ୍କୁ ଦେଖି ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରୁ ଶାଳ କାଠ ବୋଝେଇ ଟ୍ରାକ୍ଟର କୁ ଧରିବାରେ ସଫଳ ହୋଇଥିବା ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକଙ୍କ ଟ୍ରାକ୍ଟର ର ମୁଣ୍ଡ ନଂ (ଓ ଡି ୧୨ ୧୧୮୦)ହୋଇଥିବା ବେଳେ ତାର ଟ୍ରଲି (ଓ ଡି ୧୨ ୧୧୮୧) ଏପର୍ଯ୍ୟନ୍ତ ଟ୍ରାକ୍ଟର ର ମାଲିକ ଙ୍କ ନାମ ଜଣା ପଡ଼ିନାହିଁ ନଥିବା ଏବଂ ତଦନ୍ତ ପରେ ଜଣା ପଡ଼ିବ ବୋଲି କହିଛନ୍ତି ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ।ଏ ନେଇ ଟିକାବାଲି ଟିକାବାଲି ବନାଞ୍ଚଳ କାର୍ଯ୍ୟାଳୟ ରେ କେଶ ନମ୍ବର ୧/୨୦୨୫-୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଥିବା କହିଛନ୍ତି ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ।

## ବୈଶାଖ ଚତୁର୍ଦ୍ଦଶୀ ମେଳା ପାଇଁ ପ୍ରସ୍ତୁତି ବୈଠକ



**ଖପ୍ରାଖୋଲ,୧୨।୪ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ପ୍ରମୁଖ ପର୍ଯ୍ୟଟନ ସ୍ଥଳି ହରିଶଙ୍କର ଠାରେ ହେବାକୁ ଥିବା ହରିଶଙ୍କର ମହୋତ୍ସବ ତଥା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇ ହରିଶଙ୍କର ଠାରେ ପାଟଣାଗଡ଼ ଉପ-ଜିଲ୍ଲାପାଳ ତଥା ଦେବତ୍ତୋର କମିଟି ଅଧ୍ୟକ୍ଷ ସୁନୀଲ ମେହେର ଙ୍କ ଅଧ୍ୟକ୍ଷ୍ୟତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଞ୍ଚ ଦିନ ହେବ ବୋଲି ପ୍ରଶାସନ ତରଫରୁ ଜଣାପଡ଼ିଛି। ଅନ୍ୟ ବର୍ଷ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଅଞ୍ଚଳର ଜନ ସାଧାରଣଙ୍କର ଦାବି କୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାଞ୍ଚ ଦିନ ମହୋତ୍ସବ କରିବାକୁ ପ୍ରଶାସନ ନିଷ୍ପତି ନେଇଥିବା ମେହେର ପ୍ରକାଶ କରିଛନ୍ତି। ଆଗାମୀ ମେ ମାସ ୮ ରୁ ୧୨ ତାରିଖ ଯାଏ ଏହି ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ହେବ ବୋଲି ଜଣାଯାଇଛି। ଗନ୍ଧାମାର୍ଦ୍ଧନ ପାହାଡ ର ସେପଟେ ଥିବା ବରଗଡ଼ ଜିଲା ପାଇକମାଳ ବ୍ଲକ ର ନୃସିଂହନାଥ ଠାରେ ପ୍ରତିବର୍ଷ ମେଳା ପାଞ୍ଚ ଦିନ ଧରି ଆୟୋଜିତ ହୋଇ ଆସୁଥିବାରୁ ହରିଶଙ୍କର ଠାରେ ମେଳା ପାଞ୍ଚ ଦିନ ହେଲା ପରେ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଭିଡ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ୍ ଅଧ୍ୟକ୍ଷା ନିରୁପମା ପଟେଲ, ସହକାରୀ ଉପଜିଲ୍ଲାପାଳ ପଦ୍ମନାଭ ମହାରଣା ଓ ଖପ୍ରାଖୋଲ ଥାନା ଏସଆଇ ଲିଙ୍ଗରାଜ କିଷାନ ସମେତ ଦେବତ୍ତୋର କମିଟି ର ସମସ୍ତ ସଦସ୍ୟ, ସବ-କମିଟି ସଦସ୍ୟ ମାନେ ଯୋଗ ଦେଇଥିବା ବେଳେ ବ୍ଲକ୍ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ। ସମସ୍ତଙ୍କ ସହଯୋଗ ରେ ମେଳା କୁ ସରସ ସୁନ୍ଦର କରିବା ସହିତ ସଫଳ କରିବା ପାଇଁ ଉପ-ଜିଲ୍ଲାପାଳ ନିବେଦନ କରିଥିଲେ।

## ଉତ୍ତର ଉତ୍କଳ ତୌଳିକ ବୈଶ୍ୟ ସମାଜ ବାର୍ଷିକ ସଭା ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼:୧୨।୪(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଜ୍ଜଳପୁର ଗ୍ରାମ ସ୍ଥିତ ସନ୍ତୋଷୀ ମାତାଙ୍କ ଧର୍ମଶାଳା ଠାରେ ଶନିବାର ୧୦ ଘଟିକା ସମୟରେ ଉତ୍ତର ଉତ୍କଳ ତୌଳିକ ବୈଶ୍ୟ ସମାଜ ଗାଙ୍ଗପୁର ଅଞ୍ଚଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବୈଠକରେ ଆସନ୍ତା ବର୍ଷରେ ହୋବାକୁ ଥିବା ବାର୍ଷିକ ସଭା ଉଜ୍ଜଳପୁର ଗୃପ ଦ୍ୱାରା ଆୟୋଜିତ କରାଯିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା। ଉକ୍ତ ବାର୍ଷିକ ସଭା ପ୍ରସ୍ତୁତି ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏହି ବୈଠକରେ ଉଜ୍ଜଳପୁର ଉପକେନ୍ଦ୍ର ଉପସଭାପତି ହରିଶଙ୍କର ବେହେରା ସଭାପତିତ୍ୱ କରିଥିବା ବେଳେ ଇତମାଦ କେନ୍ଦ୍ର କମିଟିରୁ ସଭାପତି ନରେନ୍ଦ୍ର ବେହେରା, ସଂପାଦକ ବସନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ହାରାଚାନ୍ଦ ବେହେରା, ଆଇନ ପରାମର୍ଶଦାତା ଓକିଲ ଲଲିନ୍ଦ୍ର ବେହେରା ଓ ଶିବଶଙ୍କର ବେହେରା ଉପଦେଷ୍ଟା ଡାକ୍ତର ଲବଣୀଧର ଦାନୀ ଓ ପ୍ରଫେସର ଜୟାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଗାଙ୍ଗପୁର ଅଞ୍ଚଳର ୧୦ଟି ଗୃପର ସଭାପତି, ସଂପାଦକ ଓ ଅନ୍ୟାନ୍ୟ ପଦାଧିକାରୀ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ବୈଠକକୁ ଫକିରମୋହନ ପୃସେଟ ପରିଚାଳନା କରିଥିବା ବେଳେ ଶେଷରେ ଅଲେଖ ପୃସେଟ ଧନ୍ୟବାଦ ଅର୍ପଣ କରିଥିଲେ।



## ଓଡ଼ିଆ ପକ୍ଷ,ରକ୍ତଦାନ ଶିବିର




**ବଲାଙ୍ଗିର,୧୨।୪(ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ଜାତୀୟ ସେବା ଯୋଜନା ଓ ୟୁଥ ରେଡକ୍ରସ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମ୍ବାଦ ଆମ ଓଡିଶା ରକ୍ତଦାନ ଅଭିଯାନ ଏଥିରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଏହି ଶିବିରକୁ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର ଓ ୟୁଥ ରେଡକ୍ରସର ସଂଯୋଜକ ଡକ୍ଟର ଲିଙ୍ଗରାଜ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବଲାଙ୍ଗିର ରକ୍ତଭଣ୍ଡାରର ଡକ୍ଟର ଅଶୋକ କୁମାର ମିଶ୍ର, ରୋଜାଲିନ ନାଏକ, ଶେଖ୍ ଅବଦୁଲ ଅସରଫ, ସ୍ୱାଗତିକା ରାଉତ, ଚନ୍ଦ୍ରପ୍ରକାଶ ନାଗ ଓ ଦେବେନ୍ଦ୍ର ନନ୍ଦ ପ୍ରଭୃତି ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀଙ୍କ ସହ ପୂରାତନ ଛାତ୍ରଛାତ୍ରୀ, ବଜରଙ୍ଗ ଦଳ, ମାହେଶ୍ୱରୀ ସଂଗଠନ, ବିଙ୍ଗହ୍ୟୁମାନ ଫାଉଣ୍ଡେସନ ପ୍ରଭୃତି ଅନୁଷ୍ଠାନର ସଭ୍ୟ ଯୋଗଦାନ କରି ରକ୍ତଦାନରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ଛାତ୍ର ପିତାମ୍ବର, ସତ୍ୟବାନ, ନିଲେଶ, ମୋହନ, ଚିନ୍ମୟ, ବିରେନ୍ଦ୍ର, ଭଜ, ବିବେକ, ଶୁଭମ ଛାତ୍ରୀ ମିନତୀ, ଦିବ୍ୟାନୀ, ଶ୍ରାବଣୀ, ଆଶା, ସୁଦେଷ୍ଣା, ବିନୋଦିନୀ ମାମିନା, ମାମୀ, ଶ୍ରୁତି, ସସ୍ମିତା ପ୍ରଭୃତି ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ତାଣ୍ଡବ ରଚିଲା କାଳ ବୈଶାଖୀ, ବ୍ୟାପକ କ୍ଷୟକ୍ଷତି

**ବୈଶିଙ୍ଗା,୧୨।୪(ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟାରେ ହଠାତ ମହାକାଳ ବୈଶାଖି ବୈଶିଙ୍ଗା ଅଞ୍ଚଳ ପାଇଁ କାଳ ସନ୍ଧ୍ୟା ସଜାଇ ଦେଲା। ଶନିବାର ଡାହି ବାତି ସାପ୍ତାହିକ ହାଟ ରେ କାରବାର ଜୋର ସୋରରେ ଚାଲିଥିବା ବେଳେ ଘ.୫.୩୦ମିନିଟ୍ ସମୟରେ କାଳ ବୈଶାଖିର ଅକାଳ ଝଡ ବର୍ଷା ସବୁ ଛାରଖାର କରିଦେଲା। ଅତି କମ୍ ରେ ୧୦ ହଜାର ଗ୍ରାହକ ବ୍ୟବସାୟୀ ନିଜର ଜିନିଷପତ୍ର ଅକ୍ତିଆର କରିବା ପୂର୍ବରୁ ସବୁ ଉଡି ଉଡି ଚାଲିଗଲା। ଏଥି ସହିତ ଶହ ଶହ ଏକର ରବି ଧାନ ଚାଷ କରିଥିବା ଚାଷୀ ମାନଙ୍କର ଧାନ କ୍ଷେତ ମାଟିରେ ମିଶିଗଲା। ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବା ଯୋଗୁଁ କିଛି ସମୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇ ଥିବାର ଖବର ମିଳିଛି। ସବୁଠୁଁ ଦୁଃଖଦ ଖବର ବୈଶିଙ୍ଗା ଡାକ୍ତରଖାନାରେ ଘଟିଯାଇଛି। ଶହେ ବର୍ଷର ଐତିହ ବହନ କରୁଥିବା ବୈଶିଙ୍ଗା ଡାକ୍ତରଖାନାର ଭିତର ଛାତ ର ତଳ ପାର୍ଶ୍ୱରେ ନିର୍ମିତ ସିଲିଂ ଟି ଏହି ଝଡର ତାଣ୍ଡବ ପାଇଁ ସମ୍ପୂର୍ଣ୍ଣ ଗଳି ପଡ଼ିଥିଲା। ଏଥିରେ ଡାକ୍ତର, ନର୍ସ, କର୍ମଚାରୀ ଓ ଉପସ୍ଥିତ ରୋଗୀ ସମସ୍ତେ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଦୀର୍ଘ ଦିନ ଧରି ଚକ୍ଷଣା ବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ହେଲା ବୋଲି ଅନୁମାନ କରାଯାଇଛି।



## ଓଡ଼ିଆ ପକ୍ଷ ପାଳନରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୧୨।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନର ୧୨ତମ ଦିବସରେ ଶନିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ତଥା ଓଡ଼ିଶାର ବରପୁତ୍ର ମାନଙ୍କ ଆତ୍ମଜୀବନୀ ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଜିଲ୍ଲାର ସାହିତ୍ୟିକ, ଗାଳ୍ପିକ, ଲେଖକ ଲେଖିକା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ସ୍ୱାଗତିକା ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଆମେ ଆମ ସୁନ୍ଦରଗଡ଼ ତଥା ଓଡ଼ିଶା ମାଟିର ବରପୁତ୍ର ମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ, ନିଜ ନିଜ ଅଞ୍ଚଳର ବରପୁତ୍ର ମାନଙ୍କ ସମ୍ବନ୍ଧରେ ସମସ୍ତେ ଜାଣିବା ଆବଶ୍ୟକ ଏବଂ ସମାଜ ପାଇଁ ସେମାନେ ନିଜ ଜୀବନକୁ ମଧ୍ୟ ଜଳାଞ୍ଜଳି ଦେବାକୁ ପଛେଇ ନାହାନ୍ତି ସେହି ବୀର ବରପୁତ୍ର ମାନଙ୍କୁ ନେଇ ଆମେ ସର୍ବଦା ଗର୍ବିତ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ବରିଷ୍ଠ ସାହିତ୍ୟିକ ଗୋପ କୃଷ୍ଣ ନାୟକ, ଅଧ୍ୟାପିକା ଶ୍ରୀମତୀ ସୁସ୍ମିତା ଭୋଇ, ଗାଳ୍ପିକ ଶିବାଶିଷ ପାଢ଼ୀ, ଶିକ୍ଷକ ଗଣେଶ ତ୍ରିପାଠୀ ଯୋଗ ଦେଇ ବରପୁତ୍ର ମାନଙ୍କ ଜୀବନ, ଦର୍ଶନ, ଅବଦାନ ଏବଂ ଉପଲବ୍ଧି ଉପରେ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଆମେ ସମସ୍ତେ ସେହି ବରପୁତ୍ର ମାନଙ୍କ ଜୀବନ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମାଜର ବିକାଶ ଦିଗରେ ଆଗଭର ହେବାକୁ ଏବଂ ପ୍ରତ୍ୟେକ ମଣିଷଙ୍କ କିଛି ନା କିଛି ବିଶେଷତ୍ୱ ରହିଛି, ସେହି ବିଶେଷତା ସହିତ ସେ ନିଜର ମାହାତ୍ମ୍ୟ ପ୍ରତିପାଦନ କରି ପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିଭଳି ଶିକ୍ଷାବିତ୍ ତଥା ସାହିତ୍ୟିକ ଗଣେଶ ତ୍ରିପାଠୀ ସୁନ୍ଦରଗଡ଼ ଜିଲ୍ଲାର ବରପୁତ୍ର ବିଶିଷ୍ଟ କବି ବିନୋଦ ଚନ୍ଦ୍ର ନାୟକଙ୍କ ଉପରେ ଆଲୋଚନା କରିବା ସହିତ ତାଙ୍କର କାଳଜୟୀ ଲେଖା ଗ୍ରାମପଥ ଉପରେ ବିଶେଷ ଉପସ୍ଥାପନ କରିଥିଲେ। ଶିକ୍ଷାବିତ ତଥା ଗାଳ୍ପିକ ଶିବାଶିଷ ପାଢ଼ୀ ଐତିହାସିକ ଶିଶିର କୁମାର ନାଏକଙ୍କ ଉପରେ ଆଲୋଚନା କରିଥିଲେ ଏବଂ ତାଙ୍କ ଦ୍ୱାରା ଲିଖିତ ହେମଗିରି ଗଡ଼ ଉପରେ ବିଶେଷ ଆଲୋକପାତ କରିଥିଲେ।

● ମୋବାଇଲ ଦୋକାନରୁ ଚୋରି ଘଟଣା

## ୩୦ ମୋବାଇଲ ଓ ୭୧୦୦ ଟଙ୍କା ଜବତ

**ଭବାନୀପାଟଣା,୧୨।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ଶୁକ୍ରବାର ବିଭିନ୍ନ କମ୍ପାନୀର ୩୦ଟି ଚୋରି ମୋବାଇଲ ସମେତ ନଗଦ ୭୧ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜଣକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହର ଗାନ୍ଧୀଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ଏପ୍ରିଲ ୮ ତାରିଖ ରାତିରେ ଚୋରି ହୋଇଥିଲା। ଦୋକାନ ମାଲିକ ରମେଶ ଅଗ୍ରୱାଲ ତାପରଦିନ ଅର୍ଥାତ୍ ୯ ତାରିଖ ସକାଳରେ ଦୋକାନ ଖୋଲିବାକୁ ଆସିବାବେଳେ ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଦୋକାନ ଭିତରକୁ ପଶିବା ପରେ ଦୋକାନରେ ଥିବା ମୋବାଇଲ, ପାର୍ଟି ସମେତ ଟଙ୍କା କେହି ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ।

## ଅବକାରୀ ସଚିବଙ୍କ ସୁବର୍ଣ୍ଣପୁର ଗସ୍ତ

● ଛାତ୍ରଛାତ୍ରୀଙ୍କ ସହ ଖାଇଲେ ମଧ୍ୟାହ୍ନଭୋଜନ



**ସୁବର୍ଣ୍ଣପୁର,୧୨।୪(ସଂଚାର ବ୍ୟୁରୋ):** ରାଜ୍ୟ ହସ୍ତ ତନ୍ତ, ବୟନ ଓ ହସ୍ତ ଶିଳ୍ପ ଏବଂ ଅବକାରୀ ବିଭାଗ ଆୟୁକ୍ତ ତଥା ଜିଲ୍ଲା ନୋଡାଲ ସଚିବ ଗୁହା ପୁନମ ତାପସ କୁମାର ସୁବର୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରି ବିଭିନ୍ନ ଉନ୍ନୟନ ତଥା ଲୋକାଭିମୁଖୀ ଯୋଜନା ଗୁଡିକର ସଫଳ କାର୍ଯ୍ୟକାରିତାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ତା.୧୧/୦୪/୨୫ରେ ସୋନପୁର ପୌର ପରିଷଦ ଅନ୍ତର୍ଗତ ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହ ଶିକ୍ଷା ଓ ଶିକ୍ଷା ଦାନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପି ଏମ ଶ୍ରୀ ସ୍କୁଲ ଯୋଜନା ଅନ୍ତର୍ଗତ ମହାରାଜା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସ୍କୁଲର ଶୈକ୍ଷିକ ବାତାବରଣ, ସ୍କୁଲର ଖେଳ ପଡ଼ିଆ ତଥା ଶିକ୍ଷା ଦାନ ଉପରେ ପଚାରିବୁଝିବା ସହ ଛାତ୍ର ଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ସ୍କୁଲ ଛାତ୍ରଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରିଥିଲେ। ତତ୍ପରେ ଜିଲ୍ଲାର କଳାପଥର ଠାରେ ସ୍ଥିତ ମଦ ନିଗମ ଡିପୋ ପରିଦର୍ଶନ କରି ସମସ୍ତ ଷ୍ଟକ ଯାଞ୍ଚ କରିଥିଲେ। ରୁଗୁଡ଼ିପାଲି ଅଙ୍ଗନୱାଡି କେନ୍ଦ୍ର ଠାରେ ସ୍ୱୟଂ ସହାୟକ ସଦସ୍ୟା, ସୁଭଦ୍ରା ହିତାଧିକାରୀ ତଥା ପ୍ରଧାନ ମନ୍ତ୍ରୀ ପୋଷଣ ହିତାଧିକାରୀ ଙ୍କ ସହ ଭାବବିନିମୟ କରିଥିବା ବେଳେ ଶିଶୁଙ୍କ ସହ ଭାବ ବିନିମୟ କରିଥିଲେ ସଚିବ। ସେ ଏହି ଅବସରରେ ଶିଶୁ ବଟିକା ଯୋଜନା, ଅଙ୍ଗନବାଡି ଶିଶୁଙ୍କ ଆଧାର କାର୍ଡ ସଂଯୋଗୀକରଣ, ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରଭୃତି ଉପରେ ସମ୍ପୃକ୍ତ କେନ୍ଦ୍ର କର୍ମୀ ଙ୍କୁ ପଚାରିବୁଝିଥିଲେ। ସାଗରପାଲି ଠାରେ ବୁଣାକାର ସୁବିଧା କେନ୍ଦ୍ର ପରିଦର୍ଶନ କରି ଉତ୍ପାଦ ଗୋଷ୍ଠୀଙ୍କ ସହ ହସ୍ତତନ୍ତ ଉପରେ ଭାବବିନିମୟ କରି ସ୍ଥାନୀୟ, ସୋନପୁରୀ, ସମ୍ବଲପୁରୀ, ପାଟଶାଢ଼ୀ, ପାଟବସ୍ତ୍ରର ଉତ୍ପାଦ ଓ ବଜାରୀକରଣ ଉପରେ ଆଲୋଚନା କରିଥିଲ। ଅପରାହ୍ନ ରେ ଜିଲ୍ଲା ନୋଡାଲ ସଚିବ ସ୍ଥାନିୟ ସର୍କିଟ ହାଉସ ଠାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେ ଜିଲ୍ଲାର ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ଉପରେ ଖୁସିବ୍ୟକ୍ତ କରିଥିବାବେଳେ ସମସ୍ତ ବିଭାଗ ସେମାନେ ନିଜନିଜ ବିଭାଗୀୟ କାର୍ଯ୍ୟରେ ଉଚ୍ଚକୋଟୀର କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ସେ ଏହି ଅବସରରେ ଜିଲ୍ଲାସ୍ତରରେ କୌଣସି ବିଭାଗୀୟ ଉନ୍ନୟନ କାର୍ଯ୍ୟ ପ୍ରକଳ୍ପକୁ ସହମତି ଭିତ୍ତିରେ ସମ୍ପାଦନ କରିବାକୁ କହିଥିଲେ। ସେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାର ସୁବିଧା ଅସୁବିଧା ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନିଜନିଜ ବିଭାଗୀୟ ତଥ୍ୟ ପ୍ରଦାନ କରିଥିଲେ।

## ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ପାଳିତ

**ଦଶରଥପୁର,୧୨।୪(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ତ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ପାଳନ ଅବସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଟିକୁ ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗୌତମ ରାୟ ଫିତା କାଟି ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁରର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗୌତମ ରାୟ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସଭାପତି ତଥା ପରିବେଶବିତ ଜଗଦୀଶ ଶଙ୍କର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ପ୍ରମିଳା ବାଇ, ଏନଏସଏସ କୋଡ଼ିନେଟର ସୁଷମା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପିକା ତପସ୍ୱିନୀ ଭଞ୍ଜ, ଶୁଭଶ୍ରୀ ଘଡେଇ, କର୍ମଚାରୀ ଚିତ୍ତରଞ୍ଜନ ବାରିକ, କୁସେନ୍ଦ୍ର ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ମାନେ ସହଯୋଗ କରିଥିଲେ।

## ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼ରେ ଉପୁଡ଼ିଲା ଗଛ

● ଯାତାୟତ-ବିଦ୍ୟୁତ ସେବା ବାଧାପ୍ରାପ୍ତ



**ପାଟଣା,୧୨।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାରେ ତୁହାକୁ ତୁହା ଘଡ଼ଘଡି, ପବନ ସାଙ୍ଗକୁ କୁଆ ପଥର ବର୍ଷା ପବନ ଲାଗି ରହିଛି। ପବନ ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡ଼ିଛି। ଫଳରେ ଗମନାଗମନ ବ୍ୟାଘାତ ହେବା ସହ ବିଦ୍ୟୁତ ସରବରାହ ବ୍ୟାଘାତ ହୋଇଛି। ପାଟଣା କରଞ୍ଜିଆଦେଇ ଯାଇଥିବା ରାଞ୍ଚି ବିଜୟ ୱାଡା ୨୨୦ ନଂ ଜାତୀୟ ରାଜପଥ ଉପରେ ବଡ଼ବିଲ ପଞ୍ଚାୟତ ନିକଟରେ ଗଛ ପଡି ରହିଛି। ଖ ଜୁ ର ା ଡି ହ । ଛକରେ ଏକ ଦୋକାନ ଉପରେ ବଡ଼ ଗଛ ଉପୁଡ଼ି ପଡିଛି। ବର୍ଷା ପବନରେ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହି ଭଳି ବେଗେନା ଗ୍ରାମରେ ଏକ ବିଶାଳ ଶାଳ ଗଛ ଉପୁଡ଼ି ପଡ଼ିଛି। କୁଆପଥର ମାଡ଼ରେ ଅଞ୍ଚଳରେ ହୋଇଥିବା ପନିପରିବା ଚାଷ ସହ ଖରାଟିଆ ଧାନଫସଲ ଓ ଆମ୍ବ ନଷ୍ଟ ହୋଇଛି। କାଳ ବୈଶାଖୀ ପ୍ରଭାବରେ ବର୍ଷା ଜନିତ କାରଣରୁ ଲୋକେ ଅସହ୍ୟ ଗୁଳୁଗୁଳି ଓ ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି।

## ରାଜପଥରେ କିଏ ଛାଡ଼ିଗଲା ବାଇକ୍, ଲୋକେ ଭୟଭୀତ

**ଦାରିଙ୍ଗବାଡ଼ି,୧୨।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ୫୯ ନଂ ଜାତୀୟରାଜପଥର କାରିପାଙ୍ଗାଠାରେ ଏକ ଅଜଣା ଲୋକ ବାଇକ୍ ଛାଡ଼ି ପଳାଇଯାଇଥିବା ନେଇ ବିଭିନ୍ନ କଳ୍ପନାଜଳ୍ପନା କରାଯାଉଛି ଏହାକୁ ନେଇ ଲୋକମାନେ ଯେତିକି ଭୟଭୀତ ସେତିକି ଚର୍ଚ୍ଚା ମଧ୍ୟ ହେଉଛି। କିଏ କାହିଁକି ଏଭଳି ରାଜପଥ ଉପରେ ବାଇକ୍ ଛାଡ଼ି ଯାଇଛି ନା ଆଉ କିଛି ରହସ୍ୟ ଲୁଚି ରହିଛି ସେନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରୁ ଉକ୍ତ ରାଜପଥ ଉପରେ ଏକ ବାଇକ୍ ନଂ (ଓଆର ୧୨ ବି ୦୫୫୧)କୁ ରାଜପଥ ଉପରେ କେହି ଛାଡ଼ି ଚାଲିଯାଇଥିବା ବେଳେ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ତାକୁ ତାର ମାଲିକ ନ ନେବା ଜଣାପଡିଛି ରାଜପଥ ଉପରେ ଗୋରୁ ଶୋଉଥିବାବେଳେ ବାଇକ୍‌ଟି ଥିବା ଦେଖି କିଛି ଲୋକ ତାକୁ ରାଜପଥର କଡ଼କୁ ଘୁଞ୍ଚାଇ ରଖିଥିଲେ। ଖବର ଲେଖାହେବା ସୁଦ୍ଧା ବାଇକ୍‌ଟି ସେଠାରେ ହିଁ ରହିଛି। ପୋଲିସ ଏହାର ତଦନ୍ତ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।